

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୮ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 28 April 2026
Vol.No. 36 ■ No.111 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଯୁଦ୍ଧର ଅନ୍ତ-ହର୍ମୁଜ୍-ପରମାଣୁ ଅସ୍ତ୍ର: ଆମେରିକା ସହ ଆଲୋଚନା ପାଇଁ ୩-ପର୍ଯ୍ୟାୟ ପ୍ରସ୍ତାବ ଦେଲା ଇରାନ

ନୂଆଦିଲ୍ଲୀ,୨୭/୪ : ପାକିସ୍ତାନରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରୁ ଆମେରିକା ତଥା ଇରାନ ଉଭୟ ପକ୍ଷ ଓହରି ଯାଇଥିବା ବେଳେ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିଛି ଯେ ଯଦି ଆମେରିକା ପୁଣିଥରେ ଶାନ୍ତି ଆଲୋଚନା କରିବାକୁ ଚାହୁଁଛି, ତେବେ ଇରାନ ଆଲୋଚନା ପାଇଁ ଏକ ତିନି-ପର୍ଯ୍ୟାୟ ଫର୍ମୁଲା ପ୍ରସ୍ତାବ ଦେଇଛି। ତେହେରାନ ଦ୍ୱାରା ରଖାଯାଇଥିବା ସର୍ତ୍ତଗୁଡ଼ିକ ଯୁଦ୍ଧର ଅନ୍ତ, ହରମୁଜ୍ ପ୍ରଣାଳୀ ଏବଂ ପରମାଣୁ ସମସ୍ୟା ଉପରେ କେନ୍ଦ୍ରୀତ ହୋଇଛି। ଇରାନ ମଧ୍ୟସ୍ଥିଙ୍କ ମାଧ୍ୟମରେ ଆମେରିକାକୁ ଜଣାଇ ଦେଇଛି ଯେ ଯଦି ଆଲୋଚନାକୁ ସଫଳତାର ସହ ପୁଣି ଆରମ୍ଭ କରିବାକୁ ଆଗ୍ରହୀ ତେବେ ସେମାନଙ୍କୁ ତିନୋଟି ପର୍ଯ୍ୟାୟ ଦେଇ ଯିବାକୁ ପଡିବ। ପର୍ଯ୍ୟାୟ



୧: ଯୁଦ୍ଧର ସମ୍ପୂର୍ଣ୍ଣ ଅନ୍ତ। ଇରାନ ଏବଂ ଲେବାନନ ବିରୋଧରେ ପୁଣି ଯୁଦ୍ଧ ନକରିବା ପାଇଁ ଗ୍ୟାରେଣ୍ଟି। ପର୍ଯ୍ୟାୟ ୨: ଯଦି ପ୍ରଥମ ପର୍ଯ୍ୟାୟର ଦାବିଗୁଡ଼ିକ ଉପରେ ସହମତି ହୁଏ, ତେବେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇପକ୍ଷ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଅବରୋଧ ହର୍ମୁଜ୍ ପ୍ରଣାଳୀର ପରିଚାଳନା ଏବଂ ପ୍ରଶାସନ ବିଷୟରେ ଆଲୋଚନା କରିବେ। ପର୍ଯ୍ୟାୟ ୩: ଉପରୋକ୍ତ ଦୁଇଟି ପର୍ଯ୍ୟାୟ ଅତିକ୍ରମ କରିବା ପରେ ହିଁ ଇରାନ ପରମାଣୁ ପ୍ରସଙ୍ଗ ଉପରେ ଆଲୋଚନା କରିବ। ଏହା ଏକ ପ୍ରମୁଖ ପ୍ରସଙ୍ଗ। କାରଣ ଆମେରିକା ଦୀର୍ଘ ଦିନ ଧରି ତେହେରାନକୁ ୟୁରାନିୟମ ସମୃଦ୍ଧି ବନ୍ଦ କରିବାକୁ ଏବଂ ଦେଶରୁ ଏହାର ଷ୍ଟକ୍‌ପିଲ୍ ସ୍ଥାନାନ୍ତର କରିବାକୁ ଦାବି କରିଆସୁଛି। ପ୍ରସ୍ତାବର ଜବାବରେ, ହ୍ୱାଇଟ୍ ହାଉସ୍ ମୁଖପାତ୍ର ଅଲିଭିଆ ୱେଲ୍ସ କହିଛନ୍ତି, ଏଗୁଡ଼ିକ ସମ୍ବେଦନଶୀଳ କୂଟନୈତିକ ଆଲୋଚନା ଏବଂ ଆମେରିକା ଏହାକୁ ପ୍ରେସ୍ ମାଧ୍ୟମରେ ଆଲୋଚନା କରିବ ନାହିଁ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଆମେରିକା କେବଳ ଏଭଳି ଏକ ଚୁକ୍ତି କରିବ ଯାହା ଆମେରିକୀୟ ଲୋକଙ୍କ ସ୍ୱାର୍ଥକୁ ପ୍ରଥମେ ରଖିବ, ଇରାନକୁ କେବେବି ପରମାଣୁ ଅସ୍ତ୍ର ରଖିବାକୁ ଦିଆଯିବ ନାହିଁ। ଟ୍ରମ୍ପ ସୋମବାର ତାଙ୍କର ଶୀର୍ଷ ଜାତୀୟ ସୁରକ୍ଷା ଏବଂ ବୈଦେଶିକ ନୀତି ଦଳ ସହିତ ଏକ ପରିସ୍ଥିତି କକ୍ଷ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ମଧ୍ୟପ୍ରାଚ୍ୟରେ ଏକ ଅସ୍ଥାୟୀ ଅସ୍ତ୍ରବିରତି ଜାରି ରହିଛି। ଫେବ୍ରୁଆରିରେ ଆରମ୍ଭ ହୋଇଥିବା ଯୁଦ୍ଧକୁ ପ୍ରାୟ ଦୁଇ ମାସ ବିତିବା ସତ୍ତ୍ୱେ ଉଭୟ ପକ୍ଷ କୌଣସି ସମାଧାନର ନିକଟତର ହୋଇନାହାନ୍ତି।

## ୮ ନିଲମ୍ବିତ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଦାବି କଲା ବିଜେଡି: ୪୨ ଦିନ ପରେ ବାଚସ୍ପତିଙ୍କ ପାଖେ ପିଟିସନ୍ ଦାଖଲ



ଭୁବନେଶ୍ୱର, ୨୭/୪ (ନି.ପ୍ର): ରାଜ୍ୟସଭା ନିର୍ବାଚନର ୪୨ ଦିନ ପରେ ଦଳ ବଳ ଧରି ବାଚସ୍ପତିଙ୍କୁ ଭେଟିଲା ବିଜେଡି। ୮ ନିଲମ୍ବିତ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ ପାଇଁ ହେଲା ଫେରାଦ। ଦିନ ୧୧ ଟାରେ ବିଜେଡି ବିଧାୟକ ଏକାଠି ହେଲେ, ଶଙ୍ଖ ଭବନରେ ବୈଠକ କଲେ। ସେଠାରୁ ସିଧାସଳଖ ବାହାରି ବିଧାନସଭା ଆସିଲେ। ବିଧାନସଭାରେ ଆଠ ବିଧାୟକ କ୍ରସ୍ ଭୋଟିଂ କରିଥିବାରୁ ସେମାନଙ୍କ ସଭ୍ୟ ପଦ ରଦ୍ଦ କରାଯାଉ ବୋଲି ବାଚସ୍ପତିଙ୍କୁ ଅବଗତ କରାଇଛି ଦଳ। ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ନବ ମଲ୍ଲିକ, ଚକ୍ରମଣି କହଁର, ସୁବାସିନୀ ଜେନା, ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ ଓ ରମାକାନ୍ତ ଭୋଇଙ୍କ ସଭ୍ୟପଦ ରଦ୍ଦ ପାଇଁ ପୃଥକ ପୃଥକ ଭାବେ ଆଠଟି ପିଟିସନ୍ ବାଚସ୍ପତିଙ୍କ ନିକଟରେ ଦାଖଲ କରିଛି ବିଜେଡି। ଦଳୀୟ ନିଷ୍ପତ୍ତି ଓ ନିର୍ଦ୍ଦେଶ ନ ମାନି ଏହି ଆଠ ବିଧାୟକ ଦଳ ବିରୋଧରେ ମତ ମନ୍ତବ୍ୟ ଦେଇଥିବାରୁ ସ୍ୱେଚ୍ଛାକୃତ ଭାବେ ଏମାନେ ବିଜେଡିରୁ ଦୂରେଇ ଯାଇଛନ୍ତି। ଶରଦ ଯାଦବ ଓ ହିମାଚଳ ପ୍ରଦେଶର ଘଟଣାକୁ ଉଦ୍ଧାର କରି ଏସବୁ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ଦାବି କରିଛି ବିଜେଡି। ଆବଶ୍ୟକ ପଡିଲେ ଆଇନ୍ ର ଦ୍ୱାରସ୍ଥ ହେବୁ ବୋଲି ଦଳ ଚେତାବନୀ ଦେଇଛି। ସେପଟେ ବିଜେଡିକୁ କଡା କାଉଣ୍ଟର କରି ନିଲମ୍ବିତ ବିଧାୟକ ଦେବୀ ତ୍ରିପାଠୀ କହିଛନ୍ତି, ରାଜ୍ୟସଭା ନିର୍ବାଚନରେ ହ୍ୱିପ୍ କାମ କରେ ନାହିଁ। ଆମ ଉପରେ ଆକ୍ସନ ନେବା ଆଳରେ ଦଳରେ ଥିବା ବିଧାୟକଙ୍କୁ

◆◆ପୃଷ୍ଠା ୭

## ସବୁ ଥାନାରେ ସବ୍‌ଇନ୍ସପେକ୍ଟର ମରୁଡ଼ି: ରାଜ୍ୟରେ ଖାଲି ପଡ଼ିଛି ପ୍ରାୟ ୨ହଜାର ପଦ

ଭୁବନେଶ୍ୱର, ୨୭/୪ (ନି.ପ୍ର): ବହୁ ଚର୍ଚ୍ଚିତ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ସିବିଆଇ ତଦନ୍ତାଧୀନ ଥିବା ବେଳେ, ରାଜ୍ୟରେ ସମ୍ପୂର୍ଣ୍ଣ ଅଟକି ଯାଇଛି ପୁଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପ୍ରକ୍ରିୟା । ପୁଣିଥରେ ଏହି ପରୀକ୍ଷାକୁ ସ୍ୱଚ୍ଛ ଭାବେ କରିବା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି । ଯାହା ଫଳରେ ରାଜ୍ୟର ସମସ୍ତ ଥାନାରେ ଏବେ ସବ୍‌ଇନ୍ସପେକ୍ଟର ମରୁଡ଼ି ଦେଖାଦେଲାଣି ।




ଏଥିଯୋଗୁ ବିଭିନ୍ନ ମାମଲାର ତଦନ୍ତ ପ୍ରକ୍ରିୟା ମନ୍ଥର ହେବା ସହ ଅପରାଧ ନିୟନ୍ତ୍ରଣରେ ବି ସମସ୍ୟା ଦେଖାଦେଉଛି । ରାଜଧାନୀ ଭୁବନେଶ୍ୱରସ୍ଥିତ ମହିଳା ଥାନା ।

◆◆ପୃଷ୍ଠା ୭

## ୧୯ଟି ଡିଭିଜନରେ ନିଆଁ ଲାଗିଛି: ପିସିସିଏଫ

ଭୁବନେଶ୍ୱର, ୨୭/୪ (ନି.ପ୍ର): ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଜଙ୍ଗଲ ବିଭାଗ ସଜାଗ ରହିଛି। ୧୯ ଟି ଡିଭିଜନରେ ନିଆଁ ଲାଗିଥିବା ଜଣାପଡିଛି।ହେଲେ ବାଲିଗୁଡା ଓ କଳାହାଣ୍ଡି ରେଞ୍ଜରେ ଅଧିକ ସଂଖ୍ୟାରେ ନିଆଁ ଲାଗୁଛି ବୋଲି ପିସିସିଏଫ କେ ମୁରୁଗେସନ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପୋଡୁ ଚାଷ ପାଇଁ ନିଆଁ ଲଗାଉଛନ୍ତି। ଯଦିଓ ଏହା ଚାଷ ଜମି, ହେଲେ ଜଙ୍ଗଲ ଡିଭିଜନ ରେ ଆସୁଥିବାରୁ ସଂଖ୍ୟା ବଢିଚାଲିଛି।

◆◆ପୃଷ୍ଠା ୭

## ନୂଆ ପୁଲିସ ଡିଜି ରେସ୍‌ରେ ୩ ନାଁ: ଦିଲ୍ଲୀକୁ ଗଲା ତାଲିକା

ଭୁବନେଶ୍ୱର, ୨୭/୪ (ନି.ପ୍ର): ପୁଲିସ ଡିଜି ୱାଇ.ବି ଖୁରାନିଆଙ୍କ କାର୍ଯ୍ୟକାଳ ସରି ଆସୁଥିବା ବେଳେ ନୂଆ ପୁଲିସ ଡିଜି ଚୟନ ପ୍ରକ୍ରିୟା ଆରମ୍ଭ କରିଛନ୍ତି ସରକାର । ଚର୍ଚ୍ଚା ଅନୁଯାୟୀ, ନୂଆ ପୁଲିସ ଡିଜି ଭୂମିକାରେ ଜଣେ ଦକ୍ଷ ଓ ଅଭିଜ୍ଞତା ସମ୍ପନ୍ନ ବ୍ୟକ୍ତିଙ୍କୁ ଚାହୁଁଛନ୍ତି ସରକାର । ଯିଏ ସରକାର ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ରଖିବା ସହ ରାଜ୍ୟ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ଗୁରୁଦାୟିତ୍ୱ ତୁଲାଇବ । ତେଣୁ ସେଭଳି ଜଣେ ଚେହେରା ଖୋଜା ଭିତରେ ୩ ଜଣଙ୍କ ନାଁ ଏବେ ଚର୍ଚ୍ଚାରେ । ଯୋଗେଶ ବାହାଦୂର ଖୁରାନିଆ । ୧୬ ଅଗଷ୍ଟ ୨୦୨୪ରୁ ଓଡ଼ିଶା ପୁଲିସ ମୁଖିଆ ଭାବେ ଦାୟିତ୍ୱରେ ରହିଛନ୍ତି । ଆସନ୍ତା ଅଗଷ୍ଟ ୧୬ ତାରିଖରେ



ସରୁଛି ତାଙ୍କର କାର୍ଯ୍ୟକାଳ । ପାୱାର କରିଡରରେ ଚର୍ଚ୍ଚା ଅନୁସାରେ, ମୋହନ ସରକାର ତାଙ୍କର କାର୍ଯ୍ୟ ଅବଧିକୁ ଆଉ ବଢାଇ ନପାରନ୍ତି । ତେଣୁ ନୂଆ ପୁଲିସ ମୁଖିଆ ଖୋଜା ଅଭିଯାନ ଆରମ୍ଭ କରିଛନ୍ତି ଟିମ୍ ମୋହନ । ଚର୍ଚ୍ଚା ଅନୁସାରେ, ୩ ବରିଷ୍ଠ ଆଇପିଏସ୍‌ଙ୍କ ନାଁ ୟୁପିଏସ୍‌ସିକୁ ପଠାଇଛନ୍ତି ରାଜ୍ୟ ସରକାର । ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆର.ପି.କୋଚେଙ୍କ ନାଁ ତାଲିକାରେ ରହିଥିବା ସୂଚନା ମିଳିଛି । ୟୁପିଏସ୍‌ସିର ଗ୍ରିନ୍ ସିଗ୍ନାଲ ପାଇବା ପରେ ପୂରା ପ୍ରକ୍ରିୟାକୁ ଆଗକୁ ନେବେ ସରକାର । ୧୯୯୦ ବ୍ୟାଚର ଆଇପିଏସ ଅଫିସର ସୁଧାଂଶୁ ଷଡଙ୍ଗୀ ଏ ରେସ୍‌ରେ ଆଗରେ ଥିବା କୁହାଯାଉଛି । ଏବେ ଅଗ୍ନିଶମ ବିଭାଗ, ହୋମଗାର୍ଡ ଓ ସିଭିଲ ଡିଫେନ୍ସର ଡିଜି ଭାବେ ଦାୟିତ୍ୱରେ ଅଛନ୍ତି ସୁଧାଂଶୁ ଷଡଙ୍ଗୀ । ପୂର୍ବରୁ କଟକ-ଭୁବନେଶ୍ୱରର ପୁଲିସ କମିସନର ଭାବେ ଆଇନଶୃଙ୍ଖଳା ଦାୟିତ୍ୱ ସୂଚାରୁ ରୂପେ ତୁଲାଇଛନ୍ତି । ସେହିଭଳି ୧୯୯୩ ବ୍ୟାଚର ଆଇପିଏସ ଅଫିସର ସୁଶାନ୍ତ ନାଥ ଏବେ ଜେଲ୍ ଡିଜି ଦାୟିତ୍ୱରେ ରହିଛନ୍ତି । ପୂର୍ବରୁ କେନ୍ଦ୍ରୀୟ ଡେପୁଟେସନରେ ଗୁରୁତ୍ୱପୂର୍ଣ୍ଣ ବିଭାଗ କାମ କରି ନିଜ କାର୍ଯ୍ୟଦକ୍ଷତା ଦେଖାଇଛନ୍ତି ।

◆◆ପୃଷ୍ଠା ୭

## ବିଏମସି ପକ୍ଷରୁ ଜନଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱରଭୁବନେଶ୍ୱର, ୨୭/୪ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସୋମବାର ଦିନ ଜନ ଶୁଣାଣି ବିଏମ୍ ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କମିଶନର ରତ୍ନାକର ସାହୁ ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ତୁରନ୍ତ ଆଇନ ଅନୁଯାୟୀ ସମାଧାନ କରିବା ପାଇଁ ଉପସ୍ଥିତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଏମ୍ ସି ସମସ୍ତ ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବିଏମ୍ ସି ପକ୍ଷରୁ ହେଉଥିବା ଏହି ଜନ ଶୁଣାଣିରେ ସେମାନଙ୍କ ଅଭିଯୋଗ ଶୁଣାଯାଉଛି ଏବଂ ସମସ୍ୟା ସମାଧାନର ବାଟ ଖୋଲୁଥିବାରୁ, ଲୋକେ ବେଶ୍ ସନ୍ତୋଷ ପ୍ରକାଶ କରିଛନ୍ତି ।

## ମଧ୍ୟପ୍ରଦେଶର ନର୍ମଦାପୁରମ-ପିପରିଆ ଷ୍ଟେଟ ହାଇୱେରେ ଦୁର୍ଘଟଣା: ୫ ମୃତ

ନୂଆଦିଲ୍ଲୀ,୨୭/୪ : ମଧ୍ୟପ୍ରଦେଶର ନର୍ମଦାପୁରମ-ପିପରିଆ ରାଜ୍ୟ ରାସ୍ତାରେ ଆଞ୍ଚଲଖେଡ଼ା ନିକଟରେ ରବିବାର ବିଳମ୍ବିତ ରାତିରେ ଟାଭେରା ଓ ଧାନ୍ୟ ଭର୍ତ୍ତି ଟ୍ରାକ୍ଟର-ଟ୍ରଲି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ଟାଭେରାରେ ଯାତ୍ରା କରୁଥିବା ପାଞ୍ଚ ଜଣଙ୍କ ମୃତ୍ୟୁ ଘଟିଛି, ଯେତେବେଳେ ପ୍ରାୟ ୬-୭ ଜଣ ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ରବିବାର ବିଳମ୍ବିତ ରାତି ପ୍ରାୟ ୧ଟାରେ ଘଟିଥିଲା। ପୀଡ଼ିତମାନେ ମହେନ୍ଦ୍ରୱାଡ଼ୀ ଓ ମାଖନନଗରର ରହୁଥିଲେ। ସେମାନେ ସମସ୍ତେ ଗାଁର ରାଘନେନ୍ଦ୍ର ମୋରସ୍ତାଙ୍କ ବିବାହରେ ଯୋଗଦେବା ପାଇଁ ବୁଧନୀକୁ ଯାଇଥିଲେ। ସେମାନେ ରାତିରେ ମହେନ୍ଦ୍ରୱାଡ଼ୀକୁ ଫେରୁଥିବା ବେଳେ ସାମ୍ନାସାମ୍ନି ଆସୁଥିବା ଧାନ୍ୟ ଭର୍ତ୍ତି ଟ୍ରାକ୍ଟର-ଟ୍ରଲି ସହ ତାଙ୍କ ଗାଡ଼ି ଧକ୍କା ଖାଇଥିଲା।

## ଭାରତ-ନ୍ୟୁଜିଲାଣ୍ଡ ଚୁକ୍ତିନାମା : କିୱି-ମଦ ଶସ୍ତା, କୃଷକଙ୍କ ସୁରକ୍ଷା ପାଇଁ ବଡ଼ ନିଷ୍ପତ୍ତି ନେଲେ ମୋଦୀ ସରକାର

ନୂଆଦିଲ୍ଲୀ,୨୭/୪ : ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ)ଦୁଇ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଏକ ନୂତନ ଦିଗଦର୍ଶନ ଦେଇଛି । ଏହି ଚୁକ୍ତିନାମା ବାଣିଜ୍ୟ ବୃଦ୍ଧି କରିବାର ଏକ ମାଧ୍ୟମ ସହିତ ବୃତ୍ତିଗତ, ଛାତ୍ରଛାତ୍ରୀ ଏବଂ ଶିଳ୍ପ ପାଇଁ ସୁଯୋଗର ନୂତନ ଦ୍ୱାର ମଧ୍ୟ ଖୋଲିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ଦୁଇ ଦେଶ ମଧ୍ୟରେ ସାମଗ୍ରୀ ବାଣିଜ୍ୟ ପ୍ରାୟ ୧.୩ ବିଲିୟନ ଡଲାର ଥିଲା, ଯାହାକୁ ବର୍ତ୍ତମାନ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୫ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି । ଏହି ଚୁକ୍ତିନାମାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତୀୟ ବୃତ୍ତିଗତଙ୍କ ପାଇଁ



ଅସ୍ଥାୟୀ ଭିସା ପ୍ରଦାନ। ଏବେ, ପ୍ରତିବର୍ଷ ୫,୦୦୦ ଭାରତୀୟ ବୃତ୍ତିଗତ ନ୍ୟୁଜିଲାଣ୍ଡ ଯାତ୍ରା କରି କାମ କରିପାରିବେ। ଏହା ଏକ ସୁବର୍ଣ୍ଣ ସୁଯୋଗ। ବିଶେଷକରି ଆଇଟି, ଇଞ୍ଜିନିୟରିଂ, ସ୍ୱାସ୍ଥ୍ୟସେବା, ନିର୍ମାଣ, ଯୋଗ ଏବଂ ସେଫ୍ ଭଳି କ୍ଷେତ୍ରର ଯୁବପିଢ଼ି ଏହା ଦ୍ୱାରା ଉପକୃତ ହେବେ। ଏହି ପଦକ୍ଷେପ କେବଳ ଭାରତର ଦକ୍ଷତା ଶକ୍ତିକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପ୍ରଦାନ କରିବ ନାହିଁ ବରଂ ନ୍ୟୁଜିଲାଣ୍ଡର ଶ୍ରମଶକ୍ତି ଆବଶ୍ୟକତା ପୂରଣ କରିବାରେ ମଧ୍ୟ ସାହାଯ୍ୟ କରିବ। ଏହି ଚୁକ୍ତିନାମା ଅନୁଯାୟୀ, ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ନିୟମଗୁଡ଼ିକୁ ଯଥେଷ୍ଟ ସରଳ କରାଯାଇଛି । ଛାତ୍ର ଭିସା କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି, ଯାହାର ଅର୍ଥ ହେଉଛି ଅଧିକ ସଂଖ୍ୟକ ଭାରତୀୟ ଛାତ୍ରଛାତ୍ରୀ ନ୍ୟୁଜିଲାଣ୍ଡ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ । ଏହା ବ୍ୟତୀତ, ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସମୟରେ ସପ୍ତାହକୁ ଅତି କମରେ ୨୦ ଘଣ୍ଟା କାମ କରିବାକୁ ଅନୁମତି ଦିଆଯାଇଛି । ଏହି ବ୍ୟବସ୍ଥା ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା ସମୟରେ ଆର୍ଥିକ ଭାବରେ ସଶକ୍ତ କରି ବିଦେଶରେ ସେମାନଙ୍କର ଜୀବନଯାପନ ଖର୍ଚ୍ଚ ହ୍ରାସ କରିବାରେ ସାହାଯ୍ୟ କରିବ। ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପ୍ରାୟତଃ ବଜାର ଖୋଲିବାର ଅର୍ଥ ରଖେ, କିନ୍ତୁ ଭାରତ ଏହାର ଘରୋଇ ସ୍ୱାର୍ଥକୁ ସୁରକ୍ଷା ଦେଇ ସତର୍କତାର ସହିତ ସେଗୁଡ଼ିକୁ କାର୍ଯ୍ୟକାରୀ କରିଛି । ଭାରତ ନ୍ୟୁଜିଲ୍ୟାଣ୍ଡର ୯୫ ପ୍ରତିଶତ ରପ୍ତାନି ଉତ୍ପାଦ ଉପରେ ଶୁଳ୍କ ହ୍ରାସ କରିଛି କିମ୍ବା ସମାପ୍ତ କରିଛି,

◆◆ପୃଷ୍ଠା ୭

## ଇସ୍ରାଏଲୀ ଧମକ ଆଗରେ ମୁଣ୍ଡ ନୁଆଁଇବାକୁ ମନା କଲା ହେଜବୁଲ୍ଲା : ଏହା ବଡ଼ ପାପ

ନୂଆଦିଲ୍ଲୀ,୨୭/୪ : ହେଜବୁଲ୍ଲା ଇସ୍ରାଏଲୀ ଧମକ ଆଗରେ ମୁଣ୍ଡ ନୁଆଁଇବାକୁ ମନା କରିଦେଇଛି ଏବଂ ଇସ୍ରାଏଲ ସହିତ ସିଧାସଳଖ ଆଲୋଚନା କରିବାକୁ ଲେବାନନ ସରକାରଙ୍କ ପ୍ରୟାସକୁ ବଡ଼ ପାପ ବୋଲି କହିଛି। ହେଜବୁଲ୍ଲା ନେତା ନଇମ କାସେମ ଇସ୍ରାଏଲ ସହିତ ପ୍ରସ୍ତାବିତ ସିଧାସଳଖ ଆଲୋଚନାକୁ ବେକାର ଏବଂ ଲେବାନନ ପାଇଁ କ୍ଷତିକାରକ ବୋଲି କହି ଲେବାନନ ସରକାରଙ୍କୁ ଏହା ବାତିଲ କରିବାକୁ ଦାବି କରିଛନ୍ତି। ହେଜବୁଲ୍ଲା ୱାସିଂଟନରେ ଲେବାନନ ଏବଂ ଇସ୍ରାଏଲୀ ରାଷ୍ଟ୍ରଦୂତଙ୍କ ମଧ୍ୟରେ ଆଲୋଚନାକୁ ହେଜବୁଲ୍ଲାକୁ ନିରସ୍ତ୍ର କରିବା ପାଇଁ କରାଯାଉଛି ବୋଲି କହି ଏହା ଏକ ବଡ଼ ପାପ ବୋଲି କହିଛି। ହେଜବୁଲ୍ଲା ସ୍ପଷ୍ଟ କରିଛି ଯେ, ଇସ୍ରାଏଲୀ ଧମକ କିମ୍ବା ଆକ୍ରମଣ ନିକଟରେ ଆତ୍ମସମର୍ପଣ କରିବ ନାହିଁ କି ହାର୍ ମାନିବ ନାହିଁ। ନିଜର ପ୍ରତିରକ୍ଷା ପ୍ରତିରୋଧ ଜାରି ରଖିବ। ଇସ୍ରାଏଲ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଂଘନ କରୁଥିବା ହେଜବୁଲ୍ଲା ଅଭିଯୋଗ କରିଛି ଏବଂ କହିଛି, ଇସ୍ରାଏଲୀ ଆକ୍ରମଣର କଡ଼ା ଜବାବ୍ ଦିଆଯିବ। ଏହି ବିବୃତି ଦକ୍ଷିଣ ଲେବାନନରେ ଉତ୍ତେଜନା ବୃଦ୍ଧି ସମୟରେ ଆସିଛି, ଯେଉଁଠାରେ ଇସ୍ରାଏଲୀ ସେନା ଆଇଡିଏଫ୍ ହେଜବୁଲ୍ଲା ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣକୁ ଜୋରଦାର୍ କରିଛି। ହେଜବୁଲ୍ଲା ସ୍ପଷ୍ଟ କରିଛି ଯେ, ଇସ୍ରାଏଲ ସହିତ ଯେକୌଣସି ସିଧାସଳଖ କୂଟନୈତିକ ସମ୍ପର୍କକୁ ଆମେ ଦୃଢ଼ ବିରୋଧ କରୁଛି। ଆମେ ସାମରିକ ସଂଘର୍ଷ ପାଇଁ ପ୍ରସ୍ତୁତ ଅଛୁ।

# ମାଳିପଶି ଗ୍ରାମରେ ଡାଇରିଆର ଆତଙ୍କ: ପ୍ରଶାସନିକ ଅବହେଳା ଓ କୁକୁଡ଼ା ଫାର୍ମକୁ ନେଇ ଜନଅସନ୍ତୋଷ

ଚମ୍ପୁଆ, ୨୭/୦୪ (ନି.ପ୍ର): ଚମ୍ପୁଆ ବ୍ଲକ ଉଳବାଲି ଗ୍ରାମପଂଚାୟତ ଅନ୍ତର୍ଗତ ମାଳିପଶି ଗ୍ରାମରେ ଏବେ ଡାଇରିଆ ବା ଝାଡ଼ାବାନ୍ତିର ପ୍ରାଦୁର୍ଭାବ ଦେଖାଦେଇଛି । ଗ୍ରାମର ଏକାଧିକ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷର ବାତାବରଣ ଖେଳିଯାଇଛି । ତେବେ ଏହି ସଙ୍କଟ ସମୟରେ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମୀଙ୍କ ଅବହେଳା ଏବଂ ଗ୍ରାମ ମଧ୍ୟରେ ଥିବା ଏକ ବେଆଇନ କୁକୁଡ଼ା ଫାର୍ମ ଏହି ରୋଗ ବ୍ୟାପିବାର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରୋଗ ବ୍ୟାପିବା ପରେ ସେମାନେ ସ୍ଥାନୀୟ ଆଶା କର୍ମୀ ଓ ଏଏନ୍‌ଏମ୍ ଦିଦିଙ୍କୁ ଓଆରଏସ ପ୍ୟାକେଟ୍ ମାଗିଥିଲେ। କିନ୍ତୁ ସ୍ୱାସ୍ଥ୍ୟ କର୍ମୀମାନେ ପାଖରେ ଔଷଧ ନଥିବା କହି ରୋଗୀଙ୍କୁ ଡାକ୍ତରଖାନା ଯିବାକୁ କହି ଦାୟିତ୍ୱ ସାରିଦେଇଥିଲେ। ଯଦି ଜରୁରୀ ସମୟରେ ଆମକୁ ସାଧାରଣ ଓଆର୍‌ଏସ୍ ଟିକେ ମିଳିବ ନାହିଁ, ତେବେ ଡାକ୍ତରଖାନା ଓ ସ୍ୱାସ୍ଥ୍ୟକର୍ମୀ ରହି କି ଲାଭ ବୋଲି ଗ୍ରାମବାସୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସରକାରୀ ସ୍ତରରେ ଗାଁ ଗାଁରେ ସ୍ୱାସ୍ଥ୍ୟସେବା ପହଂଚାଇବା ପାଇଁ ବଡ଼ ବଡ଼ ଦାବି କରାଯାଉଥିବା ବେଳେ, ଜରୁରୀ ସମୟରେ ଓଆରଏସ ଟିକେ ନମିଳିବା ସ୍ୱାସ୍ଥ୍ୟ ବିଭାଗର ଅସଲ ମୁଖା ଖୋଲିଦେଇଛି । ତେବେ ଗ୍ରାମରେ ଡ଼ାଇରିଆ ବ୍ୟାପିବା ଖବର ପାଇବାପରେ ସ୍ଥାନୀୟ ସିଏଚଓ ସଙ୍ଗେ ସଙ୍ଗେ ଗ୍ରାମରେ ପହଂଚି ସମସ୍ତଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିବା ସହିତ ରୋଗୀ ମାନଙ୍କୁ ଚିକିତ୍ସା ବ୍ୟବସ୍ଥା କରିଥିଲେ ଏବଂ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ସୂଚନା ପାଇ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଡାକ୍ତରୀ ଟିମ ଗ୍ରାମରେ ପହଂଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷେ ଗ୍ରାମରେ ଥିବା ଏକ କୁକୁଡ଼ା ଫାର୍ମ କାଳ ସାଜିଥିବା କୁହାଯାଉଛି । ଏହି ଫାର୍ମ ମାଲିକ ସରକାରୀ ନିୟମକୁ ଫୁ' କରି ଗ୍ରାମର ଜନବସତିରୁ ମାତ୍ର ୧୦୦ ମିଟର ଦୂରତାରେ ବ୍ରଏଲର କୁକୁଡ଼ା ଫାର୍ମ କରିଛନ୍ତି, ଯାହା ସରକାରୀ ନିୟମର ସମ୍ପୂର୍ଣ୍ଣ ବିରୁଦ୍ଧ। ନିୟମ ଅନୁଯାୟୀ, ଜନବସତିଠାରୁ ଅତି କମରେ ୫୦୦ମିଟର ଦୂରତାରେ ଫାର୍ମ ରହିବା କଥା, ମାତ୍ର ଏଠାରେ ସବୁ ନିୟମକୁ ବେଖାତିର କରାଯାଇଛି। ଫାର୍ମ ଯୋଗୁଁ ଗାଁରେ ଅସଂଖ୍ୟ ମାଛି ବ୍ୟାପୁଛନ୍ତି। ଲୋକେ ଶାନ୍ତିରେ ଖାଇପାରୁନାହାନ୍ତି କି ଶୋଇପାରୁନାହାନ୍ତି । ଖାଦ୍ୟ ପଦାର୍ଥରେ ମାଛି ବସିବା ଫଳରେ ଲୋକେ ଡାଇରିଆ ଓ ଅନ୍ୟାନ୍ୟ ସଂକ୍ରାମକ ରୋଗର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏହାସହ ଗାଁ ଜନବସତି ନିକଟରେ ଥିବା କୁକୁଡ଼ା ଫାର୍ମକୁ ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ସେମାନେ ଦାବି କରିଛନ୍ତି।

ପ୍ରଶାସନ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ କରି ମାଳିପଶି ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ସହ ବେଆଇନ ଫାର୍ମ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ ଏହି ଡାଇରିଆ ମହାମାରୀ ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓମପ୍ରକାଶ ବାରିକଙ୍କୁ ପଚାରିବାରୁ ବର୍ତ୍ତମାନ ସ୍ଥିତି ଭଲ ଅଛି ଆଗକୁ ଆମେ ସଜାଗ ହୋଇ ରହିଛୁ କୌଣସି ଅସୁବିଧା ହେବ ନାହିଁ ବୋଲି କହିଥିଲେ।

# ମା' ସନ୍ତୋଷୀ ଦେବୀଙ୍କ ୧୯ତମ ବାର୍ଷିକୋତ୍ସବ ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡା ଗ୍ରାମଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପିପିଲିରୁ ଏକ ଘୁଆ, ପଞ୍ଜାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା । ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା । ୨୩ ତାରିଖରେ ମା' ସନ୍ତୋଷୀ ଦେବୀଙ୍କ ଅଙ୍କୁରୋପଣ କର୍ଯ୍ୟକ୍ରମ ହୋଇଥିବା ବେଳେ ୨୪ ତାରିଖରେ ଜଳଯାତ୍ରା, ମଣ୍ଡଳାଧିବାଶ, ଘଟ ସ୍ଥାପନ, ୨୫ ତାରିଖରେ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କର ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଯୋଗ ଦେଇଥିଲେ । ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୩୮ ନମ୍ବର ନୂଆପଲ୍ଲୀ ୱାର୍ଡ଼ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୫୦ ନମ୍ବର ବରମୁଣ୍ଡା ୱାର୍ଡ଼ର କର୍ପୋରେଟର ରାମଚନ୍ଦ୍ର ସିଂ, ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପ-ସଚିବ ସୁରେନ୍ଦ୍ର କୁମାର ଶତପଥି, ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସାଧାରଣ ସମ୍ପାଦକ ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ବିଜୟ କୁମାର ପଣ୍ଡା ଓ ସୁମନ୍ତ ପଣ୍ଡା, ରାଇଜିଂ ଇଣ୍ଡିଆ ସିଟିଜେନ ଫୋରମର ସମ୍ପାଦକ ପ୍ରଭାସ ରଞ୍ଜନ ଦାସ, ସମାଜସେବୀ ସମରେନ୍ଦ୍ର ଜେନା ଓ ନେହେରୁ ସେନାପତି, ବରମୁଣ୍ଡା ଗ୍ରାମର ବରିଷ୍ଠ ବୁଦ୍ଧିଜୀବୀ ନାରାୟଣ ପ୍ରଧାନ, ସୁରେନ୍ଦ୍ର ବିଶ୍ୱାଳ, ତପନ ସାହୁ, ରବୀନ୍ଦ୍ର ପ୍ରଧାନ ଓ ସରୋଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମା' ସନ୍ତୋଷୀ ଦେବୀଙ୍କ ମନ୍ଦିରର ପୂଜକ ଆଦିତ୍ୟ କୁମାର ସ୍ୱାଇଁ ଓ ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନ କରାଯାଇଥିଲା । ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା । କଣ୍ଠଶିଳ୍ପୀ ସୁଭଦ୍ରା ଶୁଭଦର୍ଶିନୀ ଓ ସୁବର୍ଣ୍ଣ କୁମାରଙ୍କ ଭଜନ ଅତ୍ୟନ୍ତ ମନମୁଗ୍ଧକର ଓ ହୃଦୟସ୍ପର୍ଶୀ ହୋଇଥିଲା । ଏହି ଭଜନ କାର୍ଯ୍ୟକ୍ରମରେ କି ପ୍ୟାଡ଼ରେ ସରୋଜ ମହାନ୍ତି, ତବଲାରେ ବିଜୟ ମହାପାତ୍ର, ଢୋଲକରେ ରତ୍ନାକର ନାଥ ଓ ନିରଞ୍ଜନ ସାହୁ ପ୍ରମୁଖ ସହାୟତା କରିଥିଲେ ।

## ମାଥିଲି ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

ମାଲକାନଗିରି, ୨୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଭାରତୀ ବିହାରର ଛାତ୍ର ଛାତ୍ରୀ ମାନେ ରାଜ୍ୟସ୍ତରୀୟ ପ୍ରାଦେଶିକ ମେଧା ବୃତି ଓ ଭାରତୀ କୃଷ୍ଣ ଗଣିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ତୃତୀୟ ଶ୍ରେଣୀ ମେଧା ବୃତିରେ ୧୦ମ ସ୍ଥାନରେ ସାଇଶକ୍ତି ପାଲ,୨ୟ ସ୍ଥାନରେ ସିଦ୍ଧାର୍ଥ ମଲ୍ଲିକ ଓ ତୃତୀୟ ସ୍ଥାନରେ ଜସ୍ମିତ୍ ସାହୁ ୩ୟ ସ୍ଥାନରେ ଥିଲାବେଳେ ଭାରତୀ କୃଷ୍ଣ ଗଣିତରେ ଅଷ୍ଟମ ସ୍ଥାନରେ ଜସ୍ମିତ ସାହୁ,ନବମ ସ୍ଥାନରେ ଦିବ୍ୟ ପ୍ରକାଶ ଦାସ, ଓ ଦିବ୍ୟାଂଶି ବାରିକ ରହିଛନ୍ତି। ପଂଚମ ଶ୍ରେଣୀରେ ଉଭୟ ପରୀକ୍ଷାରେ ଗୌରବ ପଣ୍ଡା ପଂଚମ ଓ ସପ୍ତମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଦୁଇଟି ମେଧା ବୃତି ପରୀକ୍ଷାରେ ରାଜ୍ୟ ସ୍ତରରେ ମୋଟ ୨୦ଟି ସ୍ଥାନରୁ ମାଥିଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଛାତ୍ରୀ ୮ଟି ସ୍ଥାନ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି ବୋଲି ପ୍ରଧାନ ଆଷ୍ଠର୍ଯ୍ୟ ଗଗନ ବିହାରି ସ୍ୱାଇଁ ପ୍ରକାଶ କରିଛନ୍ତି। ଛାତ୍ର ଛାତ୍ରୀ ସେମାନଙ୍କ ସଫଳତା ଶ୍ରେୟ ଗୁରୁଜୀ ଗୁରୁମା, ପିତା ମାତାଙ୍କ ସହ ସମସ୍ତ ମାର୍ଗଦର୍ଶକ ମାନଙ୍କୁ ପ୍ରଦାନ କରିଛନ୍ତି। ବିଗତ ଦୁଇ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ମାଥିଲି ଶିଶୁ ବିଦ୍ୟା ମନ୍ଦିର ଛାତ୍ର ଛାତ୍ରୀ ଏହିପରି ସଫଳତା ହାସଲ କରିବା ଜାରି ରଖିଛନ୍ତି। ଅବିଭାବକ ଏହି ସଫଳତା ପାଇଁ ସମସ୍ତ ଗୁରୁଜୀ ଗୁରୁମା ପ୍ରଧାନ ଆଚାର୍ଯ୍ୟଙ୍କ କର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଛନ୍ତି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମସ୍ତ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି।

## ନାବାଳିକାକୁ ନିର୍ଯ୍ୟାତନା ନେଇ ଅଭିଯୋଗ

ଜୟପୁର, ୨୭/୦୪ (ନି.ପ୍ର): ନାବାଳିକାଙ୍କୁ ନିର୍ଯ୍ୟାତନା ସହ ପ୍ରତାରଣା ହୋଇଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି । ପ୍ରଥମେ ନାବାଳିକା ଝିଅକୁ ପ୍ରେମ କରି ଶାରୀରିକ ସମ୍ପର୍କ ରଖିବାର କିଛି ଦିନ ପରେ ନିର୍ଯ୍ୟାତନା ଦେଉଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ସୂଚନା ଅନୁଯାୟୀ ପିଡିତାରା ମା ଲିଖିତ ଭାବେ ଜଣାଇଛନ୍ତି କି ଆମ୍ବାଗୁଡା ଗ୍ରାମର ଅଭିଯୁକ୍ତ ଲିଭିଙ୍ଗ ହରିଜନ ତାଙ୍କ ନାବାଳିକା ଝିଅକୁ ପ୍ରେମ କରି ବଳତ୍କାର କରିଥିଲେ। ଯାହା ଫଳରେ ନାବାଳିକା ସେହି ପିଲା ସାଙ୍ଗରେ ବାହା ହୋଇ ତାଙ୍କ ଘରେ ରହିଥିଲା। ଲିଭିଙ୍ଗର ଘରେ କିଛି ମାସ ରହିବା ପରେ ଲିଭିଙ୍ଗର ଭାଇ ଓ ପରିବାର ଲୋକେ ନାବାଳିକା ଝିଅକୁ ନିର୍ଯ୍ୟାତନା ଦେଇଥିଲେ। ନିର୍ଯ୍ୟାତନା ସହି ନପାରି ନାବାଳିକାର ମା ସଦରଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ପୋଲିସ ତଦନ୍ତ ଆରମ୍ଭ କରିଥିବା ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ସମ୍ପର୍କ ତରଫରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ପୁରୀ, ୨୭/୦୪ (ନି.ପ୍ର): ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସଂପର୍କ' ତରଫରୁ ପୁରୀ ଜିଲ୍ଲାର ବ୍ରହ୍ମଗିରି ସ୍ଥିତ ଗିରଳ ଅଂଚଳରେ ପ୍ରାଣୀ ପାଳକମାନଙ୍କ ପାଇଁ ଏକ ବ୍ୟାପକ ସଚେତନତା ଓ ପରାମର୍ଶ ଶିବିର ଆୟୋଜିତ ହୋଇଯାଇଛି । ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ମୂଳ ଉଦ୍ଦେଶ୍ୟ ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଏବଂ ସେମାନଙ୍କ ପ୍ରତି ମାନବୀୟ ଦୃଷ୍ଟିଭଙ୍ଗୀ ବୃଦ୍ଧି କରିବା ଥିବାବେଳେ, ସଂପର୍କ ପକ୍ଷରୁ ଏହି ଦିନଟିକୁ ସାର୍ଥକ କରିବା ପାଇଁ ଗ୍ରାମାଚଂଳର ପ୍ରାଣୀ ପାଳକମାନଙ୍କ ମଧ୍ୟରେ ସଚେତନତା ପ୍ରସାର କରାଯାଇଛି । ଏହି ଅବସରରେ ସଂଗଠନର ସଦସ୍ୟମାନେ ଗ୍ରାମର ବିଭିନ୍ନ ପ୍ରାଣୀ ପାଳକଙ୍କ ଘରକୁ ଯାଇ ଗାଇ, ମହିଷ, ଛେଳି, ମେଣ୍ଢା ଓ ଅନ୍ୟାନ୍ୟ ଗୃହପାଳିତ ପ୍ରାଣୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଟିକାକରଣ, ପୌଷ୍ଟିକ ଖାଦ୍ୟ, ପରିଷ୍କାର ପରିବେଶ ଏବଂ ସମୟୋପଯୋଗୀ ଚିକିତ୍ସାର ଆବଶ୍ୟକତା ବିଷୟରେ ଜଣାଇଥିଲେ। ପ୍ରାଣୀମାନଙ୍କ ରୋଗକୁ ଅବହେଳା ନକରି ଆରମ୍ଭରୁ ଯଥାଯଥ ଚିକିତ୍ସା କରାଇବା ଦ୍ୱାରା ବଡ଼ କ୍ଷତିକୁ ରୋକାଯାଇପାରିବ ବୋଲି ସେମାନେ ପ୍ରାଣୀ ପାଳକମାନଙ୍କୁ ପରାମର୍ଶ ଦେଇଥିଲେ।

ବିଶେଷତଃ ଗ୍ରାମାଚଂଳରେ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀରେ ଉପଲବ୍ଧ ନିମ୍ବ, ତୁଳସୀ, ହଳଦୀ, ରସୁଣ, ଗୁଆଁ ଗଛ ପତ୍ର ଓ ଅନ୍ୟାନ୍ୟ ଔଷଧୀୟ ଗଛପତ୍ର ମାଧ୍ୟମରେ ପ୍ରାଣୀମାନଙ୍କ ପ୍ରାଥମିକ ଯତ୍ନ କିପରି ନିଆଯାଇପାରିବ, ସେନେଇ ପ୍ରାୟୋଗିକ ଭାବରେ ସଚେତନ କରାଯାଇଥିଲା। ସ୍ଥାନୀୟ ସମ୍ପଦକୁ ବ୍ୟବହାର କରି କମ୍ ଖର୍ଚ୍ଚରେ ପ୍ରାଣୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ରକ୍ଷା କରିବାର ଉପାୟ ସମ୍ପର୍କରେ ଗ୍ରାମବାସୀମାନେ ଆଗ୍ରହ ସହିତ ଅବଗତ ହୋଇଥିଲେ। ପ୍ରାଣୀ ଚିକିତ୍ସକ ଡ଼ା. କମଲେଶ ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ଏହି ଶିବିରରେ ସେ ପ୍ରାଣୀମାନଙ୍କ ମଧ୍ୟରେ ସାଧାରଣତଃ ଦେଖାଯାଉଥିବା ରୋଗ, ସେଗୁଡ଼ିକର ଲକ୍ଷଣ ଏବଂ ସମୟରେ ଚିକିତ୍ସାର ଗୁରୁତ୍ୱ ବିଷୟରେ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ପ୍ରାଣୀମାନଙ୍କ ସୁସ୍ଥତା ସିଧାସଳଖ ଭାବରେ ପରିବାରର ଆର୍ଥିକ ସ୍ଥିତି ସହ ଜଡିତ ଥିବାରୁ ପ୍ରାଣୀ ଚିକିତ୍ସାକୁ ଅବହେଳା କରିବା ଉଚିତ୍ ନୁହେଁ ବୋଲି ସେ କହିଥିଲେ। ସଂପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ କହିଥିଲେ ଯେ, ପ୍ରାଣୀ ସୁରକ୍ଷା, ଗ୍ରାମୀଣ ସଚେତନତା, ଯୁବ ସଶକ୍ତିକରଣ ଓ ସାମାଜିକ ବିକାଶ କ୍ଷେତ୍ରରେ ସଂଗଠନ ଆଗାମୀ ଦିନରେ ମଧ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ଜାରି ରଖିବ। ଏହି ସଚେତନତା ଶିବିରରେ ତପନ ଲେଙ୍କା, ଶୁଭ ପ୍ରସାଦ ଶର୍ମା ଏବଂ ବିଶ୍ୱଜିତ୍ ମିଶ୍ର ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ସ୍ଥାନୀୟ ପ୍ରାଣୀ ପାଳକମାନେ ମଧ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ ଏବଂ ଏପରି ଉଦ୍ୟମ ଗ୍ରାମାଚଂଳରେ ଅଧିକ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ।

# ଟ୍ରାକ୍ଟର ପଛ ପଟେ ପିଟି ହେଲା ବାଇକ: ଯୁବକ ମୃତ, ଜଣେ ଆହତ

ଝାରସୁଗୁଡ଼ା, ୨୭/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ବଡ଼ବାହାଲ ଛକ ରୁ ଡେଙ୍ଗାବର ରାସ୍ତାର ବାଲାଜୀ କେମ୍ପ ସମ୍ମୁଖରେ ଗୁରୁବାର ବିଳମ୍ବିତ ରାତିରେରାସ୍ତା କଡ଼ରେ ଛିଡ଼ା ହୋଇଥିବା ଟ୍ରାକ୍ଟର ପଛ ପଟେ ପିଟି ଗୋଟିଏ ବାଇକ୍ ପିଟି ହେବା କାରଣରୁ ବାଇକରେ ବସିଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଜଣେ ଯୁବକ ଆହତ ହୋଇଥିବା ଅଭିଯୋଗ ହୋଇଛି । ମୃତ ଯୁବକ ଙ୍କ ନାମ କ୍ଷୀରସାଗର ଛତ୍ରିଆ(୩୫) ଓ ଆହତ ଯୁବକ ଙ୍କ ନାମ ଦୀପକ କିସାନ । ଉଭୟଙ୍କ ଘର ଏହି ବଡ଼ବାହାଲ୍ ଗ୍ରାମରେ ଅଟେ । ସୂଚନା ଅନୁଯାୟୀ କୁଲିହାମାଲ ଅଂଚଳର ଗୋଟିଏ ଟ୍ରାକ୍ଟର ର ତେଲ ସରିଯିବା କାରଣରୁ ରାସ୍ତା କଡ଼ରେ ଠିଆ ହୋଇଥିଲା । ଏହି ସମୟରେ କ୍ଷୀରସାଗର ଓ ଦୀପକ ଓଡ଼ି ୨୩ ଏ ୫୮୦୩ ନମ୍ବର୍ ବିଶିଷ୍ଟ ବାଇକରେ ଭାତଲଇଡାରୁ ବଡବାହାଲ ଗ୍ରାମ ନିଜ ଘରକୁ ଫେରୁଥିଲେ । ଅନ୍ଧାରରେ ଟ୍ରାକ୍ଟରକୁ ଜାଣି ନ ପାରି ଟ୍ରାକ୍ଟର ର ପଛପଟେ ପିଟି ହୋଇଥିଲେ ଓ ଗୁରୁତର ଆହତ ହୋଇଥିଲେ । ଉଭୟ ଙ୍କୁ ଉଦ୍ଧାର କରି ପ୍ରଥମେ କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟ କୁ ନିଆଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ କ୍ଷୀରସାଗର ଙ୍କ ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଛି । ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# କୃଷ୍ଣୱାଡାରେ ବାଲ୍ମିକୀ ସମାଜର ଦୁଆରି ପରିବାରର ପାରମ୍ପରିକ ଆମ୍ବ ଉତ୍ସବ

ମାଲକାନଗିରି, ୨୭/୦୪ (ନି.ପ୍ର): ମାଲକାନଗିରି ବ୍ଲକ ଗୋରାଖୁଂଟା ପଂଚାୟତ କୃଷ୍ଣୱାଡା ଗ୍ରାମର ଦୁଆରି ପରିବାର ପକ୍ଷରୁ ଦୀର୍ଘଦିନ ଧରି ପାଳିତ ହୋଇଆସୁଥିବା ପାରମ୍ପରିକ ଆମ୍ବ ଉତ୍ସବ ଆଜି ଭକ୍ତି ଓ ଆନନ୍ଦର ସହିତ ଉଦଯାପିତ ହୋଇଛି । ନିକଟରେ ଥିବା ଜନଜାତିଙ୍କ ସହ ମିଶି ସେମାନଙ୍କ ପରମ୍ପରାକୁ ଶ୍ରଦ୍ଧା ଓ ସମ୍ମାନ ଦେଇ ଆଜି ଏହି ନୂଆଁ ଆମ୍ବ ଖିଆ ପର୍ବ ଅତ୍ୟନ୍ତ ହର୍ଷ ଉଲ୍ଲାସରେ ପାଳିତ ହୋଇଅଛି କ୍ଷ ସେମାନେ ବାଲ୍ମିକୀ ସମାଜର ହୋଇଥିବାରୁ ପୂର୍ବପୁରୁଷମାନଙ୍କ ଠାରୁ ଆସିଥିବା ଏହି ପରମ୍ପରା ପରିବାର ପାଇଁ ଗର୍ବର ବିଷୟ ହୋଇରହିଛି।

ପରିବାର ସଦସ୍ୟମାନଙ୍କ କହିବା ଅନୁଯାୟୀ, ଏହି ଉତ୍ସବ ମହର୍ଷି ବାଲ୍ମିକୀ ଓ ନିଜ ପରିବାରର ପୂର୍ବଜମାନଙ୍କୁ ସ୍ମରଣ କରିବା ସହିତ ତାଙ୍କର ଆଶୀର୍ବାଦ ଲାଭ କରିବାର ଏକ ପବିତ୍ର ଅବସର । ଏହି ଅବସରରେ ପରିବାରର ଆରାଧ ଦେବୀ ମୁତ୍ୟାଲମ୍ମା ଠାକୁରାଣୀଙ୍କୁ ବିଶେଷ ପୂଜା ଅର୍ଚ୍ଚନା କରାଯାଇଥାଏ। ବିଶେଷ କଥା ହେଲେ, ଦୁଆରି ପରିବାର ପକ୍ଷରୁ ଏହି ଉତ୍ସବ ପ୍ରତିବର୍ଷ ବହୁ ପୁରୁଣା କାଳରୁ ନିରବିଚ୍ଛିନ୍ନ ଭାବେ ପାଳନ କରାଯାଉଛି, ଯାହା ତାଙ୍କର ଆସ୍ଥା, ଭକ୍ତି ଓ ସଂସ୍କୃତି ପ୍ରତି ଗଭୀର ସମ୍ମାନକୁ ପ୍ରକାଶ କରେ। ଏହି ଆମ୍ବ ଉତ୍ସବ ପାରିବାରିକ ସେମାନଙ୍କ ଏକତାକୁ ମଜବୁତ କରିବା ସହିତ ଆମ ପାରମ୍ପରିକ ସଂସ୍କୃତିକୁ ଅତୁଟ ରଖିବାରେ ମଧ ଗୁରୁତ୍ୱ ରଖେ। ଉତ୍ସବର ଶେଷରେ ପୂଜା, ପ୍ରାର୍ଥନା ଓ ପ୍ରସାଦ ବିତରଣ କରାଯାଇଥିଲା

# ଆର୍‌ଏସ୍‌ଏସ୍‌ର ବିଶିଷ୍ଟ ନାଗରିକ ସଂଗୋଷ୍ଠୀ

ଖୋର୍ଦ୍ଧା, ୨୭/୦୪ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,(ଆର୍‌ଏସ୍‌ଏସ୍) ଶତାବ୍ଦୀ ବର୍ଷ ପାଳନ ଅବସରରେ ଆରଏସଏସ ଖୋର୍ଦ୍ଧା ଜିଲା ପକ୍ଷରୁ ସ୍ଥାନୀୟ ଜୟୀରାଜଗୁରୁ ଭବନ ପରିସରରେ ସଂଘର ଶତାବ୍ଦୀ ବର୍ଷରେ "ବିଶିଷ୍ଟ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲା ସଂଘଚାଳକ ଶିକ୍ଷାବିତ ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ଏସ୍ ଓଡ଼ିଶା ପୂର୍ବ ପ୍ରାନ୍ତର ସହ କାର୍ଯ୍ୟବାହ ଇଂ ସୁଦର୍ଶନ ଦାସ ଆର୍‌ଏସ୍‌ଏସ୍‌ର ଶହେବର୍ଷର ଯାତ୍ରା ସାମାଜିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ସଂଘ ସମାଜରେ ପରିବର୍ତ୍ତନର ବାର୍ତ୍ତା ରଖୁଛି ଓ ସାମାଜିକ ସମରସତା, ସ୍ୱଦେଶୀ ବିଚାର, ପର୍ଯ୍ୟାବରଣ ସୁରକ୍ଷା, ପରିବାର ସ୍ୱ ବୋଧ ଏବଂ ନାଗରିକ ଦାୟିତ୍ୱ ଓ କର୍ତ୍ତବ୍ୟ। ସଂଘ ଏବଂ ସମାଜ ଅଲଗା ନୁହଁ ଓ ସମାଜରେ ସମନତା ଆଣିବା, ହିନ୍ଦୁତ୍ୱ ବିଚାରଧାରା, ସ ଆଧାରିତ ଭାରତୀୟ ସଂସ୍କୃତି, ପରମ୍ପରା, ଭେଷରୁଷା, ଖାଦ୍ୟପାନୀୟ ପ୍ରକୃତି ମାତାର ସୁରକ୍ଷା, ଜଳ ସଂରକ୍ଷଣ ପାଇଁ ସଂଘ ଏହି ଶତାବ୍ଦୀ ବର୍ଷରେ ଆହ୍ୱାନ ଦେଇଛି। ଭାରତବର୍ଷରେ ବିଭିନ୍ନ ବର୍ଗର ଲୋକଙ୍କୁ ସାମାଜିକ କାର୍ଯ୍ୟରେ ସାମିଲ ଉଦ୍ଦେଶ୍ୟରେ ଆବଶ୍ୟକତା ଅନୁସାରେ ବିବିଧ କ୍ଷେତ୍ର କାର୍ଯ୍ୟ କରୁଛି। ଏହାର ଲକ୍ଷ୍ୟ ଉଦ୍ଦେଶ୍ୟ ହେଉଛି ହିନ୍ଦୁ ସଂସ୍କୃତିର ସୁରକ୍ଷା। ରାଷ୍ଟ୍ରକୁ ଆଗକୁ ନେବା ପାଇଁ ସାମୁହିକ ପ୍ରୟାସ ଜରୁରୀ। ନିଜ ସଂସ୍କୃତି ପରମ୍ପରାକୁ ନେଇ ଗର୍ବ କରିବା ସହ ଆଗାମୀ ପିଢି ପାଇଁ ଏହାକୁ ବଂଚାଇ ରଖିବା ଆମର ଦାୟିତ୍ୱ। ଦେଶର ଭବିଷ୍ୟତ ଶିଶୁଙ୍କ ମନରେ ରାଷ୍ଟ୍ରୀୟତାର ଭାବ, ରାମାୟଣ, ଭାଗବତ ଗୀତା ହନୁମାନ ଚାଳିଶା ପାଠ କରିବା ପାଇଁ ପ୍ରେରଣା ଦିଅନ୍ତୁ। ସେମାନଙ୍କୁ ଉପଯୁକ୍ତ ଶିକ୍ଷା, ମାର୍ଗଦର୍ଶନ କରିବା ଦାୟିତ୍ୱ ମାତାପିତାଙ୍କ ରହିଛି। ନିଜ ଶିଶୁଙ୍କୁ ଭାରତବର୍ଷର ଗୌରବମୟ ଗାଥା, ଐତିହ୍ୟ ସଂସ୍କୃତି, ପରମ୍ପରା ସମ୍ପର୍କରେ ଶିକ୍ଷା ଦିଅନ୍ତୁ। ଶିଶୁର ଜନ୍ମ ଦିନରେ କେକ ନୁହଁ, ଗଛଟିଏ ଲଗାଇ ଅଥବା ପ୍ରୀତି ଉପହାର ସରୂପ ଗଛଟିଏ ଦିଅନ୍ତୁ। ପ୍ଲାଷ୍ଟିକ ବୋତଲ ପାଣି ପିଇବା ଅପେକ୍ଷା ମାଠିଆ ପାଣି ବ୍ୟବହାର କରନ୍ତୁ। ସ୍ୱଦେଶୀ ଭାବ ଜାଗରଣ କରନ୍ତୁ । ନିଜ ମାତୃଭାଷାକୁ ନେଇ ଗର୍ବ କରିବା ସହ ଶିଶୁ, ପିଲାଙ୍କୁ ମଧ ଆଗ୍ରହ କରନ୍ତୁ। ଆର୍‌ଏସ୍‌ଏସ୍ ଖୋର୍ଦ୍ଧା ଜିଲା ସହ ସଂଘଚାଳକ ଲଳିତମୋହନ ମହାପାତ୍ର ମଂଚାସୀନ ଥିଲେ। ଖୋର୍ଦ୍ଧା ଜିଲା ଏବଂ ସ୍ଥାନୀୟ ଅଂଚଳରୁ ବହୁ ବୁଦ୍ଧିଜିବୀ, ଶିକ୍ଷାବିତ, ବଭିନ୍ନ ସାମାଜିକ ଅନୁଷ୍ଠାନ, କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନଦୀବନ୍ଧ ସୁରକ୍ଷା ପାଚେରୀ ନିର୍ମାଣ ସମୟରେ ବିଭାଗୀୟ ଅଧିକାରୀ ଅନୁପସ୍ଥିତ: ବୈଷୟିକ ମାନଦଣ୍ଡକୁ ଜଳାଞ୍ଜଳି

ଭଦ୍ରକ, ୨୭/୦୪ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ଆନନ୍ଦପୁର ପଂଚାୟତ ମଲ୍ଲିମାହାରା ଏସକେପର ପଶ୍ଚିମ ପାର୍ଶ୍ୱ ନଦୀବନ୍ଧର ବାମ ପଟେ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ସୁରକ୍ଷା ପାଚେରୀ ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ୨୦ ମିଟର ଲମ୍ବର ପ୍ଲେନ୍ କଂକ୍ରିଟ ଗ୍ରାଭିଟି ରିଟେନିଂ ୱାଲରେ ବୈଷୟିକ ଜ୍ଞାନକୌଶଳକୁ ଅଣଦେଖା କରି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ମଲ୍ଲିମାହାରା ଏସକେପ୍ ଦେଇ ବର୍ଷା ଦିନେ ହଜାର ହଜାର ଘନଫୁଟ୍ ବନ୍ୟା ଜଳ ପ୍ରବାହିତ ହୋଇଥାଏ। ଅତୀତରେ ଜଳର ପ୍ରଖର ସ୍ରୋତ ଯୋଗୁଁ ଏସକେପ୍‌ର ଆବଟମେଂଟ ୱାଲ ବାରମ୍ବାର ଭୁଶୁଡ଼ିଛି। ନିକଟରେ ଏଠାରେ ଏକ କଂକ୍ରିଟ ପୋଲ ନିର୍ମାଣ ହୋଇଥିଲେ ସୁଦ୍ଧା ଜଳର ପ୍ରବାହ ଓ ବିପଦ ସମାନ ରହିଛି। ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ ନଦୀବନ୍ଧ ସୁରକ୍ଷା ପାଇଁ ନିର୍ମାଣ ହେଉଥିବା ପାଚେରୀ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ, ଏହି ସ୍ଥାନରେ ଜଳର ସ୍ରୋତ ଓ ଚାପକୁ ସହିବା ପାଇଁ ଅତିକମରେ ଏମ୍-୨୫ ଗ୍ରେଡ୍ କଂକ୍ରିଟ୍ ମିଶ୍ରଣ ବ୍ୟବହାର ହେବା କଥା। ମାତ୍ର କ୍ଷେତ୍ରସ୍ଥଳରେ ଠିକାଦାର ମନମୁଖୀ ଭାବେ ୧:୪:୬ (ସିମେଂଟ, ବାଲି ଓ ଚିପ୍ସ) ଅନୁପାତରେ କାମ କରୁଛନ୍ତି, ଯାହା ଗ୍ରାଭିଟି ୱାଲ୍‌ର ସ୍ଥିରତା ପ୍ରତି ବିପଦ ସୃଷ୍ଟି କରୁଛି। ରବିବାର ସରକାରୀ ଛୁଟି ଦିନରେ କାମ ଚାଲିଥିବା ବେଳେ ସେଠାରେ କୌଣସି ବିଭାଗୀୟ ଯନ୍ତ୍ରୀ କିମ୍ବା କର୍ମଚାରୀ ଉପସ୍ଥିତ ନଥିବା ଜଣାପଡ଼ିଛି। ଏପରିକି ନିର୍ମାଣସ୍ଥଳରେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନାହିଁ। ବୈଷୟିକ ମାନଦଣ୍ଡ ଅନୁଯାୟୀ ଏଭଳି ଜଳ ପ୍ରବାହିତ ଅଂଚଳରେ ଏମ୍-୨୫ ଗ୍ରେଡ୍ (୧:୧:୨) କିମ୍ବା ଅତିକମରେ ଏମ୍-୨୦ ଗ୍ରେଡ୍ (୧:୧.୫:୩) ବ୍ୟବହାର ହେବା ଉଚିତ। ତେବେ ଏଠାରେ ହେଉଥିବା ନିର୍ମାଣ କାମରେ ୧:୪:୬ର ମିଶ୍ରଣ ଅତ୍ୟନ୍ତ ଦୁର୍ବଳ। ନଦୀବନ୍ଧ ନିର୍ମାଣ ପାଇଁ ଉଚ୍ଚ ମାନର ଓପିସି କିମ୍ବା ଅନୁମୋଦିତ ସିମେଂଟ ବ୍ୟବହାର ହେବା କଥା, ମାତ୍ର କଂପୋଜିଟ ସିମେଂଟର ବ୍ୟବହାର ନିର୍ମାଣର ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ପ୍ଲେନ୍ କଂକ୍ରିଟ ଗ୍ରାଭିଟି ୱାଲ୍‌ର ବେସ୍ ମାଟିର ଚାପ ଓ ଜଳର ପାର୍ଶ୍ୱ ଚାପକୁ ସହିବା ପାଇଁ ଯଥେଷ୍ଟ ଓସାରିଆ ହେବା ଦରକାର। ନିର୍ମାଣର ସ୍ଥାୟିତ୍ୱ ପାଇଁ ଅତିକମରେ ୧୪ ରୁ ୨୧ ଦିନ ପର୍ଯ୍ୟନ୍ତ କାନ୍ଥକୁ ପାଣି ଦେଇ ଭିଜାଇ ରଖିବା ନିତାନ୍ତ ଆବଶ୍ୟକ, ନଚେତ୍ କଂକ୍ରିଟ୍‌ରେ ଫାଟ ସୃଷ୍ଟି ହେବ। ପାଚେରୀ ପଛପଟେ ଉମ ମାନର ଗୋଡ଼ି ଓ ବାଲି ଦ୍ୱାରା ପ୍ୟାକିଂ କରାଯିବା ଉଚିତ, ଯାହାଦ୍ୱାରା ଜଳ ନିଷ୍କାସନ ସହଜ ହେବ। ସେହିପରି କାନ୍ଥ ମଧ୍ୟରେ ପାଣି ଜମି ରହିବାକୁ ରୋକିବା ପାଇଁ ନିର୍ଦ୍ଧାରିତ ବ୍ୟବଧାନରେ ଛିଦ୍ର ରଖିବା ଜରୁରୀ। ସ୍ଥାନୀୟ ଲୋକଙ୍କ କହିବା କଥା, ଯଦି ସରକାରୀ ଟଙ୍କାରେ ଏଭଳି ନିମ୍ନମାନର କାମ ଜାରି ରହେ, ତେବେ ଆଗାମୀ ବନ୍ୟାରେ ଏହି ପାଚେରୀ ଧୋଇଯିବାର ସମ୍ଭାବନା ଅଧିକ। ଏଥିପ୍ରତି ଜଳ ସମ୍ପଦ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ସେପଟେ ନିରୀକ୍ଷଣ ଦାୟିତ୍ୱରେ ଥିବା ଜଳ ସଂପଦ ବିଭାଗ କନିଷ୍ଠ ଯନ୍ତ୍ରୀ ସ୍ୱାଗତ ଦାସ କହିଛନ୍ତି ଯେ, ରବିବାର କାମ କରିବାକୁ ମନା ହୋଇଥିଲା। ତେବେ କାମର ମାନ ଯାଂଚ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

# ଓଡ଼ିଆ ଜାତିର ଗର୍ବ ଓ ଗୌରବ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୩୫ ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ପୁଣ୍ୟଶ୍ଳୋକ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ନିଜର ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଶିକ୍ଷା ଓ କୃଷି ଓ ଜଳସେଚନର ବିକାଶ ପାଇଁ ଯେଉଁ କେତେକ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ସେଥିପାଇଁ ସେ ହୋଇପାରିଛନ୍ତି ଏ ଜାତିର ଗର୍ବ ଓ ଗୌରବ ବୋଲି ଆଜି ସ୍ଥାନୀୟ ଏ.ଜି. ଛକ ଠାରେ ପାରଳା ମହାରାଜାଙ୍କ ୧୩୫ ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କରିଛନ୍ତି । ରାଜଧାନୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ପାରଳା ଗଜପତି ବିକାଶ ମଂଚ ଓ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ଅବସରରେ ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ ପାଣିଗ୍ରାହୀ କହିଥିଲେ ଯେ, "ମହାରାଜା ଗଜପତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ବିକାଶମୂଳକ କାର୍ଯ୍ୟ ଯୋଗୁ ଓଡ଼ିଶା ଜାତୀୟସ୍ତରରେ ପରିଚିତି ହାସଲ କରିଛି । ତିନି ତିନି ଥର ଗୋଲ୍‌ଟେବୁଲ ବୈଠକରେ ଯୋଗ ଦେଇ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାରେ ପ୍ରମୁଖ ବିନ୍ଧାଣି ସାଜିଥିବା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅନେକ କାର୍ଯ୍ୟ ଆଜିସୁଦ୍ଧା ଅପୂରଣୀୟ ହୋଇରହିଛି । ଆଜିର ପିଢ଼ିଙ୍କ ଦ୍ୱାରା ସେସବୁ ପ୍ରତି ଧ୍ୟାନ ଦେଇ ତାହା ସମ୍ପୂର୍ଣ୍ଣ କରାଯାଇପାରିଲେ ଗଜପତିଙ୍କ ପ୍ରତି ତାହା ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି । ପ୍ରାରମ୍ଭରେ ସରଗମ୍ ଅନୁଷ୍ଠାନର କୁନି କଳାକାରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ବୃନ୍ଦଗାନ ପରେ ରାଜଧାନୀସ୍ଥିତ ପୂଜ୍ୟପୂଜା ସଂସଦର ସଭାପତି ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ ମହାରାଜାଙ୍କ ଗୁଣାବଳୀ ସମ୍ପର୍କରେ ସବିଶେଷ ଉପସ୍ଥାପନା କରିଥିଲେ । ପାରଳା ଗଜପତି ବିକାଶ ମଂଚର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ଓ ସମ୍ପାଦକ ରାଜ କିଶୋର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ମଂଚର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ବୃନ୍ଦ ସର୍ବଶ୍ରୀ ସତ୍ୟନାରାୟଣ ଦାସ, ରମେଶ ଚୌଧୁରୀ, ପ୍ରଶାନ୍ତ କୁମାର ପାଢ଼ୀ, କିଶୋର ପଟ୍ଟନାୟକ, ଉମାକାନ୍ତ ପାତ୍ର, ଅନୁକା ଜେନା, ରୁଦ୍ରପ୍ରସାଦ ନାୟକ, ବିଘ୍ନେଶ୍ୱର ସାହୁ, ରଘୁରାଜ ରାଜଗୁରୁ, କୃଷ୍ଣ ପ୍ରସାଦ ନାୟକ, ସୁବୋଧ ପାତ୍ର, ଅରୁଣ ପାଢ଼ୀ, କୈଳାସ ପାଣିଗ୍ରାହୀ, ସୁଚିତ୍ରା ପାଢ଼ୀ, ଅସ୍ମିତା ପାଣିଗ୍ରାହୀ, ବିକାଶ ରଞ୍ଜନ ଚୌଧୁରୀ, ଗୌର ମହାପାତ୍ର, ପୃଥ୍ୱୀରାଜ ପାଣି, ରଞ୍ଜୀତ୍ ଖଡ୍ଗରାୟ ପ୍ରମୁଖ ଶତାଧିକ ସଦସ୍ୟ ଏବଂ ଉତ୍କଳ ସମ୍ମିଳନୀର ବିଭିନ୍ନ କର୍ମକର୍ତ୍ତା ମଧ୍ୟ ଯୋଗଦାନ କରିଥିଲେ । ଲୋକସମ୍ପର୍କ ବିଭାଗର ଉପ-ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଦିବାସୀ ବିକାଶ ପରିଷଦର ସଭାଗୃହ ଉଦ୍‌ଘାଟନ

ଜୟପୁର, ୨୭/୦୪ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ସାନକାଉଡି ଗ୍ରାମରେ ପେଣ୍ଠିଆ- ହଲବା ଆଦିବାସୀ ବିକାଶ ପରିଷଦର ସଭାଗୃହ ଆଜି ଉଦ୍‌ଘାଟିତ ହୋଇଛି । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗଦେଇ ପେଣ୍ଠିଆ- ହଲବା ବିକାଶ ପରିଷଦର ସଭାଗୃହ ଉଦଘାଟନ କରିଥିଲେ । ଏହି ଅବସରରେ ସମାଜର ନୂଆ ବେରନ ଘର ବାସା ଓ ଚଇତ ପରବ ଭେଟଘାଟ କାର୍ଯ୍ୟକ୍ରମରେ ବିଧାୟକ ବାହିନିପତି ଯୋଗଦେଇ ଆଦିବାସୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏଠାରେ ସମ୍ମାନିତ ଅତିଥି ଭାବେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, କଂଗ୍ରେସର ବ୍ଲକ ସଭାପତି ବସନ୍ତ ନାୟକ, ହଲବା ସମାଜର ସଭାପତି ପୀତବାସ ହାଲବା, ସମ୍ପାଦକ ଆନନ୍ଦ ହଲବାଙ୍କ ସହ ୧୨ ଗୋଟି ଆଦିବାସୀ ସମାଜର ସଭାପତି ଉପସ୍ଥିତ ଥିଲେ ।

# ଉତ୍କଳ ପ୍ରଦେଶ ଗଠନରେ କୁଳବୃଦ୍ଧ ମଧୁବାବୁ



ଅକ୍ଷୟ କୁମାର ରାଉତ

ଷୋଡଶ ଶତାବ୍ଦୀର ମଧ୍ୟ ଭାଗରେ ଓଡିଶାର ରଜନୈତିକ ସାମ୍ରାଜ୍ୟର ଗୌରବ ରବି ଅସ୍ତମିତ ହେବା ପୂର୍ବରୁ ଓଡିଶାର ସୀମା ଉତରରେ ବଙ୍ଗ, ଦକ୍ଷିଣରେ ତେଲେଙ୍ଗାନା ଓ କର୍ଣ୍ଣାଟକ ପ୍ରଦେଶର କେତେକ ଅଂଚଳକୁ ନେଇ ପରିବ୍ୟାପ୍ତ ଥିଲା । ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରାଠାଙ୍କ ଆକ୍ରମଣ ସହିତ ଅନ୍ତଃକନ୍ଦଳର ସୂତ୍ରପାତ ଓ ଭାତୃବିବାଦରେ ଓଡିଶାବାସୀ ସହ୍ୟଶକ୍ତି ହରାଇ ଚରମ ସୋପାନରେ ପହଂଚି ଯାଇଥିଲେ । ଏସବୁ ଥିଲା ପଲାସୀ ଯୁଦ୍ଧରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ଅଧିକାର କରିବାର ୪୬ ବର୍ଷ ପରର ଘଟଣା । କେବଳ ବଙ୍ଗ କାହିଁକି ସାରା ଭାରତର ଭାଗ୍ୟ ମଧ୍ୟ ସେହିଠାରେ ନିର୍ଦ୍ଧାରିତ ହେଲା । ମରାଠାମାନେ କଟକର ବାରବାଟୀ ଦୁର୍ଗ ଅଧିକାର କରି ସାରା ଓଡିଶାରେ ରାଜୁତି ଚଳାଇବା ପରି ଇଂରେଜମାନେ ମଧ୍ୟ ସେହି ଦୁର୍ଗ ଅଧିକାର କରି ରାଜୁତି କଲେ । ପରେ କଲିକତାର ଫୋର୍ଟ ଉଇଲିୟମ ହେଲା ଓଡିଶା ଶାସନର କେନ୍ଦ୍ରସ୍ଥଳୀ । ଶତାବ୍ଦୀ ପରେ ଶତାବ୍ଦୀ ମୋଗଲ ମରାଠା ମାନଙ୍କ ଶୋଷଣ କଷଣ ଲୁଣ୍ଠନରେ ଅତିଷ୍ଠ ଓଡିଶା ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ବିରୋଧ ନକରି ନିଜର ତ୍ରାଣକର୍ତ୍ତା ଭାବେ ସ୍ୱାଗତ କରିଥିଲା । ଓଡିଶା କମ୍ପାନୀ ଶାସନ ଆରମ୍ଭରେ ଖଣ୍ଡବିଖଣ୍ଡିତ ହୋଇ ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଆଦି ଯେଉଁ ପ୍ରଦେଶ ଗୁଡିକୁ ବ୍ରିଟିଶ୍ ମାନେ ଆଦରି ନେଇଥିଲେ ସେମାନଙ୍କ ସହ ସାମିଲ୍ ହୋଇ ଯାଇଥିଲା । ଫଳରେ ପରସ୍ପର ଠାରୁ ବିଚ୍ଛିନ୍ନ ତିନୋଟି ଅଲଗା ଅଲଗା ଶସନାଧିନରେ ସଂଖ୍ୟାଲଘୁ ଭାଷା ଭାଷୀ ଓ ଇତର ସଂସ୍କୃତି ଲୋକଙ୍କ ପରି ଓଡିଆଙ୍କୁ ରହିବାକୁ ପଡିଥିଲା ।

ଓଡିଶାକୁ କମ୍ପାନୀ ଶାସନର ୧୪ ବର୍ଷ ମଧ୍ୟରେ ଦୁଇ ତୃତୀୟାଂସ ଜମିଦାରୀ ଓଡିଶା ବାହାର ଲୋକଙ୍କ ହାତକୁ ଚାଲିଗଲା । ଓଡିଶା ଗୌରବର ମେରୁଦଣ୍ଡ ଭାଙ୍ଗିଗଲା । ପାଇକ ମାନଙ୍କ ପ୍ରଭୁତ୍ୱ ଓ ପ୍ରତିପତି ହ୍ରାସ ପାଇଲା । ଦୀର୍ଘଦିନ ଧରି ଏଭଳି ଅସହ୍ୟ ପରିବେଶକୁ ବରଦାସ୍ତ କରିନପାରି ପାଇକମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ସହିତ ପୁରୀ ସହରକୁ ଦଖଲ କରିନେଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସଂଗ୍ରାମ ଥିଲା ଏହି ପାଇକ ବିଦ୍ରୋହ । କମ୍ପାନୀ ଶାସନର ସାମରିକ ଶକ୍ତି ବଳରେ ଏହି ବିଦ୍ରୋହ ଦବି ଯାଇଥିଲେ ବି ବେଳେ ବେଳେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ଭାଷାଗତ ଦୃଷ୍ଟିରୁ ବିଖଣ୍ଡିତ ଆର୍ଥିକ ଦୃଷ୍ଟିରୁ ସଂକଟିତ ଓ ସାଂସ୍କୃତିକ ମ୍ରିୟମାଣ ଓଡିଶା କମ୍ପାନୀ ସରକାରଙ୍କୁ ବିରୋଧ କରିବାରୁ ଅକଥନୀୟ ଅତ୍ୟାଚାର ସହିବା ସହିତ ପରିଣାମରେ ବଙ୍ଗଳା ପ୍ରେସିଡେନ୍ସିର ଉପନିବେଶ ରୂପେ ରହିଥିଲା ।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଓଡିଶାର ଅଭାବ ଅସୁବିଧା ଦେଖିବାକୁ ମିଳିଲା । ଏତେଦିନେ ବ୍ରିଟିଶ ଶାସନର ଚେତା ପଶିଲା । ଦୁର୍ଭିକ୍ଷ ପରେ ଭାରତ ସରକାର ଏ ବିଷୟରେ ସ୍ୱତନ୍ତ୍ର ତଦନ୍ତ କରି ଜାଣିଲେ ଓଡିଶାକୁ ଖଣ୍ଡ ଖଣ୍ଡ କରି ଶାସନ କରିବା ଫଳରେ ଏଭଳି ଦୁର୍ଭିକ୍ଷ ସଂଗଠିତ ହୋଇ୧୦ ଲକ୍ଷ ଲୋକଙ୍କ ପ୍ରାଣ ହାନୀ ଘଟିଲା । ଏହାର ପ୍ରତିକାର ନିମନ୍ତେ ଓଡିଶାକୁ ବଙ୍ଗଳାରୁ ଅଲଗା କରି ସମଗ୍ର ଭାଷାଭାଷୀ ଅଂଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଶାସନାଧିନ କରି ରଖିବାକୁ ୧୮୬୮ ମସିହାରେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶାସନର ଦୋଷତ୍ରୁଟି ସଂପର୍କରେ ଚେତାଇଦେବା ସହିତ ସୁପାରିଶ କରିଥିଲେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ସାର୍ ଷ୍ଟ୍ରା ଫୋର୍ଡ ନର୍ଥକୋଟ୍ । ଏହି ସୁପାରିଶର ସୁଯୋଗ ଦାବି ନେଇ ସେତେବେଳେ କୌଣସି ସଂସ୍ଥା କି ରାଜନୈତିକ ବଳ ନଥିବା ଯୋଗୁଁ ଏହା କେବଳ କାଗଜରେ ସେପରି ରହିଯାଇଥିଲା ।

ଓଡିଶା ବାହାରେ ଯେଉଁ ସୁବିଧାବାଦୀ ଓଡିଶା ଶାସନ କଳକୁ କବ୍ଜା କରି ସବୁ ପ୍ରକାର ସୁଖ ସ୍ୱାଛନ୍ଦ୍ୟ ନେଇ ଚାଲିଥିଲେ, ସେମାନେ ସେମାନଙ୍କ ସ୍ୱାର୍ଥହାନୀ ଦେଖି ଉକ୍ତ ସୁପାରିଶକୁ ଭଣ୍ଡୁରକରୁବାକୁ ଚକ୍ରାନ୍ତ କରି ବସିଲେ । ଓଡିଶା ଡିଭିଜନର ସବୁ ସ୍କୁଲ୍‌ରୁ ଓଡିଆ ଭାଷା ଉଠାଇବାକୁ ଚେଷ୍ଟା କଲେ । ଏଥିପାଇଁ ଜନ୍ ବିମ୍‌ସ ସାହେବ ସ୍ପଷ୍ଟ ଭାବରେ ଓଡିଆ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ଠାରୁ ଅଧିକ ପୁରାତନ ଓ ପ୍ରତିଷ୍ଠିତ ବୋଲିକହିଲେ । ପ୍ରକୃତରେ ବି ଓଡିଆମାନେ ଓଡିଆ ଭାଷାକୁ ନେଇ ଗର୍ବ କରୁଥିଲେ । ଏଭଳି ଅବସ୍ଥାରେ ଓଡିଆ ଭାଷା ରକ୍ଷା ଆନ୍ଦୋଳନକୁ ଚଳାଇବାକୁ ଓଡିଶାର ସମୂହ ଜନତା ଅତୀତର ସମସ୍ତ ଜଡତା ପରିହାର କରି ଏକମନ ଏକପ୍ରାଣରେ ମାତି ଉଠିଲେ । ଦୀର୍ଘଦିନର ଭାଷା ଆନ୍ଦୋଳନ ପରେ ଓଡିଆ ଭାଷାର ବିଜୟ ହେଲା । ଓଡିଆ ଭାଷା ଭାଷୀ ଅଂଚଳକୁ ଏକ ଶାସନାଧିନ କରି ରଖିବା ଲାଗି ପୂର୍ବରୁ ଯେଉଁ ଉଦ୍ୟମ ମୁଣ୍ଡ ଟେକିଥିଲା ତାହା ସମୟକ୍ରମେ ଅଧିକ ସକ୍ରିୟ ହୋଇ ଉଠିଲା ।

ଏଭଳି ଏକ ପରିବେଶ ପରିସ୍ଥିତିରେ ଏହି ନିଷ୍ପ୍ରାଣ ଓଡିଆ ଜାତିକୁ ଏକ ଦୃଢ ଜାତିର ଶକ୍ତି ଆଉ ଅସରନ୍ତି ଧୈର୍ଯ୍ୟ ଦେବାକୁ ଧାଇଁ ଆସିଲେ କୁଳବୃଦ୍ଧ ମଧୁବାବୁ । ଓଡିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧିନ କରି ଓଡିଶାବାସୀଙ୍କ ଲାଗି ସ୍ୱତନ୍ତ୍ର ପ୍ରଦେଶ ଗଠନର ସମ୍ଭାବନାକୁ ବାସ୍ତବତାର ରୂପ ଦେବା ଲାଗି ଅନେକ କିଛି ଉଦ୍ୟମର ଆବଶ୍ୟକକୁ ବିଚାର କରି ସେହି ସମୟରେ ମଧୁବାବୁ ଓଡିଶାରେ ଏକ ଅନୁଷ୍ଠାନ ଉତ୍କଳସଭା ବା ଓଡିଶା ଆସୋସିଏସନ ଗଠନ କରିଥିଲେ । ସେତେବେଳେ ଏହାର କାର୍ଯ୍ୟ ପରିସର ସେତେଟା ପରିବ୍ୟାପ୍ତ ନହୋଇ କେବଳ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିଲା ।

୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଦୁଇଦିନ ଧରି କଟକ ଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ସେଥିରେ ସାରା ଓଡିଶାର ରାଜା ରାଜୁଡାଠୁ ଆରମ୍ଭ କରି ସାଧାରଣ ଜନତା ଏପରିକି ଓଡିଶା ବାହାରେ ଥିବା ଓଡିଆ ଲୋକ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଲେ । ସେଠାରେ ଓଡିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଗୁଡିକର ଏକତ୍ରିକରଣ ନିମନ୍ତେ ନାନାକଥା ଆଲୋଚନା କରାଯାଇଥିଲା । ୧୯୨୦ ମସିହାରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ଭାବେ ଉତ୍କଳ ସମ୍ମିଳନୀ ଗ୍ରହଣ କରି ଭାରତୀୟ ଜାତୀୟ ସ୍ରୋତରେ ତା ର ସ୍ୱତନ୍ତ୍ର ସତା ବଜାୟ ରଖିଲା । ଏହା ମୁଖ୍ୟତଃ ଜାତିବର୍ଣ୍ଣ ଭାଷା ନିର୍ବିଶେଷରେ ସମସ୍ତ ଓଡିଆ ଭାଷାଭାଷୀ ଅଂଚଳକୁ ଏକଶାସନାଧିନ କରିବାର ମହାସଭା ଥିଲା । କେବଳ ସ୍ୱତନ୍ତ୍ର ପ୍ରଦେଶ ନୁହେଁ ଉତ୍କଳ ସମ୍ମିଳନୀ ମଧ୍ୟ ଓଡିଶାରେ ବ୍ୟବସାୟିକ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ ଆଣିବାରେ କାର୍ଯ୍ୟ କରୁଥିଲା ।

ଉତ୍କଳ ସମ୍ମିଳନୀ ତା ର କାର୍ଯ୍ୟକଳାପ ନେଇ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ବସିଲା । ଓଡିଶାର ଓଡିଆ ମାନେ ଆଗ୍ରହ ସହକାରେ ଏହି ସମ୍ମିଳନୀରେ ଯୋଗ ଦେଉଥିଲେ । ଏହି କାର୍ଯ୍ୟ ନିମନ୍ତେ ମଧୁବାବୁ ବ୍ୟକ୍ତିଗତ ଭାବେ ମଧ୍ୟ ଋଣ କରୁଥିଲେ । ସେଥିପାଇଁ ତାଙ୍କୁ ଶେଷଜୀବନରେ ଦେବାଳିଆ ହେବାକୁ ମଧ୍ୟ ପଡିଥିଲା । ଉତ୍କଳ ସମ୍ମିଳନୀ ଦ୍ୱାରା କେବଳ ମଧୁବାବୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଚାହିଁ ନଥିଲେ । ପ୍ରଦେଶଟିକୁ ମଧ୍ୟ ସମସ୍ତ ପ୍ରକାର ଅନ୍ୟାୟ ଲୁଣ୍ଠନରୁ ମୁକ୍ତ କରାଇ ତାହାର ଅଧିବାସୀଙ୍କୁ ସ୍ୱାଧିନ ଜୀବନଯାପନ କରିବାକୁ ଉଦ୍ୟମ କରିଥିଲେ । ମଧୁବାବୁଙ୍କ ଏସବୁ ଲକ୍ଷ ସଫଳ ହୋଇଥିଲା କି ନାହିଁ ତାହା ସମୟ କହିବ, ହେଲେ ସେ ଯେଉଁ ମହତ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ ସେଥିରେ ତାଙ୍କର ମହନୀୟତା ଉଚ୍ଚକାଂକ୍ଷା ଦେଖିବାକୁ ମିଳେ । ଯାହାଟା ଅନ୍ୟ କୌଣସି ଓଡିଆଙ୍କ ଠାରେ ଦେଖିବାକୁ ମିଳୁନଥିଲା । ନିଜର ନିସ୍ୱାର୍ଥପର କାର୍ଯ୍ୟାବଳୀ ନିମନ୍ତେ ମଧୁବାବୁ ସବୁ ଶ୍ରେଣୀର ଓଡିଆଙ୍କ ଶ୍ରଦ୍ଧା ସମ୍ମାନର ଆସନରେ ଅଧିଷ୍ଠିତ ହୋଇପାରିଥିଲେ । ବ୍ୟକ୍ତିଗତ ଓ ସାମୁହିକ ସମାଜର ପରିସରରେ ବହୁ ଦାରୁଣ ବିପର୍ଯ୍ୟୟ ଓ ଦୁଃଖଃ ଦୁର୍ଦ୍ଦଶାକୁ ସେ ସାହସ ଓ ଆନନ୍ଦର ସହ ମୁକାବିଲା କରିବାରେ ଯେଉଁ ସାମର୍ଥ ପ୍ରଦର୍ଶନ କରିଥିଲେ ତାହା ଭଷାରେ ବର୍ଣ୍ଣନା କରାଯାଇ ନପାରେ ।

ଜୀବନର ଅନ୍ତିମ ମୁହୂର୍ତ ନିକଟତର ହେବା ଜାଣି ଓଡିଶା ବିଷୟ ବୁଝିବାକୁ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାୟିତ୍ୱ ବହନ କରିବାକୁ ସ୍ୱତନ୍ତ୍ର ଉତରାଧିକାରୀ ଭାବେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମଧୁବାବୁ ମନେ ମନେ ସ୍ଥିର କରିନେଇଥିଲେ । କିନ୍ତୁ ଓଡିଶାର ଦୁର୍ଭଗ୍ୟକୁ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟି ସାରିଥିଲା । ତେଣୁ ମଧୁବାବୁ ଓଡିଶାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ । ମଧୁବାବୁ ନିଜେ ଯେଉଁ ସତ୍ୟବାଦୀ ଗୋଷ୍ଠୀ ଗଠନ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ସେହି ଗୋଷ୍ଠୀର ମୁଖ୍ୟ ଥିଲେ ।

ପଣ୍ଡିତ ନୀଳକଣ୍ଠ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥା ବିଷୟ ଶୁଣି ଶେଷଦର୍ଶନ ପାଇଁ କଟକ ଫେରି ଆସିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସବୁ ଅଂଚଳ ଓଡିଶାରେ ମିଶିବାକୁ କହିବା ପରେ ତାଙ୍କର ଚୈତନ୍ୟ ସତା ଲୋପ ପାଇଯାଇଥିଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖ ରାତିରେ ତାଙ୍କର ଅମର ଆତ୍ମା ଦିବ୍ୟଧାମକୁ ବାହୁଡି ଗଲା । ସୁଦୀର୍ଘ ୮୫ ବର୍ଷ ବୟସରେ ଘଟଣାବହୁଳ କୁଳବୃଦ୍ଧ ମଧୁବାବୁଙ୍କ ଜୀବନର ପରିସମାପ୍ତି ଘଟିଲା ।

ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ମଧୁବାବୁ ଜୀବନସାରା ଲାଗି ପଡିଥିଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ୧୯୩୬ ଏପ୍ରଲ ୧ ତାରିଖକୁ ନିଜ ଆଖିରେ ଦେଖି ପାରିନଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି, ଏବେବି ଓଡିଆ ଓ ଓଡିଶାର ବିକାଶ ଚିନ୍ତା କରୁଥିବା ଚିନ୍ତାନାୟକ ମାନେ ଓଡିଶାରୁ ବିଚ୍ଛିନ୍ନାଂଚଳ, ଓଡିଶାରେ ମିଶ୍ରଣ କରାଇ ପାରିନାହାନ୍ତି । ଓଡିଶା ପ୍ରଦେଶରୁ ବାଦ୍‌ପଡିଥିବା ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶ୍ରଣ କରାଇବାକୁ ସମସ୍ତ ଓଡିଆ ପ୍ରଯତ୍ନ କରିପାରିଲେ ମଧୁବାବୁ ଜୀବନର ଯଥାର୍ଥ ଆଲୋକପାତ କରାଯିବା ସହିତ ସ୍ୱତନ୍ତ୍ର ପ୍ରଦେଶ ପାଳନର ଲକ୍ଷ ସାକାର ହୋଇପାରିବ ବୋଲି ଯଥାର୍ଥରେ କୁହାଯାଇପାରେ ।

+ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ.ନଂ- ୯୯୩୭୬୯୧୪୭୫

# ମନୋଜ ଦାସଙ୍କ 'ଭାନୁଗୁଣ୍ଡା' ଓ ଆର୍.କେ.ନାରାୟଣଙ୍କ 'An Astrologer's Day' : ଏକ ତୁଳନାତ୍ମକ ବିବେଚନା



ପ୍ରଫେସର ମଣୀନ୍ଦ୍ର କୁମାର ମେହେର





ମନୋଜ ଦାସଙ୍କ ଗଳ୍ପ-ସୃଷ୍ଟିର ଚୁମ୍ବକୀୟ ଶକ୍ତି ସଂପର୍କରେ କିଏ ବା ଅବିହିତ ନୁହଁନ୍ତି ! ସେହିପରି ଭାରତୀୟ ସାହିତ୍ୟ କ୍ଷେତ୍ରରେ ଆର୍.କେ. ନାରାୟଣ ହେଉଛନ୍ତି ଇଂରାଜୀ ଭାଷାର ଉଚ୍ଚକୋଟୀର ସୁପ୍ରସିଦ୍ଧି ଗାଳ୍ପିକ । ତାଙ୍କ ସଂପର୍କରେ ମଧ୍ୟ ପରିଚୟ ଦେବାର ଆବଶ୍ୟକତା ନାହିଁ, କାରଣ ସେ ସଚେତନ ପାଠକଙ୍କ ନିକଟରେ ଏକାନ୍ତ ଲୋକପ୍ରିୟ । ବିଶେଷତଃ ଦକ୍ଷିଣ ଭାରତର ଗ୍ରାମାଞ୍ଚଳର ଚିତ୍ର ପ୍ରତିଫଳିତ ହୋଇଥିବା ତାଙ୍କ ଗବକ୍ଷଶଙ୍କୟସ ଉବଚ'ଶ୍ୱ ଯେଉଁ ଜନପ୍ରିୟତା ଅର୍ଜନ କରିଛି, ତାହା ବାସ୍ତବିକ୍ ଅତୁଳନୀୟ । ମନୋଜ ଦାସ ତାଙ୍କର 'କଥା ଓ କାହାଣୀ' ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିବାବେଳେ, ଆର୍.କେ.ନାରାୟଣ ତାଙ୍କର 'ଞଷର ଶଙ୍କସୟର' ଉପନ୍ୟାସ ସକାଶେ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ । ମନୋଜ ଦାସ ଓ ଆର୍.କେ.ନାରାୟଣ ଉଭୟେ ହେଉଛନ୍ତି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିଥିବା ଦୁଇ ଭାରତୀୟ ଇଂରାଜୀ ଲେଖକ । ଉଭୟଙ୍କ କଥା ସାହିତ୍ୟରେ ରହିଛି ଏପରି ସ୍ପଷ୍ଟ ସାମଞ୍ଜସ୍ୟ ଯେ ତାହା ଅନୁଭବୀ ପାଠକମାନଙ୍କୁ ଉଦ୍‌ବେଳିତ କରିଦେବା ଏକାନ୍ତ ସ୍ୱାଭାବିକ । ଏ କ୍ଷେତ୍ରରେ ଉଭୟ ପ୍ରତିଭାଶାଳୀ ଲେଖକଙ୍କ ଦୁଇଟି ଗଳ୍ପକୁ କେନ୍ଦ୍ରକରି ଉଭୟଙ୍କ ମଧ୍ୟରେ ପ୍ରକାଶିତ ହୋଇଛି ଯେଉଁ ଅଚିନ୍ତନୀୟ ସାମଞ୍ଜସ୍ୟ, ତାହାକୁ ପ୍ରକଟିତ କରିବା ଏ ପ୍ରବନ୍ଧ ପ୍ରସ୍ତୁତିର ପ୍ରଧାନ ଲକ୍ଷ୍ୟ ।

ମନୋଜ ଦାସଙ୍କ 'ଭାନୁଗୁଣ୍ଡା' ଗଳ୍ପଟି 'ମନୋଜ ପଞ୍ଚବିଂଶତି' ପୁସ୍ତକ ଅନ୍ତର୍ଗତ । ଏହି ସୁନିର୍ଦ୍ଦିଷ୍ଟ ଗଳ୍ପଟି ପାଠକମାନଙ୍କ ଅନ୍ତରରେ ଚିରନ୍ତନ ରେଖାଙ୍କନ କରିବାର ଯେଉଁ ଶକ୍ତି ବହନ କରିଛି, ତାହା ଏକ ମହାନ ଉପଲବ୍ଧି ନିଶ୍ଚୟ । ଠିକ୍ ସେହିପରି ଆର୍.କେ.ନାରାୟଣଙ୍କ ରଚିତ **'An Astrologer's Day'** ମଧ୍ୟ ଭିନ୍ନ ଚୈତିକ ପରିବର୍ତ୍ତନର ଯେଉଁ ଆଭାସ ପ୍ରଦାନ କରିଛି ତାହା ଅବିସ୍ମରଣୀୟ । ମନୋଜ ଦାସଙ୍କ 'ଭାନୁଗୁଣ୍ଡା' ଗଳ୍ପଟିକୁ ଯେଉଁମାନେ ଅଧ୍ୟୟନ କରିପାରିଛନ୍ତି, ସେମାନେ ପ୍ରତ୍ୟେକ ଘଟଣା ବିଷୟରେ ମନେପକାଇ ପାରିବେ ନିଶ୍ଚୟ । ଏ ଗଳ୍ପର ମୁଖ୍ୟ ନାୟକ ହେଉଛି 'ଭାନୁଗୁଣ୍ଡା' ।

ଗଳ୍ପଟିରେ ଏକ ଅଜବ ମଣିଷର ରୂପ ଚିତ୍ରିତ । ଓଭରକୋର୍ଟ ପିନ୍ଧିଥିବା ଓ ଅସ୍ୱାସ୍ଥ୍ୟକର ଗନ୍ଧ ବାହାରୁ ଥିବା ଲୋକଟିକୁ ସହ୍ୟ କରିଛନ୍ତି ଲେଖକ ସହିତ ତାଙ୍କର ବନ୍ଧୁବର୍ଗ । ସେ କଣ୍ଠସ୍ୱର ଉଚ୍ଚ କରି ମାନନୀୟ ଅଧ୍ୟାପକ ରାଓ ସାର୍‌ଙ୍କ ପଚାରିଛି 'ସମୀରପୁର'ରୁ ଆସୁଛ ପରା ! ସମୀରପୁର ସଂପ୍ରତି ଯେ ସହରେ ସହରେ ପରିଣତ ହୋଇ ସାରିଛି ଓ ସେଥିରେ କଲେଜ ମଧ୍ୟ ପ୍ରତିଷ୍ଠିତ, ତାହା ସ୍ୱପ୍ନାବିଷ୍ଟ ପରି ଲୋକଟି କହିଯାଉଥିଲା । ତାହା ପୂର୍ବରୁ ଥିଲା ଏକ ନିପଟ ଗାଁ । ଭାନୁଗୁଣ୍ଡା ସମୟର କଥା ଯେତେବେଳେ ସେ ଲୋକଟି କହିଲା, ରାଓ ସାହେବ ଚମକି ଉଠିଥିଲେ । ସାର୍‌ଙ୍କ ବ୍ୟତୀତ ଅନ୍ୟ କେହି ଭାନୁଗୁଣ୍ଡାଙ୍କୁ ଜାଣି ନଥିଲେ । ସେ ତେଣୁ ପଚାରିଲେ ତାକୁ ତୁମେ ଜାଣିଲ କିପରି ? ଲୋକଟି ଅତି ସାଧାରଣ ଭାବରେ କହୁଥିଲା, ତାହାକୁ ତାହେଲେ ହତ୍ୟା କରିଛି କିଏ ? ପ୍ରାୟ ପଚାଶବର୍ଷ ତଳର ଏ ଘଟଣା । ଭାନୁଗୁଣ୍ଡା-ଦୁର୍ଦ୍ଧାନ୍ତ ସେ ସମୟରେ ସୃଷ୍ଟି କରିଥିଲା ଭୟ ଓ ଆତଙ୍କ । ସେ ନିରୁଦ୍ଦିଷ୍ଟ ହୋଇଯିବା ପରେ ଧୀରେ ଧୀରେ ତାକୁ ସମସ୍ତେ ଭୁଲିଯିବା ଥିଲା ସ୍ୱାଭାବିକ । ସେହି ଗ୍ରାମର ଜଣେ ବାଳିକା ବୃଦ୍ଧ ବରପାତ୍ର ସହିତ ବିବାହ କହିବା ଓ ତା'ପରେ ଭାନୁଗୁଣ୍ଡା ଦ୍ୱାରା ସେ ଉଦ୍ଧାର ପ୍ରାପ୍ତ ହୋଇ ତାର ଅଭିଳଷିତ ପ୍ରେମିକ ସହିତ ଭାନୁଗୁଣ୍ଡା ସହାୟତାରେ ବିବାହ କରିବା ଘଟଣା ପ୍ରତିପାଦନ କରିଦିଏ ଯେ, ତା'ର ଉଦ୍ଦେଶ୍ୟ ଥିଲା ମହତ୍ । ତେବେ ଏଭଳି ମହତ କାର୍ଯ୍ୟ କରିଥିବା ଲୋକଟି କାହିଁକି ସେ ଦୁଇଟି ଜୀବନ ଉପରେ ଯବନିକା ଟାଣି ଦେଇଥିଲା ତାହା ରହସ୍ୟମୟ । ଏ ଘଟଣା ପ୍ରକାଶ କରି ଉପରେ ଉଲ୍ଲିଖିତ ହୋଇଥିବା ଲୋକଟି ଜଣାଇ ଦେଇଥିଲା ଯେ, ସେ ଭାନୁଗୁଣ୍ଡାକୁ ହତ୍ୟା କରିଛି । ଭାନୁଗୁଣ୍ଡାକୁ ହତ୍ୟା କରିଥିବା ସେ ଲୋକଟି କହିଛି ଯେ - 'ଝିଅର ବାପାକୁ କହିଦେବ ଭାନୁଗୁଣ୍ଡା ବେଶ୍ ମରିବା ଭଳି ମରିଛି । ଯଥେଷ୍ଟ ଯନ୍ତ୍ରଣା ପାଇଛି । କହିଦେବ । ସେ ଖୁସିହେବେ ।' ହେଲେ ସେତେବେଳକୁ ଆଉ ସେ ଝିଅର ପିତା ଜୀବିତ ନଥିଲେ । ଭାନୁଗୁଣ୍ଡାର ମୃତ୍ୟୁ ଖବର ଦେଇ ଗ୍ରାମବାସୀଙ୍କୁ ଆପ୍ୟାୟିତ କରିବା ପାଇଁ ଚାହୁଁଥିବା ସେ ଲୋକଟି ଦେଖାଯାଇଥିଲା ବିକଳ ଓ କରୁଣ । ପାଞ୍ଚବର୍ଷ ପରେ ମୁଶୋରୀ ଯିବା ରାସ୍ତାରେ ଡେରାଡୁନ୍‌ରେ ଅଟକି ଥିବାବେଳେ ଲେଖକ ଚେଷ୍ଟା କରିଥିଲେ ସେଇ ଲୋକଟି ସଂପର୍କରେ ଜାଣିବା ପାଇଁ । ଜଣେ ଚ'ଦୋକାନୀ ମନେ ପକାଇ କହିଛି, ସେ ଥିଲା ଏକ ପାଗଳ । ମଝିରେ ମଝିରେ ନିଜ ଦେହର ଏକ ଏକ ଅଂଶରେ କିରୋସିନି ଢାଳି ନିଆଁ ଲଗାଇ ଦେଉଥାଏ । ସେ ଆଉ ନାହିଁ । ସେ ପୋଡ଼ିଯାଇ ମରିଛି । ସମୀରପୁର ଫେରି ଲେଖକ ଯେତେବେଳେ ରାଓ ସାର୍‌ଙ୍କୁ ଏ ଘଟଣା ଜଣାଇଛନ୍ତି, ସେତେବେଳେ ରାଓ ସାର୍ କହିଛନ୍ତି - "ସେଦିନ ହିଁ ମୁଁ ଭାନୁକୁ ଚିହ୍ନି ପକାଇଥିଲି", ଅର୍ଥାତ୍ ଗଳ୍ପର ଆରମ୍ଭରେ ଯେଉଁ ଲୋକଟିର ଚରିତ୍ର ଚିତ୍ରିତ, ସିଏ ନିଜେ ହିଁ ଭାନୁଗୁଣ୍ଡା ଓ ସେ ପୁଣି ନିଜକୁ କଲବଲ କରି ପୋଡ଼ି ପୋଡ଼ାଇ ଆତ୍ମହତ୍ୟା କରିଛି ଅନୁତପ୍ତ ହୋଇ ।

ଏ ପ୍ରସଙ୍ଗରେ ଆର୍.କେ.ନାରାୟଣଙ୍କ **"An Astrologer's Day"** କାହିଁକି ହେବ ତୁଳନୀୟ ଏ ପ୍ରଶ୍ନ ଆମ ମନରେ ଉଠିବା ସ୍ୱାଭାବିକ । ତା'ହେଲେ ଗଳ୍ପଟି ଉପରେ ଦୃଷ୍ଟିପାତ କରାଯାଉ ।

ବର୍ଣ୍ଣନାରେ ରହିଛି ଗୋଟିଏ ତେନ୍ତୁଳି ଗଛ । ସେଠୁ ରାସ୍ତା ଦୁଇ ଭାଗରେ ବିଭକ୍ତ । ଜନଗହଳିପୂର୍ଣ୍ଣ ସ୍ଥାନ । ଆଇସ୍‌କ୍ରିମ୍ ବାଲା ପ୍ରତିଦିନ ନୂଆ ନୂଆ ନାମଦେଇ ଆଇସିକ୍ରିମ୍ ବିକ୍ରିକରେ । ସେଠାରେ ଲାଗି ଲାଗି ରହିଛି କେତୋଟି ଦୋକାନ । ଦୋକାନୀମାନଙ୍କ ପାଖରେ ଜଣେ ଜ୍ୟୋତିଷ ଦ୍ୱିପହର ହେଲେ ଆସି ବସନ୍ତି । ମଥାରେ ତାଙ୍କର ଚନ୍ଦନ ଚର୍ଚ୍ଚିତ । ସିନ୍ଦୂରର ବଡ଼ ଚିହ୍ନ । ଆଖିରେ ନିବିଡ଼ କଳା କଜ୍ଜଳ । ଭୂଲତା ମଝିରେ ଓ ଆଖିରେ ଗାଢ଼ କଜ୍ଜଳ ଦେଖିଲେ ଯେ କେହି ସମ୍ମୋହିତ ହୋଇଯିବା ସ୍ୱାଭାବିକ । ତା'ପାଖରେ ଥାଏ ତାଳପତ୍ର ପୋଥି । ଦିନେ ସେ ଜ୍ୟୋତିଷ ଜଣକ ବସିଛନ୍ତି ସଞ୍ଜ ନଇଁଯିବା ପର୍ଯ୍ୟନ୍ତ । କିନ୍ତୁ ସେଦିନ କେହି ଆସିନାହାନ୍ତି । ଶେଷରେ ଆସନ୍ତି ଜଣେ ବ୍ୟକ୍ତି । ତାଙ୍କ ସହିତ ଜ୍ୟୋତିଷଙ୍କର ଦେୟ ବିଷୟରେ ହୋଇଛି ମୂଲଚାଲ୍ । ଲୋକଟି କହିଛି ଯେ ଜ୍ୟୋତିଷ ଯଦି ସବୁ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତି, ତାହେଲେ ସେ ପଇସା ଦେବ । ଲୋକଟି ଡିଆସିଲି କାଠି ବାହାର କରି ସିଗାରେଟ୍‌ରେ ଲଗାଇଛି ନିଆଁ । ସେହି ଆଲୁଅରେ ତା'ମୁହଁ ଦେଖି ଚମକି ଉଠିଛନ୍ତି ଜ୍ୟୋତିଷ ଜଣଙ୍କ । କହିଛନ୍ତି ତାକୁ ଅତୀତର କଥା । ଗୋଟିଏ କୂଅରେ ତାକୁ ପକାଇଦେଇ କେହି ଜଣେ ହତ୍ୟାକରିବା ଘଟଣା । ଏହା ଜ୍ୟୋତିଷଙ୍କ ଠାରୁ ଜାଣିବା ପରେ ଲୋକଟି ପୁଣି ପ୍ରଶ୍ନ ପଚାରୁଛି ଯେ, ମୋତେ ଯିଏ କୂଅରେ ପକାଇ ଦେଇଥିଲା ସେ ଲୋକଟି ଆଜି କାହିଁ ? ଆଜିଠାରୁ ଦୁଇବର୍ଷ ତଳେ ଏକ ଲରି ତଳେ ସେ ଚାପି ମରିଯାଇଛି । ତେଣୁ ତାକୁ ଆଉ ଖୋଜିବାର ଆବଶ୍ୟକତା ନାହିଁ ବୋଲି ଜ୍ୟୋତିଷ ଜଣକ ଜଣାଇ ଦେଇଛନ୍ତି ।

ଗଳ୍ପଟିର ଶେଷ ଭାଗରେ ଲୁକ୍କାୟିତ ହୋଇ ରହିଥିବା ରହସ୍ୟ ଉନ୍ମୋଚନ କରୁଛନ୍ତି ଲେଖକ । ବାସ୍ତବରେ ସେଇ ଲୋକଟିକୁ ମାରିବାର ଉଦ୍ୟମ ଯିଏ କରିଥିଲା ସିଏ ଏହି ଜ୍ୟୋତିଷ । ଛୁରୀମାରି ମଦ ପିଇ ତାକୁ ଠେଲି ଦେଇଥିଲା କୂଅ ଭିତରକୁ । ସେ ଯେଉଁ ଅପରାଧ କରିଥିଲା, ସେଥିପାଇଁ ଅନୁତପ୍ତ ହୋଇଛି ସାରା ଜୀବନ । ପରେ ଜ୍ୟୋତିଷର ଭୂମିକା କରିଛି ତା'ର ରୂପ ପରିବର୍ତ୍ତନ ଏବଂ ସମାଜରେ ହୋଇଛି ପରିଚିତ ଭିନ୍ନ ନାମ ଓ ରୂପରେ । ଏବେ ସେ ଜଣେ ଶୃଙ୍ଖଳିତ ସଂସାରୀ ।

ଉଭୟ ଗଳ୍ପ ମଧ୍ୟରେ ରହିଛି ଯେଉଁ ସାମଞ୍ଜସ୍ୟ, ତାହାର ବିଶ୍ଳେଷଣ କରିବା ଅନାବଶ୍ୟକ । କାରଣ ପ୍ରସଂଗଟି ହେଉଛି ଏତିକି ଯେ, ଭାନୁଗୁଣ୍ଡା ଯେପର ହତ୍ୟାକାରୀ ହୋଇ ପରବର୍ତ୍ତୀ କାଳରେ ଅନୁତାପର ନିଆଁରେ ଦଗ୍ଧୀଭୂତ ହୋଇଛି ଏଠାରେ ମଧ୍ୟ ସେଭଳି ଜ୍ୟୋତିଷ ଚରିତ୍ରଟି ହତ୍ୟା ଅପରାଧ ଘଟାଇବା ପରେ ହୋଇଛି ଅନୁତପ୍ତ । ଯେତେବେଳେ ସେ ଦେଖିବାକୁ ପାଇଛି ଯେ, ଯାହାକୁ ସେ ମାରିଦେଇଥିଲା ସେହି ଲୋକଟି ଜୀବନ୍ତ ରୂପରେ ତା'ଆଗରେ ବିଦ୍ୟମାନ, ସେତେବେଳେ ସିଏ ପାପବୋଧରୁ ପାଇଛି ମୁକ୍ତି । ଆଶ୍ୱସ୍ତ ହୋଇଛି ଯେ, ଯାହାକୁ ସେ ମାରିଛି ବୋଲି ଭାବି ନେଇଥିଲା, ସିଏ ବଞ୍ଚିରହିଛି ଏପର୍ଯ୍ୟନ୍ତ । ତା'ହେଲେ ? ଆଜି ଯିଏ ଜ୍ୟୋତିଷ ସିଏ ମରିସାରିଛି ଲରିତଳେ ବୋଲି ବର୍ଣ୍ଣନା କରିବାର ଅର୍ଥ ହେଉଛି ଯେ, ତା'ଭିତରର ହତ୍ୟାକାରୀ ସତ୍ତାଟି ଥିଲା ଅନୁତପ୍ତ ହୋଇ ଓ ମାରିଦେଇଥିବା ଲୋକଟିର ଜୀବନ୍ତ ଅବସ୍ଥା ଦେଖି ସେ ଅନୁଭବ କରିଛି ଯେ ପୂର୍ବରୁ ହତ୍ୟାକାରୀ ଥିବା ସିଏ ନିଜେ ମରିଯାଇ ସାରିଛି । ସାଧାରଣ ଦୃଷ୍ଟିରୁ ଦେଖିଲେ ଜ୍ୟୋତିଷର ଏହା ଏକ ମିଥ୍ୟା ବର୍ଣ୍ଣନା ଓ ଆଶ୍ୱାସନା । କିନ୍ତୁ ଅନ୍ତର୍ଦୃଷ୍ଟି ନେଇ ବିଚାର କଲେ ଉପଲବ୍ଧି କରିହୁଏ ଯେ, ସତକୁ ସତ ତା' ଭିତରର ନିଷ୍ଠୁରତା ମରିସାରିଛି କେବେଠାରୁ । ସେଥିପାଇଁ ସେ ଏ ଲୋକଟିକୁ କହୁଛି, ହତ୍ୟାକାରୀକୁ ଆଉ ଖୋଜିବାର ଆବଶ୍ୟକତା ନାହିଁ । କାରଣ ସେ ମୃତ । ଏପରି ବାଣୀ ଉଚ୍ଚାରଣ କରି ଏହି ଲୋକଟିର ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେ ଚାହିଁଛି କି ? ଏପରି ଉତ୍ତର ଦେବା ଦ୍ୱାରା ସେ ଆଉ ହତ୍ୟାକାରୀକୁ ଖୋଜିବ ନାହିଁ ବା ମାରିବ ନାହିଁ - ଏହି ଦୁଃଶ୍ଚିନ୍ତା କବଳରୁ ରକ୍ଷା ପାଇବା ଲାଗି ସେ ଏହା କହିଥାଇ ପାରେ କି ? ଏଭଳି ପ୍ରଶ୍ନ ଉତ୍‌ଥାପନ ଆସ୍ୱାଭାବିକ ନୁହେଁ । ବଞ୍ଚି ରହିବାର ଲୋଭ, ଲାଳସା ଓ ଆଶା ନେଇ ସେ ବାସ୍ତବରେ ମିଛ କହିନାହିଁ । ତା'ର ଅନ୍ତର୍ଗତ ଚେତନାରେ ସେ ଅନୁଭବ କରିଛି ସତକୁସତ ସେ ମରି ସାରିଛି ବୋଲି । ଏହି ପଶ୍ଚାତାପ ଓ ପରିବର୍ତ୍ତନ ହେଉଛି ତା' ମଧ୍ୟରେ ମାନବିକତାବୋଧର ଜାଗରଣ ।

ଭାନୁଗୁଣ୍ଡା କିପରି ଅନୁତପ୍ତ ହୋଇଛି ଆଉ ଶେଷରେ ପାଗଳପ୍ରାୟ ହୋଇ ନିଜକୁ ନିଜେ ହତ୍ୟା କରିଛି ଅସହ୍ୟ ଯନ୍ତ୍ରଣା ଦେଇ ତାହାକୁ ମନୋଜ ଦାସ ବର୍ଣ୍ଣନା କରି ତା'ମଧ୍ୟରେ ଲୁକ୍କାୟିତ ମାନବିକତାକୁ ଯେପରି ଉଜ୍ଜୀବିତ କରିଛନ୍ତି; ଆର୍.କେ.ନାରାୟଣ ଠିକ୍ ସେହିପରି ଭାବରେ ଏକ ହତ୍ୟାକାରୀର ଚାରିତ୍ରିକ ପରିବର୍ତ୍ତନ ଘଟାଇଛନ୍ତି । ପାର୍ଥକ୍ୟ ଏତିକି ଯେ, ଭାନୁଗୁଣ୍ଡା ନିଜକୁ ଯନ୍ତ୍ରଣା ଦେଇ ମାରିଛି ଆଉ **"An Astrologer's Day"** ଗଳ୍ପରେ ଯିଏ ହତ୍ୟାକାରୀ ସେ ସେଭଳି ଆତ୍ମପ୍ରତିଶୋଧ ନେଇନାହିଁ । ଏହାର ରହିଛି ଦୁଇଟି କାରଣ । ଗୋଟିଏ ହେଲା ତା' ଭିତରର ନିଷ୍ଠୁର ପିଶାଚଟିକୁ ସେ ପରାଜିତ କରି ନିଜ ଚରିତ୍ରରେ ଆଣିଛି ସଂପୂର୍ଣ୍ଣ ପରିବର୍ତ୍ତନ । ଶେଷରେ ଯେତେବେଳେ ଜାଣିପାରିଛି, ଯାହାକୁ ସେ ହତ୍ୟା କରିଥିଲା, ସେ ଏବେ ମଧ୍ୟ ବଞ୍ଚି ରହିଛି ବୋଲି - ତା'ପରେ ଅପରାଧବୋଧର ଯନ୍ତ୍ରଣାରୁ ହୋଇଛି ମୁକ୍ତ । ଭାନୁଗୁଣ୍ଡା ଯେଉଁମାନଙ୍କୁ ହତ୍ୟା କରିଥିଲା, ସେମାନଙ୍କ ଆତ୍ମୀୟସ୍ୱଜନ ଭାନୁର ହତ୍ୟା ସମ୍ବାଦ ଶୁଣି ଖୁସି ହେବା ପାଇଁ ଆଉ ଜୀବିତ ନାହାନ୍ତି, ଏକଥା ଜାଣିବା ପରେ ସେ ନିଜକୁ ନିଜେ ଦଣ୍ଡିତ କରିଛି ନିଜ ଦେହରେ ନିଆଁ ଲଗାଇ । ଯଦି ଯେଉଁମାନଙ୍କୁ ସେ ନିର୍ଦ୍ଦୟ ଭାବରେ ହତ୍ୟା କରିଥିଲା, ସେମାନଙ୍କ ଆତ୍ମୀୟସ୍ୱଜନ ବଞ୍ଚି ରହିଥାନ୍ତେ, ତାହେଲେ ଆର୍.କେ.ନାରାୟଣଙ୍କ ଜ୍ୟୋତିଷ ପରି ସେ ଆଶ୍ୱସ୍ତ ହୋଇଥାନ୍ତା । ଆଉ ଆର୍.କେ.ନାରାୟଣଙ୍କ ଗଳ୍ପରେ ଯଦି କୂଅରେ ପଡ଼ିଥିବା ଲୋକଟି ସତକୁସତ ମରିଯାଇଛି ବୋଲି ଜ୍ୟୋତିଷ ଜଣକ ଶୁଣିଥାନ୍ତା ଅନ୍ୟ କାହା ପାଖରୁ, ତାହେଲେ ସେ କ'ଣ ନିଜକୁ କ୍ଷମା କରିପାରିଥାନ୍ତା ? ହୁଏତ ଗଳ୍ପର ମୋଡ଼ ବଦଳି ଯାଇଥାନ୍ତା ଏଇଠାରେ । ତାହା ଆଉ ଆବଶ୍ୟକ ହୋଇ ନାହିଁ ।

ମନୋଜ ଦାସ ଓ ଆର୍.କେ.ନାରାୟଣଙ୍କ ଗଳ୍ପ ଦୁଇଟିର ଲକ୍ଷ୍ୟ ହେଉଛି ସମାନ । ଉଭୟେ ମନୁଷ୍ୟ ମଧ୍ୟସ୍ଥିତ ରାକ୍ଷସକୁ ନିହତ କରି ମନୁଷ୍ୟତ୍ୱର ବିଜୟ ଉଦ୍‌ଘୋଷିତ କରିଛନ୍ତି ଭିନ୍ନ ଭିନ୍ନ ରୀତିରେ କେବଳ । ଏହି ଦୁଇ ଗାଳ୍ପିକ ଯେପରି ଅସାଧାରଣ, ତାଙ୍କ ଗଳ୍ପ ପରବେଷଣ ମଧ୍ୟ ସମାନ ଭାବରେ ଅର୍ଥପୂର୍ଣ୍ଣ ଓ ପ୍ରେରଣାଗର୍ଭିତ । ଏହାହିଁ ଉଭୟ ଗଳ୍ପର ସାର୍ଥକତା ବୋଲି ନିର୍ଣ୍ଣୟ କରାଯାଇପାରେ ।

+ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

# ତାରାଭରା ଆକାଶ ଉପରେ କୃତ୍ରିମ ଆଲୋକର ଗ୍ରହଣ

ମହାକାଶର ରହସ୍ୟ ଉନ୍ମୋଚନ କରିବା ପାଇଁ ମଣିଷ ସର୍ବଦା ଉତ୍ସୁକ ରହିଆସିଛି । ଏହି ଅନୁସନ୍ଧାନରେ ରାତ୍ରିର ଅନ୍ଧକାର ଆକାଶ ଏକ ପ୍ରାକୃତିକ ପରୀକ୍ଷାଗାର ଭାବରେ କାର୍ଯ୍ୟ କରିଥାଏ । ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ମହାକାଶ ଗବେଷଣା କେନ୍ଦ୍ରଗୁଡ଼ିକ ମଧ୍ୟରୁ ଦକ୍ଷିଣ ଆମେରିକାର ଚିଲି ଦେଶରେ ଅବସ୍ଥିତ ଆଟାକାମା ମରୁଭୂମି ସବୁଠାରୁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । କିନ୍ତୁ ସାମ୍ପ୍ରତିକ ସମୟରେ ଆଲୋକ ପ୍ରଦୂଷଣ ବା ଲାଇଟ୍ ପଲ୍ୟୁସନ୍ କାରଣରୁ ଆଟାକାମାର ଅନ୍ଧକାର ଆକାଶ ଏବେ ନିଜର ସ୍ୱାଭାବିକ ସ୍ଥିତି ହରାଇବାକୁ ବସିଲାଣି । ସହରୀକରଣ, ଶିଳ୍ପାୟନ ଏବଂ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଯୋଗୁଁ ଏହି ମରୁଭୂମିର ପ୍ରାକୃତିକ ଅନ୍ଧକାର ପ୍ରତି ବିପଦ ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ ଆମକୁ ବିଚାର କରିବାକୁ ହେବ ଯେ ବିକାଶ ନାମରେ ଆମେ ମହାକାଶ ବିଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରକୁ କିପରି ନଷ୍ଟ କରିବାକୁ ଯାଉଛୁ ଏବଂ ଏହାର ସମାଧାନ ପାଇଁ କେଉଁ ପଦକ୍ଷେପ ନିଆଯିବା ଆବଶ୍ୟକ ।

ଆଟାକାମା ମରୁଭୂମିର ଭୌଗୋଳିକ ସ୍ଥିତି ଏବଂ ପରିବେଶ ଏହାକୁ ମହାକାଶ ଗବେଷଣା ପାଇଁ ପୃଥିବୀର ସର୍ବୋତ୍ତମ ସ୍ଥାନରେ ପରିଣତ କରିଛି । ସମୁଦ୍ର ପତନଠାରୁ ପ୍ରାୟ ତିନି ହଜାର ମିଟରରୁ ଅଧିକ ଉଚ୍ଚତାରେ ଅବସ୍ଥିତ ଏହି ମରୁଭୂମିକୁ ପୃଥିବୀର ସବୁଠାରୁ ଶୁଷ୍କ ଅଞ୍ଚଳ ଭାବରେ ବିବେଚନା କରାଯାଏ । ଚିଲି ଆଷ୍ଟ୍ରୋନୋମିକାଲ୍ ସୋସାଇଟିର ସଭାପତି କିଆରା ମାଜୁଚେଲିଙ୍କ ମତରେ ଆଟାକାମାର ପରିବେଶ ବିଶ୍ୱରେ ଅଦ୍ୱିତୀୟ ଅଟେ । ଏଠାରେ ବର୍ଷକୁ ତିନି ଶହରୁ ଅଧିକ ରାତି ସମ୍ପୂର୍ଣ୍ଣ ମେଘମୁକ୍ତ ଏବଂ ବୃଷ୍ଟିହୀନ ରହିଥାଏ । ଏହି ବିରଳ ଶୁଷ୍କ ଜଳବାୟୁ, ଅତ୍ୟଧିକ ଉଚ୍ଚତା ଏବଂ ସହରୀ ଆଲୋକରୁ ଦୂରତା ଯୋଗୁଁ ଏଠାକାର ଆକାଶ ସମ୍ପୂର୍ଣ୍ଣ ସ୍ୱଚ୍ଛ ରହେ । ଖାଲି ଆଖିରେ ମଧ୍ୟ ଏଠାରୁ ଛାୟାପଥ, ଗ୍ରହ, ନକ୍ଷତ୍ର ଏବଂ ବିଭିନ୍ନ ତାରକାମଣ୍ଡଳୀକୁ ଅତି ସ୍ପଷ୍ଟ ଭାବରେ ଦେଖିହୁଏ । ଏହି କାରଣରୁ ୟୁରୋପିଆନ୍ ସଦର୍ଣ୍ଣ ଅବଜରଭେଟୋରୀ ବା ଇଏସଓ ପରି ଅନେକ ଆନ୍ତର୍ଜାତୀୟ ସଂସ୍ଥା ଏଠାରେ ନିଜର ଅତ୍ୟାଧୁନିକ ଟେଲିସ୍କୋପ୍ ସ୍ଥାପନ କରିଛନ୍ତି । ଏହି ଅଞ୍ଚଳକୁ ଫୋଟନ୍ ଭ୍ୟାଲି ବୋଲି ମଧ୍ୟ କୁହାଯାଏ ଯେଉଁଠାରେ ପୃଥିବୀର ସବୁଠାରୁ ଶକ୍ତିଶାଳୀ ମହାକାଶ ଗବେଷଣା ଯନ୍ତ୍ରପାତି କାର୍ଯ୍ୟକ୍ଷମ ରହିଛି ।

ଆଟାକାମାର ଏହି ଅନୁକୂଳ ପରିବେଶ ଯୋଗୁଁ ଏଠାରେ ପୃଥିବୀର ସବୁଠାରୁ ବୃହତ୍ ଭୂ-ଭିତ୍ତିକ ଜ୍ୟୋତିର୍ବିଜ୍ଞାନ ପ୍ରକଳ୍ପଗୁଡ଼ିକ ନିର୍ମାଣ କରାଯାଇପାରିଛି । ସେଥିମଧ୍ୟରୁ ସବୁଠାରୁ ମହତ୍ୱାକାଂକ୍ଷୀ ପ୍ରକଳ୍ପ ହେଉଛି ଏକ୍ସଟ୍ରିମଲି ଲାର୍ଜ ଟେଲିସ୍କୋପ୍ ବା ଇଏଲଟି ଯାହାକି ଇଏସଓ ଦ୍ୱାରା ନିର୍ମିତ ହେଉଛି । ପ୍ରାୟ ଦେଢ଼ ବିଲିୟନ୍ ଡଲାର୍ ବ୍ୟୟରେ ନିର୍ମିତ ହେଉଥିବା ଏହି ପ୍ରକଳ୍ପ ୨୦୩୦ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରଖାଯାଇଛି । ତଥ୍ୟ ଅନୁଯାୟୀ ଏହି ଟେଲିସ୍କୋପରେ ୭୯୮ଟି ଦର୍ପଣ ଲାଗିବ ଏବଂ ଏହାର ଆଲୋକ ସଂଗ୍ରହ କ୍ଷେତ୍ର ପ୍ରାୟ ଏକ ହଜାର ବର୍ଗ ମିଟର ହେବ । ଏହା ବର୍ତ୍ତମାନର ସର୍ବୋତ୍ତମ ଟେଲିସ୍କୋପ୍ ଗୁଡ଼ିକ ତୁଳନାରେ କୋଡ଼ିଏ ଗୁଣ ଅଧିକ ଶକ୍ତିଶାଳୀ ହେବ ଏବଂ ନାସାର ପ୍ରସିଦ୍ଧ ହବଲ୍ ସ୍ପେସ୍ ଟେଲିସ୍କୋପ୍ ଠାରୁ ପନ୍ଦର ଗୁଣ ଅଧିକ ସ୍ପଷ୍ଟ ଚିତ୍ର ପ୍ରଦାନ କରିପାରିବ । ଏଭଳି ଏକ ଯୁଗାନ୍ତକାରୀ ପ୍ରକଳ୍ପର ସଫଳତା ସମ୍ପୂର୍ଣ୍ଣ ଭାବରେ ଆଟାକାମାର ଅନ୍ଧକାର ଆକାଶ ଉପରେ ନିର୍ଭରଶୀଳ । ଯଦି ଆଲୋକ ପ୍ରଦୂଷଣ ବୃଦ୍ଧି ପାଏ ତେବେ ଏତେ ବଡ଼ ପୁଞ୍ଜିନିବେଶ ଏବଂ ବୈଜ୍ଞାନିକ ପ୍ରୟାସ ବୃଥା ହୋଇଯିବାର ଆଶଙ୍କା ରହିଛି । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ହଜାର ହଜାର ବୈଜ୍ଞାନିକ ଏବଂ ଗବେଷକମାନେ ବ୍ରହ୍ମାଣ୍ଡର ଉତ୍ପତ୍ତି ସମ୍ପର୍କରେ ଜାଣିବା ପାଇଁ ଏହି ମରୁଭୂମି ଉପରେ ନିର୍ଭର କରନ୍ତି ।

ବିଗତ କୋଡ଼ିଏ ବର୍ଷ ତଳେ ଆଟାକାମା ମରୁଭୂମି ଏକ ଅନ୍ଧକାରର ମହାସାଗର ଭଳି ଥିଲା ବୋଲି ଆଣ୍ଟୋଫାଗାସ୍ତା ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଏଡୁଆର୍ଡୋ ଉଣ୍ଡା-ସାଞ୍ଜାନା ମତବ୍ୟକ୍ତ କରିଛନ୍ତି । ସେତେବେଳେ କେବଳ ମଣିଷ ଏବଂ ମହାକାଶ ମଧ୍ୟରେ ଏକ ନିବିଡ଼ ସମ୍ପର୍କ ସ୍ଥାପନ ହୋଇପାରୁଥିଲା । ମାତ୍ର ବର୍ତ୍ତମାନ ପରିସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆସିଛି । ଦ୍ରୁତ ସହରୀକରଣ, ଖଣି ଖନନ, ଶିଳ୍ପ ପ୍ରତିଷ୍ଠା ଏବଂ ପବନ କଳ ବା ୱିଣ୍ଡ୍ ଫାର୍ମ ଗୁଡ଼ିକର ସ୍ଥାପନ ଯୋଗୁଁ ଏହି ଅଞ୍ଚଳରେ କୃତ୍ରିମ ଆଲୋକର ମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଛି । ଏହି ବିକାଶମୂଳକ କାର୍ଯ୍ୟଗୁଡ଼ିକ ଅର୍ଥନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ପରିବେଶ ଏବଂ ବିଜ୍ଞାନ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛନ୍ତି । ରାତ୍ରି ସମୟରେ ଖଣି ଏବଂ ଶିଳ୍ପାଞ୍ଚଳରୁ ବାହାରୁଥିବା ଉଜ୍ଜ୍ୱଳ ଆଲୋକ ଆକାଶକୁ ଆଲୋକିତ କରିଦେଉଛି ଯାହା ଫଳରେ ଟେଲିସ୍କୋପ୍ ଗୁଡ଼ିକ ମହାକାଶର ସୂକ୍ଷ୍ମ ଆଲୋକକୁ ଧରିବାରେ ବାଧାପ୍ରାପ୍ତ ହେଉଛନ୍ତି । ଏହା କେବଳ ଚିଲିର ସମସ୍ୟା ନୁହେଁ ବରଂ ସମଗ୍ର ବିଶ୍ୱର ବୈଜ୍ଞାନିକ ସମୁଦାୟ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି । ମହାକାଶରୁ ଆସୁଥିବା ଆଲୋକର ମାତ୍ରା ଅତ୍ୟନ୍ତ କ୍ଷୀଣ ହୋଇଥିବାରୁ ପୃଥିବୀ ପୃଷ୍ଠରୁ ବିଚ୍ଛୁରିତ ହେଉଥିବା କୃତ୍ରିମ ଆଲୋକ ତାହାକୁ ସହଜରେ ଲୁଚାଇ ଦେଇଥାଏ। ଏହି କାରଣରୁ ଦୂର ଗାଲାକ୍ସି ବା ଛାୟାପଥରୁ ଆସୁଥିବା ସଙ୍କେତଗୁଡ଼ିକୁ ପଢ଼ିବା ଅସମ୍ଭବ ହୋଇପଡ଼େ ।

ଗତ ବର୍ଷ ଏହି ଆଲୋକ ପ୍ରଦୂଷଣ ସମସ୍ୟା ଏକ ନୂଆ ମୋଡ଼ ନେଇଥିଲା ଯେତେବେଳେ ଏକ ଶକ୍ତି ଉତ୍ପାଦନକାରୀ କମ୍ପାନୀ ପାରାନାଲ୍ ଅବଜରଭେଟୋରୀ ଠାରୁ ମାତ୍ର କିଛି କିଲୋମିଟର ଦୂରରେ ଏକ ଶକ୍ତି ପ୍ରକଳ୍ପ ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲା । ଏହି ପ୍ରକଳ୍ପକୁ ନେଇ ବୈଜ୍ଞାନିକ ଏବଂ କମ୍ପାନୀ ମଧ୍ୟରେ ଏକ ପ୍ରକାରର ଛକାପଞ୍ଝା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଠାରେ ଏକ ବିରୋଧାଭାସ ଦେଖିବାକୁ ମିଳିଥିଲା କାରଣ ସବୁଜ ଶକ୍ତି ପରିବେଶ ପାଇଁ ହିତକର ହୋଇଥିଲେ ମଧ୍ୟ ଏହାର ଭିତ୍ତିଭୂମିରୁ ବାହାରୁଥିବା ଆଲୋକ ମହାକାଶ ଗବେଷଣା ପାଇଁ କ୍ଷତିକାରକ ଥିଲା । ବୈଜ୍ଞାନିକ ଏବଂ ପଦାର୍ଥବିତ୍ ମାନଙ୍କର ଲଗାତାର ବିରୋଧ ଏବଂ ଆବେଦନ ପରେ ଚଳିତ ବର୍ଷ ଜାନୁଆରୀ ମାସରେ ଏହି ପ୍ରକଳ୍ପକୁ ବାତିଲ୍ କରାଯାଇଥିଲା । ଏହି ଘଟଣାଟି ଏକ ବଡ଼ ବିପଦକୁ ଟାଳି ଦେଇଥିଲେ ମଧ୍ୟ ଏହା ପ୍ରମାଣିତ କଲା ଯେ ବର୍ତ୍ତମାନର ଆକାଶ ସଂରକ୍ଷଣ ଆଇନଗୁଡ଼ିକ ଅତ୍ୟନ୍ତ ପୁରୁଣା ଏବଂ ଅସ୍ପଷ୍ଟ ଅଟେ । ଆଲୋକ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନଗତ ବ୍ୟବସ୍ଥା ନଥିବାରୁ ଭବିଷ୍ୟତରେ ଏଭଳି ପ୍ରକଳ୍ପ ପୁଣିଥରେ ମୁଣ୍ଡ ଟେକିବାର ଆଶଙ୍କା ରହିଛି ।

ଆଲୋକ ପ୍ରଦୂଷଣ ଏକ ଏପରି ସମସ୍ୟା ଯାହାକୁ ଆମେ ସହଜରେ ଦେଖିପାରୁ ନାହୁଁ କିନ୍ତୁ ଏହାର ପ୍ରଭାବ ସୁଦୂରପ୍ରସାରୀ ଅଟେ । ସହରର ରାସ୍ତାଘାଟ, ବିଜ୍ଞାପନ ବୋର୍ଡ ଏବଂ କଳକାରଖାନାରୁ ବାହାରୁଥିବା ଅନାବଶ୍ୟକ ଆଲୋକ ସିଧାସଳଖ ଆକାଶ ଆଡ଼କୁ ବିଚ୍ଛୁରିତ ହୋଇ ଏକ ପ୍ରକାରର ଆଲୋକୀୟ ଆବରଣ ସୃଷ୍ଟି କରେ ଯାହାକୁ ସ୍କାଏ ଗ୍ଲୋ ବୋଲି କୁହାଯାଏ । ଏହି ସ୍କାଏ ଗ୍ଲୋ କାରଣରୁ ତାରାମାନଙ୍କର ସ୍ୱାଭାବିକ ଉଜ୍ଜ୍ୱଳତା ମଳିନ ପଡ଼ିଯାଏ । ଆଟାକାମା ଭଳି ସ୍ଥାନରେ ଯେଉଁଠାରେ ଅତ୍ୟନ୍ତ ସୂକ୍ଷ୍ମ ଯନ୍ତ୍ରପାତି ବ୍ୟବହାର କରାଯାଏ ସେଠାରେ ସାମାନ୍ୟ ଆଲୋକ ପ୍ରଦୂଷଣ ମଧ୍ୟ ଗବେଷଣା ତଥ୍ୟରେ ବଡ଼ ଧରଣର ତ୍ରୁଟି ସୃଷ୍ଟି କରିପାରେ । ତେଣୁ ଶିଳ୍ପ ସଂସ୍ଥାଗୁଡ଼ିକ ନିଜର ଆଲୋକୀକରଣ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ଉଚିତ୍ ଯେପରିକି ଆଲୋକ କେବଳ ତଳ ଆଡ଼କୁ ରହିବ ଏବଂ ଆକାଶକୁ ପ୍ରଦୂଷିତ କରିବ ନାହିଁ । ସ୍ମାର୍ଟ ଲାଇଟିଂ ବ୍ୟବସ୍ଥା ଏବଂ ସେନ୍ସର ଆଧାରିତ ଆଲୋକର ବ୍ୟବହାର ଦ୍ୱାରା ଏହି ସମସ୍ୟାର ସମାଧାନ କିଛି ମାତ୍ରାରେ କରାଯାଇପାରିବ ।

ଏହି ସମସ୍ୟା କେବଳ ଗୋଟିଏ ଦେଶର ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନୁହେଁ । ସମଗ୍ର ବିଶ୍ୱରେ ଆଲୋକ ପ୍ରଦୂଷଣ ଏକ ନୀରବ ଘାତକ ସାଜି ପ୍ରକୃତି ଏବଂ ବିଜ୍ଞାନକୁ କ୍ଷତି ପହଞ୍ଚାଉଛି । ଆମେ ଯେତେବେଳେ ସହରର ଚାକଚକ୍ୟ ମଧ୍ୟରେ ହଜିଯାଉଛୁ ସେତେବେଳେ ଆମେ ଭୁଲିଯାଉଛୁ ଯେ ଆମ ଉପରେ ଥିବା ଅନନ୍ତ ଆକାଶ ଆମର ପ୍ରକୃତ ପରିଚୟ ବହନ କରେ । ଆଟାକାମା ମରୁଭୂମିର ସଙ୍କଟ ଆମ ସମସ୍ତଙ୍କ ପାଇଁ ଏକ ଚେତାବନୀ ସଦୃଶ । ଯଦି ପୃଥିବୀର ସବୁଠାରୁ ଶୁଷ୍କ ଏବଂ ନିର୍ଜନ ସ୍ଥାନ ମଧ୍ୟ ମଣିଷର ହସ୍ତକ୍ଷେପରୁ ବର୍ତ୍ତି ପାରୁନାହିଁ ତେବେ ଅନ୍ୟ ସ୍ଥାନଗୁଡ଼ିକର ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ । ତେଣୁ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଆଲୋକ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯିବା ଆବଶ୍ୟକ ।

ପରିଶେଷରେ ଏହା କୁହାଯାଇପାରେ ଯେ ଆଟାକାମା ମରୁଭୂମିର ଅନ୍ଧକାର ଆକାଶ ସମଗ୍ର ମାନବ ଜାତି ପାଇଁ ଏକ ଅମୂଲ୍ୟ ସମ୍ପଦ । ଏହାକୁ ରକ୍ଷା କରିବା କେବଳ ଚିଲିର ନୁହେଁ ବରଂ ସମଗ୍ର ବିଶ୍ୱର ଦାୟିତ୍ୱ ଅଟେ । ଆଲୋକ ପ୍ରଦୂଷଣକୁ ରୋକିବା ପାଇଁ ଉନ୍ନତ ଜ୍ଞାନକୌଶଳର ବ୍ୟବହାର, କଠୋର ଆଇନର ପ୍ରଣୟନ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ । ଯଦି ଆମେ ଆଜିଠାରୁ ଉପଯୁକ୍ତ ପଦକ୍ଷେପ ନନେବା ତେବେ ଭବିଷ୍ୟତ ପିଢ଼ି ପାଇଁ ରାତ୍ରିର ଆକାଶ କେବଳ ଏକ ଧୂସର ଆବରଣ ହୋଇ ରହିଯିବ ଏବଂ ତାରାମାନଙ୍କର ସୌନ୍ଦର ?ୟ୍ୟ କେବଳ ବହିର ପୃଷ୍ଠାରେ ସୀମିତ ହୋଇଯିବ ।

## ଧ୍ୱନି ପ୍ରତିଧ୍ୱନି

# ମଧୁବାବୁଙ୍କ ସ୍ୱାଭିମାନ ଓ ତାଙ୍କ ଅନ୍ତିମ ଉଦ୍‌ବୋଧନ



**ବାଦଲ ଭୂୟାଁ**



"ମୋର ବହୁକାଳର ଆକାଙ୍କ୍ଷିତ କାମନା ପୂର୍ଣ୍ଣ ହୋଇଛି । ଏହା ଦେଖିବା ନିମନ୍ତେ ମୁଁ ଏଠାରେ ଠିଆହୋଇଛି । ଧନରେ, ବଳରେ ଓ ବୁଦ୍ଧିରେ ମୋଠାରୁ ଅଧିକ ବଳବାନ୍ ଲୋକଙ୍କ ବିରୁଦ୍ଧରେ ମୋତେ ଠିଆ ହେବାକୁ ପଡ଼ିଛି । ଊର୍ଦ୍ଧ୍ୱରେ ଭଗବାନ ଓ ଅନ୍ତରରେ ହୃଦୟକୁ ସାକ୍ଷୀ ରଖି ଏକାକୀ ମୋତେ ଲଢ଼େଇ କରିବାକୁ ହୋଇଛି । ଦିନେ ମୋର ମନରେ ଏହି ଭାବ ଜାଗ୍ରତ ହେଲା, ମୁଁ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ଥିବାରୁ ଏ ଜାତିକୁ ଏକତ୍ର କରିବା ଭାବନା ଭଗବାନ ମୋ ହୃଦୟରେ ଜାଗ୍ରତ କରାଇଛନ୍ତି । ମୁଁ ଏ ସମ୍ବନ୍ଧରେ ଚିନ୍ତା କଲି ଏବଂ ଦେଖିପାରିଲି ଯେ ମୋ ଜାତିର ଇତିହାସ ମୋ ସପକ୍ଷରେ ଅଛି । ଯେକୌଣସି ଜାତି ପକ୍ଷରେ ମୋ ଜାତିର ଏହି ଇତିହାସ ଗୌରବର ବିଷୟ ହେବ । ମୋ ଜାତି ପାଇଁ ମୋତେ କିଛି କରିବାକୁ ପଡ଼ିବ; କିନ୍ତୁ ମୁଁ ସେତେବେଳେ ଏକାକୀ । ଏପରିକି, ଆମ ଓଡ଼ିଆ ରାଜାମାନଙ୍କ ଭିତରୁ କେହି କେହି ଓଡ଼ିଆ ବୋଲି ପରିଚୟ ଦେବାକୁ ଘୃଣା କରୁଥିଲେ ଏବଂ ଓଡ଼ିଆ ଛାତ୍ରମାନେ ନିଜକୁ ବଙ୍ଗାଳୀ ବୋଲି ପରିଚୟ ଦେଉଥିଲେ । ଜଣେ ଖ୍ୟାତନାମା ରାଜା, ଯାହାଙ୍କ ନାମ ସହିତ ଏହି ହଲ୍‌ର ନାମ ଜଡ଼ିତ (ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ), ତାଙ୍କୁ ବଙ୍ଗଦେଶର ଲୋକେ ବଙ୍ଗାଳୀ ବୋଲି କହୁଥିଲେ । ଦିନେ ରାତି ୮ଟାଠାରୁ ୧ଟା ପର୍ଯ୍ୟନ୍ତ ତାଙ୍କ ସହିତ ଦୀର୍ଘ କଥାବାର୍ତ୍ତା କରିଥିଲି । ମୁଁ କହିଲି, ମୁଁ ଆପଣଙ୍କୁ ଆଜି ଓଡ଼ିଆ କରିବା ପାଇଁ ବଦ୍ଧପରିକର । ଏହାର କେତେକାଳ ପରେ ସେ ଉତ୍କଳ ସମ୍ମିଳନୀର ପ୍ରଥମ ବୈଠକରେ ସଭାପତିତ୍ୱ କରିଥିଲେ । ଓଡ଼ିଶା ଗଡ଼ଜାତ ସମୂହର ସୁପରିଟେଣ୍ଡେଣ୍ଟ (ଓଡ଼ିଆ ଡିଭିଜନ୍‌ର କମିଶନର) ଓଡ଼ିଆମାନଙ୍କୁ ଏତକ୍ର କରିବା ଲକ୍ଷ୍ୟରେ ଗଠିତ ଉତ୍କଳ ସମ୍ମିଳନୀରେ (୧ମ ସମ୍ମିଳନୀ) ଯୋଗ ଦେବାକୁ ଗଡ଼ଜାତ ରାଜା, ମହାରାଜା, ଓ ସରକାରୀ କର୍ମଚାରୀମାନଙ୍କୁ ମନା କରି ଆଦେଶ ଜାରିକରିଥିଲେ । ସେ କହିଥିଲେ, "ମି. ଦାସଙ୍କ ସମ୍ମିଳନୀରେ କେହି ଯୋଗ ଦିଅନାହିଁ । ମୁଁ ବଡ଼ଲାଟ ଲର୍ଡ଼ କର୍ଜନଙ୍କଠାରୁ ଏକ ପତ୍ର ଲେଖି ଜଣାଇଥିଲି, ଆପଣ ଏହି ଚିଠିଟି ପାଠ କରିବା ସମ୍ଭାବନା ନାହିଁ । ହୁଏତ, ଆପଣଙ୍କ ଜୋତାତଳେ ଏ ସ୍ଥାନ ପାଇପାରେ । ଯେ ଏ ପତ୍ର ପାଠକରୁ, ମୋର ଓଡ଼ିଆ ଜାତି ପ୍ରତି କର୍ତ୍ତବ୍ୟ ରହିଛି ଏବଂ ଏହି ଜାତିର ହୃଦୟର ବେଦନା ଆପଣଙ୍କୁ ଜଣାଇବାକୁ ଇଚ୍ଛା କରିଛି ।" କର୍ଜନଙ୍କ ପ୍ରାଇଭେଟ୍ ସେକ୍ରେଟେରୀଙ୍କଠାରୁ ଉତ୍ତର ପାଇଲି । ସେ ଲେଖିଥିଲେ, 'ଆପଣ ଜଣେ ଶକ୍ତିଶାଳୀ ଓ ସଂସ୍କୃତିସମ୍ପନ୍ନ ଭଦ୍ରବ୍ୟକ୍ତି । ଯଦି ଭାଇସରାୟଙ୍କ ସହିତ ଆପଣ ସାକ୍ଷାତ କରିବାକୁ ଯାଆନ୍ତି, ତାହାହେଲେ ଭାଇସରାୟ ଆପଣଙ୍କ ସହିତ ଆଲୋଚନା କରିବେ ।' ଲର୍ଡ଼ କର୍ଜନ ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ ଓ ସାହସୀ ବ୍ୟକ୍ତି ଥିଲେ । ସେ ଜଣେ ଏକଚ୍ଛତ୍ର ଶାସକରୂପେ କାର୍ଯ୍ୟ କରୁଥିଲେ ମଧ୍ୟ ତାଙ୍କର ହୃଦୟରେ ଦୟା ଥିଲା ।

"ହୁଏତ ସେ ଭାବିଥିବେ, ମୁଁ ଜଣେ ବୋକା; କିନ୍ତୁ ଦେଖା ସାକ୍ଷାତ୍‌ରେ ମୁଁ ଜଣେ ସଚ୍ଚା ଦେଶସେବକ ଓ ସ୍ୱାଜତିପ୍ରେମୀ ଥିବା ସେ ବୁଝି ପାରିଥିଲେ । ମୁଁ ମୋ ଓଡ଼ିଆ ଜାତିର ଦାବି ଉପସ୍ଥାପିତ କରିବାବେଳେ ମୋ ଆଖିରୁ ଧାର ଧାର ଲୁହ ବୋହିଥିଲା । ମୁଁ କହିଥିଲି, "ମୁଁ କଲିକତାରେ ପଢୁଥିଲାବେଳେ ବଙ୍ଗଦେଶରେ ଏକମାତ୍ର ଓଡ଼ିଆ ଛାତ୍ର ଥିଲି । ସବୁପ୍ରକାର ତାଚ୍ଛଲ୍ୟ ମୋ ଉପରେ ବର୍ଷଣ ହେଉଥିଲା । ସେମାନେ ମୋତେ 'ମଧୁ ଉଡ଼େ, ମଧୁ ଉଡ଼େ' ବୋଲି ଡାକୁଥିଲେ । ଲର୍ଡ଼ କର୍ଜନ ତାଙ୍କ ମିଲିଟାରୀ ସେକ୍ରେଟାରୀଙ୍କୁ ସଙ୍ଗେ ସଙ୍ଗେ ଡକେଇ ଆଦେଶ ଦେଲେ, ଓଡ଼ିଆ କମିଶନରଙ୍କୁ କହ, ମୁଁ ସେଠାକୁ ଯାଉଛି ।' କର୍ଜନ ଓଡ଼ିଶାକୁ ଆସିଥିଲେ । ପୁରୀରେ ଏକ ଦରବାର ଆୟୋଜନ ହୋଇଥିଲା; କିନ୍ତୁ ମୋ ଭଳି ଜଣେ ଲୋକକୁ ସେଠାକୁ ନିମନ୍ତ୍ରଣ କରାଯାଇନଥିଲା । କର୍ଜନ କମିଶନରଙ୍କୁ ପଚାରିଲେ, ମି. ଦାସ କାହାନ୍ତି ? ମୁଁ ତାଙ୍କୁ ଏଠାରେ ଦେଖିବାକୁ ଚାହେଁ।' "ଏହି ଆନ୍ଦୋଳନର ପୃଷ୍ଠଭୂମିକୁ ପର୍ଯ୍ୟାଲୋଚନା କଲେ କ'ଣ ମୁଁ ଦେଖୁଛି ? ମୁଁ ଯେତେବେଳେ ଏ ଆନ୍ଦୋଳନ କଲି, ସେତେବେଳେ ଜାତି ବୋଲି କିଛି ନଥିଲା । ମୁଁ କେବଳ କୁଢ଼ କୁଢ଼ ଅସ୍ଥି ଦେଖିଥିଲି; ତାରିଆଡ଼େ କେବଳ ଅସ୍ଥି ଅସ୍ଥି ଅସ୍ଥି । ଏହି ଅସ୍ଥି କଙ୍କାଳ ଭିତରେ ପ୍ରାଣ ସଞ୍ଚାର କରି ହସ୍ତପଦ ଓ ପେଶି ଯୋଗାଇବା ନିମନ୍ତେ ମୋତେ ବହୁତ କାର୍ଯ୍ୟ କରିବାକୁ ପଡ଼ିଛି । ମୋ ଜାତିକୁ ଯୁଦ୍ଧ ସରଞ୍ଜାମରେ ସଜ୍ଜିତ କରିବା ପାଇଁ ମୋତେ ଏକାକୀ କାର୍ଯ୍ୟ କରିବାକୁ ହୋଇଛି । ଏଥିରେ ମୋତେ ଭଗବାନଙ୍କ ବ୍ୟତୀତ ଆଉ କେହି ସାହାଯ୍ୟ କରିନାହାନ୍ତି । ମୋ ଜାତିର ପୀଠରେ ତୁମର ଜୀବନକୁ ବଳିଦାନ କର । ପୂର୍ବେ ଏ ଜାତି ଯେଉଁ ଗୌରବର ଅଧିକାରୀ ହୋଇଥିଲା, ସେ ଗୌରବ ଲାଭ କର ।' (୧୯୩୩ ଫେବୃୟାରୀ ୧୩, କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଭବନଠାରେ ଅନୁଷ୍ଠିତ ନେତା ସମ୍ମିଳନୀରେ)

ଓଡ଼ିଆ ଜାତୀୟ ଚେତନା, ଭାଷା ଆନ୍ଦୋଳନ ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ମଧୁବାବୁ। ଓଡ଼ିଆ ଅସ୍ମିତା ଓ ତାଙ୍କରି ସ୍ୱାଭିମାନର ଚିନ୍ତା ଚେତନା ବିନା ଏ ରାଜ୍ୟର କୌଣସି ପ୍ରଗତି ସମ୍ଭବ ବି ନୁହେଁ। ନିଜ ସ୍ୱପ୍ନର ଉତ୍କଳ ଟ୍ୟାନେରୀକୁ ସେ ଜାତୀୟ ଚେତନା ପାଇଁ ଉତ୍ସର୍ଗ କରିଦେଇଥିଲେ। ମଧୁବାବୁ ନିଜ ସ୍ୱାଭିମାନର ପ୍ରତୀକକୁ ପାଥେୟକରି ଘୋଡ଼ା ଚଢ଼ା ସହ ତତ୍କାଳୀନ ସମୟରେ ଯେଉଁ ସମ୍ମାନ ପାଇଥିଲେ ତାହା ସଂପ୍ରତି ଆଜି ଓଡ଼ିଆ ଜାତି ପାଖରେ ପ୍ରାୟତଃ ଦିଶୁନାହିଁ । ସ୍ୱାଭିମାନକୁ ନେଇ ଯେଉଁ ଦିବ୍ୟ ବ୍ୟକ୍ତିତ୍ୱ କେବେ ବି ନିଜ ରାଜ୍ୟର ସମ୍ମାନକୁ ସାଲିସ୍ କରିବାକୁ ଚିନ୍ତା ବି କରିନଥିଲେ ସେହି ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଆଜି ଗଠନ ହେଲାପରେ କେଉଁ ସ୍ଥିତିରେ ପହଞ୍ଚିଛି ତାହା ସମସ୍ତଙ୍କୁ ଜଣା । ଓଡ଼ିଶାର ରାଜନୈତିକ, ସାମାଜିକ, ସାଂସ୍କୃତିକ, ସାରସ୍ୱତ କ୍ଷେତ୍ରକୁ ଦେଖିଲେ ଆଜି ସବୁଠି ସମସ୍ତଙ୍କର ପ୍ରିୟ ସ୍ୱାଧୀନଚେତା ନିର୍ଭୀକ ସ୍ୱାଭିମାନର ସତ୍ୟନିଷ୍ଠ ପୂଜାରୀ ମଧୁବାବୁଙ୍କ ବ୍ୟକ୍ତିତ୍ୱ ସ୍ମରଣକୁ ଆସୁଛି । ଯେତେଦିନ ପର୍ଯ୍ୟନ୍ତ ଏହି ଓଡ଼ିଆ ଜାତି ଯୁଗ ଯୁଗ ପାଇଁ ରହିଥିବ ସେତିକି ଦିନ ପର୍ଯ୍ୟନ୍ତ ମଧୁବାବୁ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ମଉଡ଼ମଣୀ ଭାବରେ ବିରାଜିତ ହୋଇ ରହିଥିବେ । ନିଜ ରାଜ୍ୟର ସ୍ୱାଭିମାନ ପାଇଁ ନିଜ ମାତୃଭୂମିର ଅଖଣ୍ଡତା ପାଇଁ ଆଉ ନିଜ ବ୍ୟକ୍ତିତ୍ୱକୁ କୌଣସି ପରିସ୍ଥିତିରେ ସାଲିସ୍ ନକରି ଯେଉଁ ଶ୍ରେଷ୍ଠ ନାୟକ ଯେଉଁ ଓଡ଼ିଆ ପୁଅ ଏହି ମାଟିର ଟେକ ରଖିଛନ୍ତି ତାଙ୍କରି ଅବର୍ତ୍ତମାନରେ ତାଙ୍କରି ସ୍ମୃତିକୁ ପାଥେୟକରି ତାଙ୍କର ସ୍ୱପ୍ନର ସ୍ୱତନ୍ତ୍ର ଓଡ଼ିଶା ପାଇଁ ନିଜ ସ୍ୱାର୍ଥକୁ ପଛରେ ପକାଇ ଏହି ଜାତିର ସ୍ୱାଭିମାନ ଆଉ ସମ୍ମାନର ଟେକ ରଖି ପାରିଲେ ତାହା ହିଁ ହେବ ଏହି ଜାତିର କର୍ଣ୍ଣଧାରା ପଞ୍ଚପୁରୋଧା ଆଉ ସ୍ୱାଭିମାନର ପ୍ରତୀକ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ।

୪ଜି, ପ୍ରତାପ ଆପାର୍ଟମେଣ୍ଟ,
୭-ଏକ୍ସଟେନସ୍ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ : ୦୯୨୦୪୬୫୨୦୬୫

# ଆତ୍ମହତ୍ୟା ପ୍ରବଣତା ଓ ଯୁବପିଢ଼ି

**ଶରତ କୁମାର ଦାସ**

ସାଂପ୍ରତିକ ପରିସ୍ଥିତିରେ ସମଗ୍ର ବିଶ୍ୱକୁ ଚକିତ କରିଥିବା ବହୁ ଚର୍ଚ୍ଚିତ ବିଷୟ ମଧ୍ୟରେ ରହିଛି ଆତ୍ମହତ୍ୟା ପ୍ରବଣତାର

ଅଯଥାର୍ଥ ଓ ଅସ୍ୱାଭାବିକ ବୃଦ୍ଧି । ଏହା କେବଳ ମାନବ ସମାଜକୁ ଚକିତ କରିନାହିଁ ବରଂ କୋଉଠି ନା କୋଉଠି ଦୁର୍ବଳ ମାନସିକତାର ସୁଯୋଗ ନେଇ ମଣିଷର ଚିନ୍ତା ଓ ଚେତନାରେ ବେଶ୍ ସୁନ୍ଦର ନୀଡ଼ଟିଏ ତୋଳିସାରିଲାଣି କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ଛଂଚାଣ ପଂଝାରୁ ମୁକ୍ତି ପାଇବା ସତେଯେମିତି ଅସମ୍ଭବ ଜଣାପଡ଼େ । ଆମ ଦେଶ ଭାରତ ତଥା ଓଡ଼ଶାରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକି ମଣିଷର ମାନସିକ ସନ୍ତୁଳନରେ ଘୋର ବିପର୍ଯ୍ୟୟ ଘଟାଇଛି। ଦିନକୁ ଦିନ ଏହା ଯେପରି ନିଜର ନକରାତ୍ମକ ଅସ୍ତିତ୍ୱ ଜାହିର କରି ଚାଲିଛି ତାହା ସୁସ୍ଥ ମସ୍ତିଷ୍କରେ ଭାବିବା ମଧ୍ୟ ସମ୍ଭବ ନୁହେଁ । ଛୋଟ-ବଡ଼,ଶିକ୍ଷିତ- ଅଶିକ୍ଷିତ ,ଧନୀ- ନିର୍ଦ୍ଧନ, ଅପରାଧୀ-ବିଚାରପତି,

ଛାତ୍ର-ଶିକ୍ଷକ, ସ୍ତ୍ରୀ-ପୁରୁଷ, ପୁଅ-ଝିଅ ପ୍ରଭୃତି ସବୁ ବର୍ଗର ଲୋକଙ୍କ ମାନସିକତାକୁ ଆତ୍ମହତ୍ୟା ପ୍ରବଣତା ଗ୍ରାସକରିସାରିଲାଣି। ବିଶେଷକରି ଛାତ୍ରଛାତ୍ରୀ ଓ ଯୁବବର୍ଗ ଏହାର ଶିକାର ହେବା ଅତି ଉଦବେଗର ବିଷୟ ନିଶ୍ଚୟ । ଏକ ସର୍ବେକ୍ଷଣ ଅନୁଯାୟୀ ବିଗତ କିଛି ବର୍ଷ ହେଲା ୧୮ ରୁ ୩୯ ବୟସ୍କ ବ୍ୟକ୍ତିଙ୍କ ମଧ୍ୟରେ ଏହାର ହାର

ଯଥେଷ୍ଟ ବୃଦ୍ଧି ପାଇ ଏକ ଦୁର୍ଭାଗ୍ୟଜନକ ତଥା କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି । ଯଥାଶୀଘ୍ର ଏଥିପ୍ରତି ସଜାଗ ନ ହେଲେ ଭବିଷ୍ୟତରେ ଏକ ବିସ୍ଫୋରକ ପରିସ୍ଥିତି ଉପୁଜିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।

ଏକ ପରିସଂଖ୍ୟାନ ଅନୁଯାୟୀ ପୃଥିବୀରେ ପ୍ରତିବର୍ଷ ପ୍ରାୟ ୮୦୦.୦୦୦ ଲୋକ ଆତ୍ମହତ୍ୟା କାରଣରୁ ମୃତ୍ୟୁ ବରଣ କରୁଥିବା ସ୍ଥଳେ ଭାରତ ବର୍ଷ ଏକ ଆତ୍ମହତ୍ୟାପ୍ରବଣ ଦେଶ ରୂପେ ବିବେଚିତ ହେବା ଅତି ଦୁଃଖ ଓ ପରିତାପର ବିଷୟ । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ.ସି.ଆର.ବି)ର ତଥ୍ୟ ଅନୁଯାୟୀ ୨୦୧୯ ମସିହାରେ ସମୁଦାୟ ଆତ୍ମହତ୍ୟାଜନିତ ମୃତ୍ୟୁ ସଂଖ୍ୟା ୧,୩୯,୧୨୩ ଥିଲା ଯାହାକି ୨୦୧୮ ତୁଳନାରେ ୩.୪ ପ୍ରତିଶତ ଅଧିକ । ୨୦୨୦ ତୁଳନାରେ ୨୦୨୧ ମସିହାରେ ଭାରତରେ ଆତ୍ମହତ୍ୟାଜନିତ ମୃତ୍ୟୁ ମାମଲା ୭.୨ ପ୍ରତିଶତ ବୃଦ୍ଧିପାଇଛି। ୨୦୨୦ ରେ ଏହାର ସଂଖ୍ୟା ୧,୫୩,୦୫୨ ଥିଲାବେଳେ ୨୦୨୧ ରେ ବୃଦ୍ଧି ପାଇ ୧,୬୪,୦୩୩ ରେ ପହଞ୍ଚିଛି ।

(କ୍ରମଶଃ)

# ଜଣେ ଭଲ ଦକ୍ଷ ପ୍ରଶାସକ ବାଲେଶ୍ୱର ଛାଡ଼ିବେ



**ସୁବ୍ରତ କର**

ଜିଲ୍ଲାସ୍ତରରେ ବହୁତ ଅଫିସର କାର୍ଯ୍ୟରତ କିନ୍ତୁ ଏବେକାର ପରିସ୍ଥିତିରେ ଭଲ ଏବଂ ଅଭିଜ୍ଞ ଅଫିସର ମିଳିବା କଷ୍ଟକର । ବିଶେଷକରି ସରକାରୀ ଅଫିସର ସେ ପିଅନ ହେଉ ବା ବଡ଼ ଅଫିସର, ସମସ୍ତେ ଚେଷ୍ଟାରେ ଅଛନ୍ତି ତାଙ୍କର ଉପରିସ୍ଥ ଅଫିସରଙ୍କୁ ଖୁସିରେ ରଖି ସୁବିଧା ନେବା। କିନ୍ତୁ ଏପଟେ ସମସ୍ତଙ୍କୁ କୁହାହୁଏ ଏମାନେ ସବୁ ସାଧାରଣ ଜନତାଙ୍କ ପାଇଁ ଏବଂ ସେମାନଙ୍କର ସେବାରେ ନିୟୋଜିତ । ସତକଥା ହେଲା ଆପଣଙ୍କର ଯଦି ଜଣାଶୁଣା ଭଲ ଭାବରେ ଅଛି କିମ୍ବା କାହାରିଠାରୁ ସୁପାରିସ ନେଇ ଆସିଛନ୍ତି ତେବେ ବଡ଼ ଅଫିସରଙ୍କୁ ଦେଖା କରିବାର ଅସୁବିଧା ପ୍ରାୟ ହୁଏନାହିଁ ବା ହବ ନାହିଁ। ଯଦି ନାହିଁ ପିଅନ ଶୁଣେଇ ଦେବ, ଆମ ସାହେବ ଏବେ ବ୍ୟସ୍ତ ଅଛନ୍ତି ପରେ ଆସନ୍ତୁ। କିନ୍ତୁ ସେହି କାମ କରିହେବ ଯଦି ସେହି ପିଅନଙ୍କୁ ହାତକୁ କିଛି ହାତଗୁଞ୍ଜା ବଢ଼ାଇ ଦିଅନ୍ତୁ । ବାଟ ସଫା ଏବଂ ସାଥେ ସାଥେ ଦୁଆର ଫିଟା ହୋଇଯିବ ଏବଂ ଦରକାର ପଡ଼ିଲେ ସେହି ପିଅନ ବାବୁ ଜଣକ ଚାହା ବନେଇ ଆପଣଙ୍କୁ ଦେବ । କାମିକା ଅଫିସରଙ୍କୁ ସତରେ ସମୟ ନ ଥାଏ କିନ୍ତୁ ଠକିବାରେ ଥିଲେ ହାତରେ ପ୍ରଚୁର ସମୟ । ମୂଳ କଥା ହେଲା କେହି କାହାରି କଥା ଶୁଣିବାର ନାହିଁ କି ମାନିବାର ନାହିଁ ଏବଂ କେହି ଅଫିସର ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ ନୁହଁନ୍ତି ଯଦି ସମସ୍ତେ ନିଜ ନିଜ କାର୍ଯ୍ୟକୁ ଠିକ୍ ଭାବରେ ଏବଂ ଠିକ୍ ସମୟରେ ତୁଲାଇବାର ଚେଷ୍ଟା କରନ୍ତେ ତେବେ ଏ ପରିସ୍ଥିତି ଉପୁଜି ନଥାନ୍ତା । ସରକାରୀ ଅଫିସର ଯେ କୌଣସି ସ୍ତରରେ ଆପଣଙ୍କୁ କାର୍ଯ୍ୟ ହାସଲ କରିବାକୁ ହେଲେ ସିଧା ବାଟ ଛାଡ଼ି ବଙ୍କା ବାଟକୁ ଆଦୋରିବାକୁ ପଡ଼ିବ । ବଙ୍କା ବାଟ ଦେଇ ଯଦି ଆପଣଙ୍କ ଉପର ମହଲରେ ହାତ ଅଛି କାର୍ଯ୍ୟ ହାସଲ କରି ପାରିବେ ଅନ୍ୟ ବଙ୍କା ବାଟ ହେଲା ଟଙ୍କା । ଟଙ୍କା ଖର୍ଚ୍ଚ କରିଲେ ସବୁ କିଛି କରି ହେବ, ସହଜରେ କରି ହେବ, ଅଳ୍ପ ସମୟରେ କରିହେବ ଏବଂ ବିନା ପରିଶ୍ରମରେ ମଧ୍ୟ କରିହେବ । ମୋର ଜାଣିବାରେ ଲୋକଙ୍କ ନାର୍ଯ୍ୟ ପ୍ରାପ୍ୟ କୋଟି କୋଟି ଟଙ୍କା ପଡ଼ି ରହିଛି କିନ୍ତୁ ତାଙ୍କୁ ମିଳୁନାହିଁ। ଏହାର ମୂଳକଥା ହେଲା ଠିକ୍ ଭାବରେ ଅଙ୍କ କଷା ହୋଇପାରୁ ନାହିଁ ।

ଏ ବି ମାନିବାକୁ ପଡ଼ିବ ଏହା ସବୁ କ୍ଷେତ୍ରରେ ବା ସବୁବେଳେ ହୁଏ ନାହିଁ । ବହୁତ ଭଲ ଅଫିସର ଅଛନ୍ତି, ଦକ୍ଷ ଅଫିସର ବା ଟାଣିଆ, ସେମାନେ ସବୁବେଳେ ଜନସାଧାରଣଙ୍କୁ ସାହାଯ୍ୟ କରିବା ପାଇଁ ହାତ ବଢ଼ାଇ ରହିଛନ୍ତି । ସେମାନଙ୍କୁ ସହଜରେ କିଣି ହେବ ନାହିଁ ବା ସେମାନେ ସହଜରେ ବିକ୍ରି ହେବେ ନାହିଁ। ହୁଏତ ଏମାନଙ୍କୁ ଦେଶ, ରାଜ୍ୟ ଏବଂ ଜିଲ୍ଲା ପ୍ରଶାସନ ଉପରେ ଜନସାଧାରଣଙ୍କ କିଛି ପରିମାଣରେ ବିଶ୍ୱାସ ବା ଭରସା ଏବେ ମଧ୍ୟ ରହିଛି ଏବଂ ଦେଶ, ରାଜ୍ୟ, ଜିଲ୍ଲା ଚାଲିଛି । କିନ୍ତୁ ଏମିତି କେତେଦିନ ଚାଲିବ । ନିଶ୍ଚିତ ଭାବରେ ସରକାର ଚଳାଇବା ପାଇଁ ଜନମ ଏବଂ ସାଧୁ ଅଫିସରଙ୍କ ଆବଶ୍ୟକତା ଯଥେଷ୍ଟ ରହିଛି । ଏମାନେ ହଜିଗଲେ ପ୍ରଶାସନ ଭୁଷୁଡ଼ିଯିବ ଏବଂ ସରକାର ମଧ୍ୟ। ଯେଉଁ ଅଫିସର ଜଣକ ବାଲେଶ୍ୱର ଛାଡ଼ିବେ ତାଙ୍କୁ ମୁଁ ଜିଲ୍ଲାର ଲୋକଙ୍କ ତରଫରୁ ସାଲ୍ୟୁଟ ଜଣାଉଛି ।

---




## ମଧୁ ବାରିଷ୍ଟର

**ଶ୍ୟାମା ପ୍ରସାଦ ମିଶ୍ର**



ମହତ ଜନର ମହନୀୟତାର
କ୍ଷୁର୍ଣ୍ଣ ଯଦି କିଏ କରେ,
ମହାତ୍ମା ମାନଙ୍କ ଆବିର୍ଭାବ ଘଟେ
ସେହି ସୁସନ୍ଧିକ୍ଷଣରେ ।

ମହାନ ଉତ୍କଳ ଜାତି ଯେବେ ହେଲା
ପରାଭୂତ ଭୂଲୁଣ୍ଠିତ,
ମଧୁସୂଦନ ଓ କେତେ କଲେ ପଣ
ଓଡ଼ିଶା କରିବେ ମୁକ୍ତ ।

ମଧୁ ନାମା ଗୋବିନ୍ଦ ବୋଲି ବାଳକ
ପାଠ, ସମାଜ ସେବାରେ ,
ମଲ୍ଲୀ ଫୁଲ ସମ ମନ ହରି ନେଲା
ସୁଗୁଣର ବିକାଶରେ ।

ମନ ସହକାରେ କଲେ ବିଦ୍ୟାଶିକ୍ଷା
ହେଲେ ପ୍ରଥମ ଓଡ଼ିଆ ,
ମନକୁ ନ ଆସେ ବିଏ, ଏମ୍ ଏ ପୁଣି
ବାରିଷ୍ଟର ପଦେ ଠିଆ ।

ମଙ୍ଗୁଆଳ ହୋଇ ସ୍ଥାପନ କରିଲେ
ଉତ୍କଳ ସଭାନୁଷ୍ଠାନ (୧୮୮୨)
ମନେ କଲେ ପୁଣି ଉତ୍କଳ ଟ୍ୟାନେରୀ
ଉତ୍କଳର ସମ୍ମିଳନ (୧୯୦୩) ।

ମଧୁର ରଚନ 'ଉତ୍କଳ ସନ୍ତାନ'
ଭଳି କେତେ ଗୀତମାନ ,
ମନୀଷା ତାଙ୍କରି ଓଡ଼ିଆ ଜାତିର
ବଢ଼ିବ କିପରି ମାନ ।

ମନ୍ଦ ବଙ୍ଗଳାର ଓଡ଼ିଆ- ବିଲୀନ
ଛନ୍ଦ କଲ ପରାହତ,
ମଣ୍ଡିଦେଲ ପୁଣି ସ୍ୱତନ୍ତ୍ର ଉତ୍କଳ-
ଗଠନ ବାର୍ତ୍ତା ସହିତ ।

ମନେ ପଡେ ଆଜି ଉତ୍କଳ ଗୌରବ
ତୁମ ଗୌରବର ଗାଥା,
ମଧୁ ବାରିଷ୍ଟର ଘେନ ହେ ସମ୍ମାନ
ଓଡ଼ିଆ ପାତୁଛି ମଥା ।

+ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ,
ଭଂଜନଗର, ଗଞ୍ଜାମ,
ମୋ: ୯୦୯୦୫୦୭୯୫୫

## ଆଜି ଜନ୍ମଦିନେ ଦିଅ ଆଶିଷ

**ନଗେନ୍ଦ୍ର ନାଥ ପଟନାୟକ**

ଉତ୍କଳ ଗୌରବ ମଧୁସୂଦନ
ପୁଣ୍ୟ ଉତ୍କଳର ଯୋଗ୍ୟ ସନ୍ତାନ
ପିତା ମାତାଙ୍କର କୁଳନନ୍ଦନ
ଜନ୍ମଦିନେ ଘେନ ଆମ ନମନ
ଭୁଲିବା ନାଇଁ
ଏପ୍ରିଲ ଅଠେଇଶ ଦିନଟି କେହି ।।

ସତ୍ୟଭାମାପୁର ଜନମ ଥାନ
ଜାତିପାଇଁ ସହିଥିଲ କଷଣ
ରାଇଜ ଗଠନେ ଥିଲ ମଗନ
ଉତ୍କଳ ବିକାଶ ଥିଲା ଆହ୍ୱାନ
ମୁକତି ସ୍ୱର
ନବଉତ୍କଳର ହେ କର୍ଣ୍ଣଧାର ।।

ହୋଇଥିଲା ରାଜ୍ୟ ସୀମା ବିଦୀର୍ଣ୍ଣ
ସୀମା ନିରୂପଣେ ତୁମେ ଉତ୍ତୀର୍ଣ୍ଣ
ଓଡ଼ିଆ ସଂସ୍କୃତି ଭାଷା ମହାନ
ଥିଲା ପରା ତୁମ ପ୍ରାଣ ସ୍ପନ୍ଦନ
ହେ କୁଳବୃଦ୍ଧ
ତୁମର ସଂଗ୍ରାମ ଥିଲା ଅବାଧ ।।

ପଗଡ଼ିପୁରୁଷ ଖ୍ୟାତି ସମ୍ମାନ
ତୁମେ ପରା ଶତାବ୍ଦୀର ତପନ
ଚିନ୍ତା ଥିଲା ଖାଲି ରାଜ୍ୟ କଲ୍ୟାଣ
ଜାତି ଦେଶଭକ୍ତି ଥିଲା ଅନନ୍ୟ
ଯୁଗପୁରୁଷ
ଆଜି ଜନ୍ମଦିନେ ଦିଅ ଆଶିଷ ।।

+ଓସ୍କାର ସିଟି, ଲକ୍ଷ୍ମୀସାଗର
କେନାଲ ରୋଡ଼
ଭୁବନେଶ୍ୱର
ମୋ -୯୪୩୮୩୩୨୧୩୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୮ ଏପ୍ରିଲ ୨୦୨୬, ମଙ୍ଗଳବାର

# କବିତାମାଳା

## ବୁଝିଗଲେ କଥା ସରିଲା !



### ରାଧାଶ୍ୟାମ ରାଉଳ

କର୍ତ୍ତବ୍ୟନିଷ୍ଠାର ନାହିଁ ପ୍ରୟୋଜନ
ଭଣ୍ଡ ପାଉଅଛି ଆଦର ସମ୍ମାନ
ତେଲିଆ ମୁଣ୍ଡରେ ତେଲ !
ଯୋଗ୍ୟମାନେ ହତାଦର ହେଉଛନ୍ତି
ଅଯୋଗ୍ୟର ଯେତେସବୁ ମାମଲତି
ଆଦର୍ଶର ନାହିଁ ମୂଲ୍ୟ !

ପାଠଶାଠ ପଢି ବୋଲ ମାନୁନାହିଁ
ଗେଲବସରର ପୁତ୍ର ଶିରୋମଣି !
ବାପା ମାଆ ବଡ଼ ଚିନ୍ତାରେ ରହନ୍ତି
ରୋଜଗାର ପନ୍ଥା ଧରୁନାହିଁ।
ସବୁଦିନ ଯାଇ ଖଟି କରୁଅଛି
ସାଙ୍ଗଙ୍କମେଳରେ ମଉଜ କରୁଛି
ସମୟର ମୂଲ୍ୟ ବୁଝୁନାହିଁ !
କହିବେ କାହାକୁ କିସ ?
ସିଧା ଅଙ୍ଗୁଳିରେ ଘିଅ ଉଠେନାହିଁ
ଅସାର ନୀତି ଆଦର୍ଶ !
ନିଜର ସୁରକ୍ଷା ବିପନ୍ନ ହେଉଛି।
ବିଶ୍ୱାସରେ ମିଶେ ବିଷ !

କଥାରେ କାମରେ ନାହିଁ ସମନ୍ୱୟ।
ବୁଦ୍ଧି ହେଉଅଛି ବାମ !
ସତ୍ୟ, ନ୍ୟାୟ, ଧର୍ମ ଖୋଜି ମିଳୁନାହିଁ।
ପରିସ୍ଥିତି ବଡ଼ ବିଷମ !
ବ୍ୟବସ୍ଥା,ବିଧାନ, ସର୍କାର,ଶାସନ
ସବୁ ଏଠି ପ୍ରହସନ !

ପରହିତ କଥା କିଏ ଯେ ବୁଝୁଛି ?
ପରଚର୍ଚ୍ଚା ଚାଲେ ପ୍ରବଳ !
ସ୍ୱାର୍ଥସାଧନରେ ସଭିଏଁ ମାତନ୍ତି !
ସଙ୍କଟ ଘେରରେ ସମ୍ପର୍କ ଦୁର୍ବଳ !
ଅପ୍ରାଧ ଭିଆଇ ଅପ୍ରାଧୀ ଖସୁଛି !
ଏ ଯେ ରାଜନୀତିର ଖେଳ !

ହାତରେ କ୍ଷମତା ରହୁଅଛି ବୋଲି
ସତ୍ୟ ଠାରୁ ଥୋକେ ଦୂରେଇ ରହନ୍ତି।
ଅସତ୍ୟରେ ମାତି ଭେଳିକି ଦେଖାନ୍ତି !
ପ୍ରିୟାପ୍ରୀତି ଖୋଇ ସତତ !
ସଭାରେ ବୋଲାନ୍ତି ସଚ୍ଚୋଟ ସତିଆ !
ଅସଲରେ ବାବୁ ଚରଣଚୁଟିଆ
ଦୋଷ ତାଙ୍କର ବହୁତ !

ଜୀବନ ଜୀବିକା ବାଜି ଲାଗୁଅଛି
ତୋଷାମଦ ଭାଉ କ୍ରମଶଃ ବଢୁଛି
ରକ୍ଷକ ସାଜୁଛି ଭକ୍ଷକ !
ଗୋତ୍ରମରାମାନେ ଗଡ଼ ଜିଣୁଛନ୍ତି
ଅବାଗିଆମାନେ ଆସ୍ଥାନ ଜମାନ୍ତି
ପାଖରେ ନାହିଁ ବିବେକ !

ଏ ନାଟଜବାଜି ନୂଆ ନୁହଁ ଆଜି।
ଚାଲିଛି, ଚାଲିବ ଦୃଶ୍ୟ, ପ୍ରହସନ !
କହିଲେ କହିବ କହିଲା !
ଚିତ୍ର ଚରିତ୍ରର ଅଦଳ ବଦଳ
ନୂଆ ବୋତଲରେ ପୁରୁଣା ମଦର
ହେଉଛି ପରିବେଷଣ !
ବୁଝିଗଲେ କଥା ସରିଲା !
ନ ବୁଝିଲେ ମହା ଝାମେଲା !!

❤'ଇନ୍ଦ୍ରଧନୁ'
ଡ୍ୟୁପ୍ଲେକ୍ସ: ୧୦/ବି
ବୀମାବିହାର, ମର୍କତନଗର
ସେକ୍ଟର:୬
କଟକ:୭୫୩୦୧୪
ମୋ:୯୪୩୭୦୯୦୯୮୫

## ଆ ରେ ବରଷା ଆ



### ବର୍ଷାରାଣୀ ମହାମଲ୍ଲିକ

ହଉନାହିଁ ସହି ଖରା ଗୁଳୁଗୁଳି
ବଢୁଛି ନିତି ଯେ ତାତି
ଭାରିତ ଗରମ ଲାଗୁଛି କେତେ ଯେ
କି ଦିନ କି ଅବା ରାତି।

ଆରେ ବରଷା ଦେ ଟିକେ ଭିଜେଇ
ଖରାକୁ ଦେ ଆଡ଼େଇ,
କେବେ ତୁ ଆସିବୁ ଚାହିଁଛୁରେ ଆମେ
ହ ନା ବେଶୀ ଫୁଲେଇ।

ଆସିଲେ ଲୋ ତୁହଁ କରିବି ତିଆରି
ଡଙ୍ଗା ରଙ୍ଗ ବେରଙ୍ଗର,
ଭସାଇବି ଯାଇ ଗାଁ ଦାଣ୍ଡେ ରହି
ମନ ହେଲାଣି ଆତୁର।

ଲଗାଇବି ଗଛ ଜେଜେ ସାଙ୍ଗେ ଯାଇ
ଆମ ବାଡ଼ି ବଗିଚାରେ,
ତଟକା ତଟକା ପନିପରିବା ମିଳେ
ତୁ ଆସିଗଲା ପରେ।

ଋତୁ ମଧ୍ୟେ ରାଣୀ ଅଟୁ ତୁ ବରଷା
ଆ ଲୋ ଆ ଲୋ ଥରେ
ଚାତକ ଚାହିଁଚି ମୁଁ ବି ଚାହିଁଛି
ରହିଛି ତୋ ଅପେକ୍ଷାରେ।

❤ବରଗଡ଼
ଫୋନ :-୮୨୬୦୬୫୯୩୩୨

## ତୁମେ



### ବସନ୍ତ କୁମାର ପ୍ରଧାନ

ତୁମେ ଲାବଣ୍ୟ ର କୋଟି ସୁଷମା
କଳ୍ପନା ମୋହିନୀ କନ୍ୟା,
ଜୀବନ ଯମୁନା ଉଚ୍ଛୁଳା ଜୁଆର
ମୋ 'ପ୍ରେମରେ ଆଣ ବନ୍ୟା ।

ସୁଧାଂଶୁ ବଦନା ହେ କୁନ୍ଦ ରଦନା
ବୀଣା ଜିଣା କଳକଣ୍ଠୀ,
ତୁମେ ମୋ'ଜୀବନ ଅଡୁଆ ସୂତା ର
ଫିଟାଇ ପାର ଯେ ଗଣ୍ଠି ।

ତୁମେ ମୋ'କମଳ ମୁଁ ତୁମ ମିହିର
ଭାବ ସମନ୍ୱୟ ପ୍ରୀତି,
ସମ ଚିତ୍ତେ ଆମେ ବଞ୍ଚି ରହିଛନ୍ତି
ଜାଳି ଶୁଦ୍ଧ ପ୍ରେମ ବତୀ ।

ତୁମେ ମୋ'ମନର ରାଜ ନନ୍ଦିନୀ
ସପନର ନୀଳ ପରୀ,
ବଞ୍ଚିବାର କଳା ଶିଖାଇଛ ତୁମେ
ସୃଜ ଆଶା ଅସୁମାରୀ

❤ହରିହରପୁର, ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

## ସ୍ମୃତିର ଛାୟା



### ସୁନିତା ଦାଶ

ସ୍ମୃତିର ଛାୟା
ବେଳେବେଳେ ମନକୁ ଛୁଁଏ,
ବେଳେବେଳେ ନୂଆ ସ୍ୱପ୍ନ ଦିଏ,
ଆଉ କେବେ ସତ୍ୟର ସ୍ପର୍ଶରେ
ଜୀବନକୁ ଭରିଦିଏ ସମସ୍ତ ରଙ୍ଗରେ।
ଯଦିଓ ସ୍ମୃତିରେ ହାରିଯାଏ ମନ,
କେବେ କେବେ ଶିତଳ ହୁଏ ଅନ୍ତର,
ଯଦିଓ ଯନ୍ତ୍ରଣାର ତରଙ୍ଗ ଉଠେ,
ସେଥିରେ ମଧ ଲୁଚିଥାଏ ଆଶାର ଆଲୋକ।
ତୁମର ସେ ନଟଖଟ ଦୁଷ୍ଟାମି ର ଦୃଶ୍ୟଗୁଡ଼ିକ
ଭୁଲି ପାରେନି ମୋର ଏ ମନ,
ସ୍ମୃତିର ଏହି ସୁନ୍ଦର ପଥରେ
ହୃଦୟ ଚାଲିଥାଏ ନିରନ୍ତର।

ମନରେ ଯଦି ଆଶାର ଆଲୋକ ଥାଏ,
ସଂଘର୍ଷ ହେଉ ଏକ ନୂଆ ପଥ,
କେବେ ସବୁ ଦୁଃଖ ହସି ହସି
ମନକୁ ଦେଉଛି ଶାନ୍ତିର ବାର୍ତ୍ତା।
ଜୀବନ ଏକ ଦିନେ ନୁହେଁ,
ସମୟ ସହ ଶିଖେ ସବୁକିଛି,
ଆଶା ରଖି ଆଗକୁ ବଢ଼ିଲେ
ଛୁଇଁବ ନିଶ୍ଚିତ ସଫଳତାର ଶିଖର ।

❤ଭୁବନେଶ୍ୱର, କଳିଙ୍ଗନଗର

## ଝିଅ ପାଇଁ ନିର୍ଦ୍ଦେଶନାମା



### ସୁବାସ ଚନ୍ଦ୍ର ସାହାଣୀ

ଝିଅ ଲୋ !
ତୁ ମୋ ଅୟୁତ ସ୍ୱପ୍ନ, ସ୍ୱାଭିମାନ
ମାନ, ମହତର ମଣି।
ତେଣୁ ତୋ ହିତେ ମୁଁ ଡାକେ ଚିନ୍ତାମଣି।
ତୋ ପାଇଁ ଚିନ୍ତା ଘାରେ ମୋତେ
ଦିବସ ଶର୍ବରୀ, ଆଗ ପରି ନାହୁଁ ଝିଅ ମୋର,
ତୋ ଦେହରେ, ଲକ୍ଷେ ରୂପ ଗନ୍ଧର ରୋଷଣୀ
ଏଇ ଏଇ ଏବେ ଏବେ କୁହୁକ ପ୍ରାସରେ
ହସିଲାଣି, ତୋଳି ତାରୁଣ୍ୟ
ପର୍ବର ଚମକ ଚାହାଣି ।
ତୁ ତ କମଳିନୀ,
ପ୍ରାଣ ତୋ ପୀୟୂଷ
ରସ ଘନମୟ,
ଅଙ୍ଗେ ଅଙ୍ଗେ ...
ଚାରୁ ଚିତ୍ରିତ ଶୋଭାର...
ତୁ ଅଭୂତ ବାୟାଣୀ !
ସେଥିପାଇଁ ଭାରି ଡର ଲାଗେ
କାଳେ ତୁ ଖସିପଡୁ,
ଅତର୍କିତ ଅସତର୍କତା ଭାବେ !
ଚହଲା ପାଣିରେ ପାଦ ଥାପିଚୁ ଲୋ ତୁ,
ତୁ ତୋତେ ଚିହ୍ନି ବି ଚିହ୍ନି ପାରିବୁନି
ଏଣୁ ମୋ କଥା ମାନ,
ମନକୁ ପର୍ବତ ପରି ମଜଭୂତ କର
ଆବେଗକୁ ଟାଣ, ଚଟାଣ ଶକ୍ତ ପ୍ରମାଣ।
ମହୁ ଫେଣା ଦେଖିଲେ
ଭ୍ରମରଙ୍କ ଭିଡ଼ ଜମିବା ଜାଣ।
ଲହୁରୁ ନବନିତ ତୁ ତ ଏବେ ଘିଅ ମୋହ,
ଫୁଲର ବଗିଚାରେ
ମହ ମହ ବାସ୍ନା ମହକି ଉଠିଲେ,
ଅପ୍ରତ୍ୟାଶିତ ଫୁଲ ସରଙ୍କ
ଆଗମନକୁ ରୋକିବାକୁ
ହେବ ଲୋ ଝିଅ ମୋର।
ତୁ ଏବେ ଭିନ୍ନ,
ଏବେ ଅନନ୍ୟ ରୂପୋତୀର୍ଣ୍ଣା ତୋ ଅପଘନ !
ରୂପ ଲାବଣ୍ୟ ଗନ୍ଧରେ ବିଭୋର୍ !

ଫଗୁଣ ବୟସ ତୋର,
ଜୁଆରି ନଈର ଢେଉପରି
ମନ ତୋ ଅସ୍ଥିର, ଚଞ୍ଚଳ ।
ତୋ ପଦ ପାଦ, ଛନ୍ଦ ବନ୍ଧ ନୁପୂର ନିକ୍ୱଣ,
କେତେବେଳେ, କେଉଁଠୁ ଡାକି ଆଣିପାରେ
ଅମାନିଆଁ ପବନ, ଅଜଣା ବିପଦମାନ।
ପାଦ ଗଣି ଚାଲିବାକୁ ହେବ ଲୋ ଝିଅ !
ସବୁଠି ସତର୍କତାର ନୀତି ପିନ୍ଧିବାକୁ ହେବ
ସଯତ୍ନ ଅଭିନୟରେ ....ଆଖିରେ କଜ୍ୱଳ,
ଚାହାଣି ରଖି କରୁଣ, ଉଦାସୀନତା ଭାବ
ମେଘ ଭରା ଆକାଶର ଭସା ଭସା
ବାଦଲର ଛାୟା
ନାରୀ ତ ଲହୁଣୀ,
ଭରି ପାରେ କମକୂଟ ମାୟା।
ଯା'ଦେଖୁଚୁ,
ତା' ସତ ନୁହେଁ ନୁହେଁ ଲୋ ଝିଅ,
ରାସ୍ତା ସାରା ଗଂଜୋଡଙ୍କ ଭିଡ଼
ନଇ ଯିବା ଏକ ଦମ୍ ମନା,
ଦାନ୍ତଜୀବା ବଉଳା କୁମ୍ଭୀର ଜାଣେ
ଝାମ୍ପି ନେବାର କଳା କୌଶଳ ।
ନାରୀ ସଶକ୍ତିକରଣ ନାଁ ମିଛ ବାଜଣା,
ଥରେ ହଜି ଯିବା ଧନ ଫେରି ପାଇବା ପଥ
ସଭିଙ୍କୁ ଅଜଣା।
କାହିଁକି ନା ଚିରକାଳ ତା' ଅଶୁଣା
ଅଜ୍ଞାତ ଘୋଷଣା ନାମା।

❤ଶ୍ରୀହରି ଆଳୟ,
ବାଂମୟ ନିଳୟ,ସାହିତ୍ୟ ଚିରକାଳ।
ସା-ବୋଇତାଲୁ ପାଟଣା।ପୋଷ୍ଟ-
ମୋହନପୁର, ଭାୟା-ବିଞ୍ଝାର ପୁର-
୭୫୫୦୦୪ ।ଜିଲ୍ଲା-ଯାଜପୁର
ମୋ: ୭୩୮୪୨୫୧୧୪୬

## କେବଳ ତୁମେ



### ସ୍ୱାଗତିକା ତରାଇ

ନିରବ ରାତିର ନିଷ୍ଚଳ ଆକାଶରେ,
ଚନ୍ଦ୍ରର ଧଳା ହସ ଭିତରେ—
ମୋ ସ୍ୱପ୍ନର ଗୁପ୍ତ ରାଜ୍ୟରେ
ଅଛ ତୁମେ... କେବଳ ତୁମେ।

ପବନର ସ୍ନିଗ୍ଧ ସ୍ପର୍ଶରେ ଯେତେବେଳେ
ପ୍ରେମର ସୁଗନ୍ଧରେ ହୁଏ ଅଭିଷେକ,
ମୋ ହୃଦୟର ପ୍ରତିଟି ସ୍ପନ୍ଦନ
ଉଚ୍ଚାରେ— ତୁମର ନାମ, ନିରନ୍ତର।

ନିଶାର ନୀଳ ନିର୍ଜନ ଅଞ୍ଚଳେ,
ଚନ୍ଦ୍ରକାନ୍ତିର ମୃଦୁ ମଞ୍ଜୁଳ ଝରଣାରେ,
ମୋ ଅନୁଭୂତିର ଅମୃତ ସ୍ରୋତରେ
ଅଛ କେବଳ ତୁମେ...କେବଳ ତୁମେ।

ମୋ ଅଧରର ଅସ୍ପଷ୍ଟ କମ୍ପନରେ
ତୁମ ସ୍ମୃତିର ମଧୁର ମଦିରା ମିଶି,
ଏକ ଅକଥିତ ପ୍ରେମର ପ୍ରାର୍ଥନା
ଅର୍ପିତ ହୁଏ ତୁମ ପାଇଁ...କେବଳ ତୁମ ପାଇଁ।

ତୁମ ସ୍ପର୍ଶର ସ୍ନିଗ୍ଧ ସମୀରଣେ
ମୋ ଶରୀର ହୁଏ ସୁଗନ୍ଧିତ,
ପ୍ରତିଟି ରୋମକୂପର ରହସ୍ୟ ମଧ୍ୟରେ
ଜାଗିଉଠେ— ତୁମର ଅନୁରାଗ....
କେବଳ ତୁମ ଅନୁରାଗ।

ତୁମ ନୟନର ନୀଳ ନୀରଜ ତଳେ
ମୋ ସ୍ୱପ୍ନର ଶାରଦୀୟ ପତ୍ର ଝରେ,
ମୋ ଆତ୍ମା ହୁଏ ନିରବ ନୌକା,
ସାଗରର ସେଇ ଅନନ୍ତ ତରଙ୍ଗରେ।

ଯେଉଁଠାରେ ଶବ୍ଦ ହାରିଯାଏ,
ସେଠାରେ ତୁମ ନିରବତା କହେ—
ମୋ ଜୀବନର ସମସ୍ତ କାବ୍ୟରେ
ଅଛ ତୁମେ... କେବଳ ତୁମେ।

ଏହି ଜୀବନର ଜହ୍ନମାଳା ରାତିରେ,
ମୋ ପ୍ରେମର ଦୀପ ଜଳୁଥାଏ ନିରନ୍ତର,
ସମୟର ସବୁ ସୀମା ଭାଙ୍ଗି
ମୋ ଆତ୍ମା କହେ—

"ମୋର ପ୍ରତିଟି ଶ୍ୱାସରେ,
ମୋର ପ୍ରତିଟି ସ୍ପନ୍ଦନେ,
ମୋର ସମସ୍ତ ସ୍ୱପ୍ନରେ
ମୋର ସମସ୍ତ ସତରେ—
ଅଛ ତୁମେ... କେବଳ ତୁମେ
ହଁ କେବଳ ତୁମେ।

❤ଜେଲରୋଡ଼, ବାଲେଶ୍ୱର

## ଜରାଶ୍ରମ



### ମନୋଜ କୁମାର ମେହେର

କେତେ ଭଗବାନ ଦେବତାଙ୍କୁ ପୂଜି
ମା ଚାହିଁଥାଏ ସନ୍ତାନ,
ଦଶ ମାସ ଦଶ ଦିନ ଗର୍ଭେଧରି
ଦିଏ ସେମାନଙ୍କୁ ଜନ୍ମ ॥
ଖରା ବର୍ଷା ଶୀତ ଖାତିରି ନକରି
ବାପାକରେ ରୋଜଗାର,
ପାଠପଢି ପିଲେ ଶିକ୍ଷିତ ହୋଇଲେ
ଦୁଃଖ ତାର ହେବ ଦୂର ॥
ଛୋଟ ଠାରୁ ବଡ଼ କରିବା ପାଇଁ କି
କେତେ କଷ୍ଟ କରିଥାନ୍ତି,
ନିଜ ସନ୍ତାନକୁ ସୁଖେ ରହିବାକୁ
ନିଜେ ଦୁଃଖ ସହିଯାନ୍ତି ॥
ବୃଦ୍ଧକାଳ ହେଲେ ପୁଅ ଝିଅ ସର୍ବେ
କରିଥାନ୍ତି ଅଣଦେଖା,
ଘରୁ ତଡା ଖାଇ ବୁଲନ୍ତି ବାହାରେ
ଜରାଶ୍ରମ ହୁଏ ସଖା ॥
ଜରାମାନଙ୍କର ଆଶ୍ରମ ବୋଲି ତ
ନାମ ତାର ଜରାଶ୍ରମ,
ଅନ୍ତିମ କାଳରେ ଏହି ସ୍ଥାନ ପରା
ସେମାନଙ୍କ ତୀର୍ଥ ଧାମ ॥
ହେ ମଣିଷଗଣ, ହୁଅ ସାବଧାନ
ପିତାମାତା ଭଗବାନ,
ତାଙ୍କୁ ଯଦି କେବେ କର ହତାଦର
ନରକେ ପାଇବ ସ୍ଥାନ ॥

❤ବାଣ୍ଡିବସୁଲ, ଜୁନାଗଡ଼
କଳାହାଣ୍ଡି
ମୋ -୯୩୩୭୭୯୩୧୫୭



## ମୁଠାଏ ବୈଶାଖ

### ଦେବାଶିଷ ଚକ୍ରବର୍ତ୍ତୀ

॥ ବୈଶାଖ ॥
ବୈଶାଖ କି କଣ ଆଣିଥାଏ ଖାଲି
କାଳ ବଇଶାଖୀ, ଝାଞ୍ଜି ପବନ
କୃଷ୍ଣଚୂଡ଼ାର ବିଟୋଳ ହସରେ
ଚହଲେ ନାହିଁ କି ଉଦାସ ମନ ?

॥ ଝର ॥
ଡ଼ହକ ଖରାର ତତଲା ଜିଭରେ
ଶୁଖିଯାଏ ସିନା ପାହାଡି ଝର
ଆପଣାପଣର ଝରକୁ ଶୋଷିବ
ଅଛି କି ଏପରି ସାଧ କାହାର ?

॥ ତାତି ॥
ଗିରିଷମ ତାତି ଦୂର ହୁଏ ସିନା
ପାଇଲେ ସଜଳ ମେଘର ଚୁମା
ମନର ତାତି କେ ଦୂରେଇ ପାରିବ
ଆପଣାପଣର ପରଶ ବିନା ?

॥ ଝାଞ୍ଜି ॥
ମନରେ ସୁରଭି ଢାଳୁଥିବ ଯା'ର
ପରିତୃପ୍ତିର ସଜ ସୁମନ
ସମୀରଣ ପରି ମନେ କି ହେବନି
ବହୁଥିଲେ ମଧ ଝାଞ୍ଜି ପବନ ?

॥ ମଲ୍ଲି ॥
ମଲ୍ଲି ଫୁଲର ଚାହାଣି ଯେପରି
ଉଲୁସାଇ ଦିଏ ପରାଣ ପୁର
ଭଲ ମଣିଷର ହସ ସେହିପରି
ଖରକେ ଗ୍ଲାନିର ଅନ୍ଧକାର ।

❤ମଣ୍ଡୁଆ,କେନ୍ଦୁଝର ଗଡ
ମୋ -୯୪୩୭୭୫୨୩୯୫



## ପାଉଁଶ ତଳର ନିଆଁ

### ଗୋଲୋକବିହାରୀ ବେହେରା

ପାଉଁଶ ତଳର ନିଆଁକୁ ଉଖାରି
ଲେଖୁଛି ଲୁହର କବିତା,
ତୁମର ସ୍ମୃତିରେ ନିଜକୁ ଫେଣ୍ଟିଛି
ଦୂର ରାଇଜରେ ରହିଥା।

ଆଖିର ସପନ ଛାତିର ସ୍ପନ୍ଦନ
ବାଟବଣା କରିବ ନାହିଁ,
ତୁମର ଆଶ୍ଲେଷ ଉଷୁମ ନିଃଶ୍ୱାସ
ମନେପଡ଼ି ଯାଉଛି ସହି।

ମନ ମରୀଚିକା ଖୋଜେ ମରୁଦ୍ୟାନ
ହୃଦୟେ ଆଦିମ ଉଲ୍ଲାସ,
ରାତ୍ରି ଗାଢ଼ ହେଲେ ଭଙ୍ଗା କାମନାରେ
ଛାଡୁଛି ରିକ୍ତ ଦୀର୍ଘଶ୍ୱାସ।

ଅକୁହା ଦୁଃଖରେ କୁହୁଳୁଛି ନିତି
ଟିକିଏ ସ୍ନେହ ସୁଖ ପାଇଁ,
ତୁମ ସ୍ନେହ ଶ୍ରଦ୍ଧା ମନେ ପଡେ ସହି
ଶୂନ୍ୟ ଆକାଶକୁ ମୁଁ ଚାହିଁ।

ତୁମେ ଥିଲ ମୋର ଆଶା ଭରସାର
ଅପରୂପ ଶୋଭା ଉଦ୍ୟାନ,
ତୁମେ ଗଲାପରେ ମୋ ସଂସାର ଆଜି
ପାଲଟି ଯାଇଛି ଶ୍ମଶ୍ମାନ।

❤ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଷଡ଼ଙ୍ଗୀ, ଢେଙ୍କାନାଳ
ମୋ : ୯୯୩୮୩୦୩୦୪୬



## ମନ୍ତେଇ

### ଡ. ଶୁଭେନ୍ଦୁ ମେହେର

ମନ୍ତେଇ........
କେବଳ ଏକ ନଈର ନାଁ ନୁହେଁ !

ମନ୍ତେଇ........
ସଭ୍ୟତାର କଥା କୁହେ,
ସଂସ୍କୃତିର କଥା କୁହେ
ଆଉ କୁହେ ପ୍ରକୃତିର କଥା ବି !
କାହିଁ କେଉଁ କାଳରୁ ପ୍ରକୃତିର ଛାତି ଚିରି
ବହି ଚାଲିଛି ଅନବରତ
ତା' କୋଳରୁ ତ ଏ ସଭ୍ୟତାର ଆରମ୍ଭ !

ମନ୍ତେଇ.........
ମୁଣ୍ଡଫଟା ଖରା ସହି
ମାଛ ମାନଙ୍କୁ ପହଁରା ଶିଖାଏ
ପକ୍ଷୀ ମାନଙ୍କୁ ଉଡ଼ାଣ ଦିଏ
ସକାଳର କଅଁଳ ଖରାକୁ ହଳଦୀ ମଖାଏ !
ସନ୍ଧ୍ୟା ଆକାଶରେ ରଙ୍ଗ ବୁଣେ
ଡ଼ଙ୍ଗାବାଲାର ଛାତିରେ ଦମ୍ଭ ଆଉ
ଓଠରେ ଜୀବନ ଯନ୍ତ୍ରଣାର ସଙ୍ଗୀତ ଭରେ।

ଲୁଣି ଓ ମଧୁର ପାଣିର ମିଶ୍ରଣରେ
ଅସୁମାରୀ ସ୍ୱପ୍ନ ବୁଣେ !

ମନ୍ତେଇ........
କଳକଳ ନାଦର ପ୍ରବାହମାନ ସ୍ରୋତ
ନାରୀ ଆଖିପରି
ତା' ଭିତରେ ଲୁହଥାଇ ବି
ସେ' ହସିପାରେ
କୁନି ଝିଅଟେ ପରି ଅଝଟ ହୁଏ
ଦୁଷ୍ଟାମୀ କରେ ପୁଣି
କୁଳୁକୁଳୁ ନାଦର ମଧୁର ମୂର୍ଚ୍ଛନାରେ
ପ୍ରକୃତିକୁ ବିଭୋର କରେ
ତଲ୍ଲୀନ କରେ...... !

ମନ୍ତେଇ..........
କବିର କଲମରେ ଅକ୍ଷର ଦିଏ
ପାହାଡି ଫୁଲକୁ ଖୋସାରେ ମାରେ
ପ୍ରେମିକାର କାନରେ କାନଫୁଲ ହୁଏ !
କଟିରେ ମେଖଳା ପିନ୍ଧେ
ପାଦରେ ପାଉଁଜି ବାନ୍ଧେ
ଶତ ଶୃଙ୍ଗାରେ ମନ୍ଦିପାରେ ସମାଜର ଛାତି
ଏବେ କିନ୍ତୁ......
ତା' ଛାତିରେ ଅସଂଖ୍ୟ ତାତି
ସେ' ଗାଁ ଠୁ ସହର
ସବୁଠି ଝରିବ ଝରେଇବ
ଛନ୍ଦ ଚପଳାର ପ୍ରେମଭଳି
ଅଭିଆଡ଼ିର ଚଞ୍ଚଳତା ନେଇ
କୋମଳ ଶିଶୁର ଚପଳତା ପରି ।।

❤ଯାଲୋଏ, ସୁବର୍ଣ୍ଣପୁର
ମୋ :୯୯୩୮୪୩୩୬୬୪

## ପ୍ରତାରଣା

### ଲୋକେଶ୍ୱର ପାଣ୍ଡେ

ପାଟିରେ ଅମୃତ
ଅନ୍ତରରେ ହଳାହଳ ବିଷ
କେମିତି ବୁଝିବି, ଭାଇ କି ଭଗାରି
ତୁମେ ଦିନରେ ଚାଂଦ ?
ରାତିରେ ସୂର୍ଯ୍ୟ।

ମିଛେ ମିଛେ ବିଭୋର ହେଲି
ଗାଇଲି ନାଚିଲି
ଦେଶ ସାରା କହିଲି
ତୁମେ ମୋର ପରମ ମିତ୍ର
ତୁମେ ହିଁ ମୋର ସଖା ସହୋଦର
ଜୀବନର ଜୀବନ
ତୁମ ବିନା ରଂଗ ହୀନ ଏ ନୀଳ ଆକାଶ।

କହିଲ -ପାଣିକୁ ନିଆଁ, ନିଆଁକୁ ପାଣି
ତାରାକୁ ଖରା, ଖରାକୁ ତାରା
କୁହୁଡ଼ି ବି ସାଜିଲା ସମୁଦ୍ର
ତଥାପି ନାହିଁ ପ୍ରତିବାଦ।

ଛାଇ ହେଇ ବୁଲିଲି
ପଥ ପ୍ରାନ୍ତ ଦେଶ ଭୁଲିଲି ଭୋକ ଶୋଷ
ମୁଁ କି ଜାଣି ଥିଲି - ଏତିକି କପଟ
ମଝି ନଈରେ
ମାଗିବ କଳିଜା, ହେବି ଛଟ ପଟ।

❤ମେଣ୍ଡିପାଲି,ଦଶପୁର,ବଲାଙ୍ଗୀର
ମୋ -୮୧୪୪୫ ୫୨୫୩୮

# ଭାଜପା ମହିଳା ମୋର୍ଚ୍ଚାର ବିଶାଳ ଜନ ଆକ୍ରୋଶ ପଦଯାତ୍ରା: ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ

ଝାରସୁଗୁଡ଼ା, ୨୭/୦୪ (ନି.ପ୍ର): ଭାରତୀୟ ଜନତା ପାର୍ଟି (ଭାଜପା) ଝାରସୁଗୁଡ଼ା ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ରବିବାର ଏକ ବିଶାଳ ଜନ ଆକ୍ରୋଶ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବିରୋଧୀ ଦଳଙ୍କ ଦ୍ୱାରା ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରାଯାଉଥିବା ଓ ମହିଳା ବିରୋଧୀ ଆଭିମୁଖ୍ୟ ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିବା ସୂଚନା ମିଳିଛି। ରବିବାର ସ୍ଥାନୀୟ ବେହେରାମାଲ ସ୍ଥିତ କିଷାନ ଛକରୁ ଶତାଧିକ ମହିଳା କାର୍ଯ୍ୟକର୍ତ୍ତାଙ୍କ ସହ ଏହି ପଦଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାପ୍ତ ହୋଇଥିଲା। ସେଠାରେ ଆନ୍ଦୋଳନକାରୀ ମହିଳାମାନେ ନିଜର ଆକ୍ରୋଶ ବ୍ୟକ୍ତ କରି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତଳିକା ଦାହ କରିଥିଲେ।

ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହିତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୀନା ପଟେଲ, ବ୍ରଜରାଜନଗର ବିଧାନସଭା ସଂଯୋଜିକା ସୁଜାତା ସେଠ, ଝାରସୁଗୁଡ଼ା ବିଧାନସଭା ସଂଯୋଜିକା ପଦ୍ମିନୀ ପଟେଲ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, ବ୍ରଜରାଜନଗର କାଉନସିଲର ଉଷାରାଣୀ ଚାନ୍ଦ, ବରିଷ୍ଠ କାର୍ଯ୍ୟକର୍ତ୍ତା ତିଳୋତ୍ତମା ଛତ୍ରାନ ଓ ନଳିନୀ ପ୍ରଧାନ ସହିତ ପ୍ରେମସେନ ରାୟ ଓ ବିମଳେନ୍ଦୁ ଭୋଲ ଆଦି ଉପସ୍ଥିତ ଥିଲେ।

ଏହି ଅବସରରେ ନେତୃବୃନ୍ଦ କହିଥିଲେ ଯେ, କେନ୍ଦ୍ର ସରକାର ମହିଳାଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ବିଭିନ୍ନ ଐତିହାସିକ ପଦକ୍ଷେପ ନେଉଥିବା ବେଳେ ବିରୋଧୀ ଦଳ ଏହାକୁ ବିରୋଧ କରି ନିଜର ଅସଲ ମୁହଁ ପ୍ରକାଶ କରୁଛି। ନାରୀ ସମ୍ମାନ ଓ ଅଧିକାର ପାଇଁ ଭାଜପାର ଏହି ଆନ୍ଦୋଳନ ଆଗାମୀ ଦିନରେ ଆହୁରି ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ।

# ଜଳବାୟୁ ସୁରକ୍ଷା ପରିଷଦ ତରଫରୁ ଆରୋଗ୍ୟ ମିତ୍ର ତାଲିମ ଶିବିର

ଭଦ୍ରକ, ୨୭/୦୪ (ନି.ପ୍ର): ଭାରତ ସରକାରଙ୍କ ତରଫରୁ ନିଆରା ପ୍ରୟାସ,ଭଦ୍ରକ ଜିଲ୍ଲା ପଂଚାୟତ ସମ୍ବଳ ତାଲିମ କେନ୍ଦ୍ରଠାରେ ଜଳବାୟୁ ସୁରକ୍ଷା ପରିଷଦ ପକ୍ଷରୁ ଆରୋଗ୍ୟ ମିତ୍ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ସୁରକ୍ଷା ପରିଷଦର ମୁଖ୍ୟ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜ ସେବି ସୁରେଶ ସାମଲ,ଆରୋଗ୍ୟ ମିତ୍ର ଅନୁଷ୍ଠାନ ର ସମ୍ପାଦକ ଦୁର୍ଗା ଚରଣ ମିଶ୍ର,ଜଳବାୟୁ ସୁରକ୍ଷା ପରିଷଦ ସଦସ୍ୟ ଉତ୍କଳ କୁମାର ରାଉତ ଯୋଗଦେଇ ଅନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିବା କରି କାର୍ଯ୍ୟକ୍ରମ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଯୋଗ ଶିକ୍ଷକ ସୁରେଶ କୁମାର ନାୟକ ଓ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁର୍ବେଦିକ ଡାକ୍ତର ବିକ୍ରମ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରୋଗ ପାଇଁ ଯୋଗଏବଂ ଆୟୁର୍ବେଦିକ ଉପଚାର ନିତ୍ୟାନ୍ତ ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଉପସ୍ଥିତ ଥିବା ଆୟୁର୍ବେଦିକ ଡାକ୍ତର ବିକ୍ରମ ସାହୁ ବର୍ତମାନ ସମୟରେ ଯୋଗ ଏବଂ ଆୟୁର୍ବେଦ ବିଶଲ୍ୟ କରଣୀ ସଦୃଶ ବୋଲି ମତ ରଖିଥିଲେ। ଏହି ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ ଗ୍ରାମପଂଚାୟତରୁ ୪୦ ରୁ ଉର୍ଦ୍ଧ୍ୱ ଶିବିରାର୍ଥୀ ଯୋଗଦେଇଥିଲେ। ଏହି ତାଲିମ ଆଗାମୀ ଦିନରେ ଚାଲିବାକୁ ଥିବା ବେଳେ ଶିବିରାର୍ଥୀ ମାନେ ଯୋଗ ଓ ଆୟୁର୍ବେଦ ଚିକିତ୍ସା ନିଜନିଜ ଗ୍ରାମ ଓ ପଂଚାୟତରେ ଜନସାଧାରଣ ମାନଙ୍କୁ ଯୋଗ ଶିକ୍ଷା ଓ ଆୟୁର୍ବେଦ ଚିକିତ୍ସା ଯୋଗାଇବା ସହ ସଚେତନ କରିପରିବେ ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ

ମାଲକାନଗିରି, ୨୭/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦରମହକୁମା ପୂର୍ବତନ ବୋର୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ସଭାପତି ଦୁଷ୍ମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଓଡ଼ିଶାର ବରପୁତ୍ର ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ମହା ସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ମୁଖ୍ୟଅତିଥି ଭାବେ ମାଲକାନଗିରି ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ବାଲା ରାଜୁ ପାଢି ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଅତିଥି ମାଲକାନଗିରି ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଡ. ସରୋଜ କୁମାର ଦାଶ ପ୍ରମୁଖ ଗଜପତିଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ, ଧୂପ ଦୀପ ପ୍ରଜ୍ୱଳନ କରି ତାଙ୍କର ସଂକ୍ଷିପ୍ତ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉତ୍କଳ ସମ୍ମିଳନୀ ଶାଖା ସଭାପତି ଡ. ରଞ୍ଜନ କୁମାର ସ୍ୱାଇଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ତାରକ ମଣ୍ଡଳ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା, ଜଗବନ୍ଧୁ ସାହୁ, କେ. ଶିବଶଙ୍କର ପାତ୍ର, ଉପସଭାପତି ସୁରେନ୍ଦ୍ର ମଲ୍ଲିକ, ବାବାଜୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ଉପଦେଷ୍ଟା ଶ୍ରୀ ପଟ୍ଟନାୟକ ସମସ୍ତ ଅତିଥି ଓ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରୋ ପଂଚାୟତ କାର୍ଯ୍ୟାଳୟରୁ ଚୋରି ସାମଗ୍ରୀ ଜବତ : ୪ ଗିରଫ

ଭଦ୍ରକ, ୨୭/୦୪ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ବାରୋ ପଂଚାୟତ କାର୍ଯ୍ୟାଳୟରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା । ତିହିଡ଼ି ପୋଲିସ ଶନିବାର ଏହି ସାମଗ୍ରୀକୁ ଜବତ କରିବା ସହ ଚୋରିରେ ସମ୍ପୃକ୍ତ ଥିବା ୪ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଉଛନ୍ତି ବାରୋ ପଂଚାୟତ କଲ୍ୟାଣୀନଗର ଗ୍ରାମର ଜଗନ୍ନାଥ ଦାସ ଓ ପ୍ରଶାନ୍ତ କୁମାର ଦାଶ, ଝିଙ୍କିରିଆ ଗ୍ରାମର ଲମ୍ବୋଦର ଦାସ ଏବଂ ନନ୍ଦପୁର ଗ୍ରାମର ଗୋରା ସାହା । ପ୍ରକାଶ ଯେ ବାରୋ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ନଳକୂପ ଜଣେ ଠିକାଦାରଙ୍କ ମାଧ୍ୟମରେ ବସା ଯାଉଥିଲା । କାର୍ଯ୍ୟାଳୟରେ ନଳକୂପର ଯନ୍ତ୍ରାଂଶ ସହ ଅନ୍ୟ ସାମଗ୍ରୀ ରଖାଯାଇଥିଲା । ଗତ ୨୩ତାରିଖରେ ସେହି ସାମଗ୍ରୀସବୁ ଚୋରି ହୋଇ ଯାଇଥିବା ଠିକାଦାର ମନୋଜ ରାୟ ଜାଣିବା ପରେ ତିହିଡ଼ି ଥାନାରେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ । ପୋଲିସ ଏହି ଘଟଣାରେ ଏକ ମାମଲା (ନଂ ୧୪୨/୨୬)ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା । ଆଇଆଇସି ଲୋପାମୁଦ୍ରା ନାୟକ ଚୋରମାନଙ୍କୁ ଠାବ କରି ଗିରଫ କରିବା ପରେ ସେମାନେ ସାମଗ୍ରୀ ସବୁକୁ ନନ୍ଦପୁର ବଜାର ସ୍ଥିତ ଏକ କବାଡ଼ିଆ ଦୋକାନରେ ବିକ୍ରି କରିଥିବା ପ୍ରକାଶ କରିଥିଲେ । ପରେ ପୋଲିସ ସେହି ଦୋକାନ ଉପରେ ଚଢ଼ାଉ କରି ଚୋରି ସାମଗ୍ରୀକୁ ଜବତ କରିଥିବା ଜଣାଯାଇଛି । ତେବେ ତଦନ୍ତ ପରେ ଜଗନ୍ନାଥଙ୍କ ନାଁରେ ପୂର୍ବରୁ ୨ଟି ମାମଲା ଥିବା ଆଇଆଇସି ନାୟକ ସୂଚନା ଦେଇଛନ୍ତି।

# ଶତବର୍ଷର ଓଡ଼ିଶାରେ ଭଦ୍ରକର ସ୍ମୃତି ଅନନ୍ୟ, ପ୍ରଥମ 'ବୈଶାଖୀ ମେଳା-୨୦୨୬' ଉଦ୍‌ଘାଟିତ

ଭଦ୍ରକ, ୨୭/୦୪ (ନି.ପ୍ର): ଭଦ୍ରକୀୟ ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ଅସ୍ମିତାର ଅନନ୍ୟ ମହାପର୍ବ ବୈଶାଖୀ ମେଳା ୨୦୨୬ ଆଜିଠାରୁ ଐତିହାସିକ ନେହେରୁ ଷ୍ଟାଡିୟମ୍ ପରିସରରେ ଆରମ୍ଭ ହୋଇଯାଇଛି। ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଶହେବର୍ଷର ଓଡ଼ିଶା- ୨୦୩୬ ଓ ଭଦ୍ରକ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଉଦଘାଟକ ଭାବେ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଓଡ଼ିଶା ଗଠନ ଶତବର୍ଷ ପୂର୍ତି ଆଡ଼କୁ ଅଗ୍ରସର ହେଉଥିବାବେଳେ ଭଦ୍ରକର ସଂସ୍କୃତି ଓ ସ୍ୱାଭିମାନ ସାରା ରାଜ୍ୟ ପାଇଁ ଏକ ମାର୍ଗଦର୍ଶକ ସଦୃଶ। ଆଜିର ବୈଶାଖୀ ମେଳା କେବଳ ଏକ ଉତ୍ସବ ନୁହେଁ, ବରଂ ଆମ କଳା, ସାହିତ୍ୟ ଓ ଐତିହ୍ୟକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବାର ଏକ ସାରସ୍ୱତ ସେତୁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେଇ କହିଲେ, ଭଦ୍ରକ ହେଉଛି ଏକ ସମୃଦ୍ଧ ସାଂସ୍କୃତିକ ପ୍ରାଣକେନ୍ଦ୍ର ଓ ଆଜିର ଏହି 'ବୈଶାଖୀ ମେଳା' ଜିଲ୍ଲାର ପୁରାତନ ଗୌରବକୁ ପୁନର୍ଜୀବିତ କରିବାର ଏକ ମାଧ୍ୟମ। ୨୦୩୬ ମସିହାର ବିକଶିତ ଓଡ଼ିଶା ଗଠନରେ ଭଦ୍ରକର ବୌଦ୍ଧିକ ଓ ସାଂସ୍କୃତିକ ଯୋଗଦାନ ଅପରିହାର୍ଯ୍ୟ ହେବ ବୋଲି ବିଶ୍ୱାସ। ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଡକ୍ଟର ଅମୂଲ୍ୟ କୁମାର ନାୟକ ଯୋଗଦେଇଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ସ୍ୱାଗତ ଭାଷଣରେ ଭଦ୍ରକର ଭୂମିକା ଓ ବିକାଶର ରୂପରେଖ ସମ୍ପର୍କରେ ଆଜି ଚିନ୍ତନ କରାଯିବାର ବେଳ ଉପଗତ ବୋଲି ମତବ୍ୟକ୍ତ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଭଦ୍ରକ ପୂଜ୍ୟପୂଜା ସଂସଦ ସମ୍ପାଦକ ରୂପକ ବିହାରୀ ରାୟ ଅତିଥି ପରିଚୟ ଓ ରଂଜିତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ତିହିଡ଼ି ସଂଗୀତ ମହାବିଦ୍ୟାଳୟର ଅଧକ୍ଷ ସୁଧାଂଶୁ ନାୟକ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧିବକ୍ତା ଗଦାଧର ବଳ, ସାହିତ୍ୟିକ ଶାନ୍ତନୁ ରାଉତ, ବସୁମିତ୍ରା ସାହୁ, ଲଲାଟେନ୍ଦୁ ମହାନ୍ତି, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଲକ୍ଷ୍ମୀକାନ୍ତ ବାରିକ୍, କବି ମାନସ ପଣ୍ଡା, କୈଳାସ ମହାପାତ୍ର, ସୁଶାନ୍ତ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ମନୋରଞ୍ଜନ ଦାସ, ଲୋକନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ବାରିକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ ଯେ, ଆଜିଠାରୁ ଆରମ୍ଭ ହୋଇ ଏହି ମେଳା ଆସନ୍ତା ମଇ ମାସ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ବିଭିନ୍ନ ମନୋହରି ଦୋକାନ ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ଷ୍ଟଲ୍, ହସ୍ତଶିଳ୍ପ ଓ କାରୁକାର୍ଯ୍ୟ, ଗୃହଉପକରଣ, ମହିଳାଙ୍କ ପ୍ରସାଧନୀ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷ ପ୍ରତିଷ୍ଠାନ, ଖେଳଣା ସାମଗ୍ରୀ ଓ ବିଭିନ୍ନ ଦୋଳି ଇତ୍ୟାଦି ପାଖରେ ଜନଗହଳି ଦୃଶ୍ୟମାନ ହୋଇଥିଲା। ଭଦ୍ରକର ସର୍ବପ୍ରଥମ ଐତିହ୍ୟସମ୍ପନ୍ନ ଓ ସଂସ୍କୃତିର ଏହି ମହାକୁମ୍ଭକୁ ଜିଲ୍ଲାବାସୀ ସ୍ୱାଗତ କରିବା ସହ ସମସ୍ତଙ୍କ ମଧ୍ୟରେ ଖୁବ୍ ଉତ୍ସାହ ପରିଲକ୍ଷିତ ହୋଇଛି।

# ଆନ୍ତର୍ଜାତୀୟ ବିହନ ଦିବସ ପାଳିତ : ବିହନ ସଂରକ୍ଷଣ ଓ କୃଷକ ସଶକ୍ତିକରଣ ଉପରେ ଆଲୋଚନା

ଝାରସୁଗୁଡ଼ା, ୨୭/୦୪ (ନି.ପ୍ର): ଝାରସୁଗୁଡା ଜିଲ୍ଲାର ଲଇକେରା ବ୍ଲକ ଅଧୀନସ୍ଥ ଅଇତାପଡ଼ା ଗ୍ରାମରେ ରବିବାର ସେୱା ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତୀୟ ବିହନ ଦିବସ ଉତ୍ସାହର ସହିତ ପାଳିତ ହୋଇଛି। ସେୱା ଅନୁଷ୍ଠାନ ଓ ଆଜିମ ପ୍ରେମଜି ଫାଉଣ୍ଡେସନଙ୍କ ସହଭାଗିତାରେ ପରିଚାଳିତ "ଆଗାମୀ ଚାଷୀ ପିଢ଼ିଙ୍କ ସଶକ୍ତିକରଣ" ପ୍ରକଳ୍ପ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିହନ ସଂରକ୍ଷଣ, ସ୍ୱଦେଶୀ ମଞ୍ଜିର ଗୁରୁତ୍ୱ ଓ କୃଷକ ସଶକ୍ତିକରଣ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଅଇତାପଡ଼ା ସହ ଆସପାସ ଗ୍ରାମର ଅନେକ ପୁରୁଷ ଓ ମହିଳା ଚାଷୀ ଏଥିରେ ଯୋଗଦେଇଥିଲେ। ପାରମ୍ପାରିକ ପ୍ରଣାଳୀରେ ବିହନ ସଂରକ୍ଷଣ, ଜୈବିକ ଚାଷ ପ୍ରଚଳନ ଓ ପରିବେଶ ସୁରକ୍ଷା ଉପରେ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। "ମଞ୍ଜି ବଂଚିଲେ ଜୀବନ ବଂଚିବ, ପୃଥିବୀ ହସିବ" ଓ "ଆଜିର ସଂରକ୍ଷଣ ଆଗାମୀର ସୁରକ୍ଷା" ପରି ସ୍ଲୋଗାନ୍ ମାଧ୍ୟମରେ ସ୍ୱଦେଶୀ ବିହନ ରକ୍ଷାର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା। ପ୍ରକଳ୍ପର ମୁଖ୍ୟ ପରିଚାଳକ ଆଶୁତୋଷ ପ୍ରସାଦ ଗଡନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୀବିକା ସଂଯୋଜିକା ହିମାଙ୍ଗିନି ବେହେରା, ଗୋଷ୍ଠୀ ସଂଗଠିକା ଚେତନା ନାୟକ, ରେଶ୍ମା ଖର୍ସେଲ, ପ୍ରୀତି ପାଣିଗ୍ରାହୀ, ସୁମି ନେଟି, ରୋଜି ସାହୁ, ପାର୍ବତୀ କିସାନ ଓ ସୀମା ଧୁରୁଆ ସହିତ ଗୋଷ୍ଠୀ ସଂଗଠକ ପ୍ରତାପ ଚନ୍ଦ୍ର ପଟେଲ, ଯଶୋବନ୍ତ ବେହେରା, ହରେଶ କିସାନ ଓ ଏମଆଇଏସ୍ ତୃପ୍ତି ନାୟକ ମୁଖ୍ୟତଃ ସହଯୋଗ କରିଥିଲେ।

# ଆଧାତ୍ମିକ ସମାବେଶରେ ଦୁଲିକୁଲା ଜୟପୁର

ଜୟପୁର, ୨୭/୦୪ (ନି.ପ୍ର): କୋରାପୁଟ ଜିଲା ଜୟପୁର ଦଶହରା ପଡିଆରେ ଆଜି ଆଧାତ୍ମିକ ସମାବେଶ ଅନୁଷ୍ଠିତ ହୋଇଛି । ଆଧାତ୍ମିକ ସମାବେଶରେ ଜୟପୁର ସହର ଦୁଲୁକିଛି । ହରି ନାମରେ ପରିବେଶ ଉତ୍ସବ ମୁଖ୍ର ହୋଇପଡିଛି । ପ୍ରଥମେ ଜୟପୁର ଜଗନ୍ନାଥ ମନ୍ଦିର ଠାରୁ ବିଶାଳ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଦଶହରା ପଡିଆ ଠାରେ ପହଂଚି ଥିଲା । ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁ ରାମ ମାଛ ଯୋଗଦେଇ ସଂକିର୍ତନ କରିଥିଲେ । ବିଧାୟକ ବାହିନିପତି ଯୋଗଦେଇ ଏକ ଲୋକ କଳା ଭବନ ଜୟପୁର ରେ ନିର୍ମାଣ କରିବାକୁ ଘୋଷଣା କରିଥିବା ବେଳେ କୋରାପୁଟ ବିଧାୟକ ମାଛ ଲୋକ କଳା ପାଇଁ ବାଦ୍ୟ ଯନ୍ତ୍ର, ପେନସନ, ଭାଗବତି ଟୁଙ୍ଗି ଆଦି ବ୍ୟବସ୍ଥା କରିବାକୁ ଘୋଷଣା କରିଥିଲେ । ଏହି ଶୋଭାଯାତ୍ରା ଓ ସମାବେଶ କୋରାପୁଟ ଜିଲାର ୧୪ଟି ବ୍ଲକ ଏବଂ ୪ଟି ଏନଏସି ଓ ପୌରାଚଂଳର ହଜାର ହଜାର ସଂକିର୍ତନ ମଣ୍ଡଳି ଯୋଗ ଦେଇଥିଲେ । ହଜାର ହଜାର ଲୋକଙ୍କ ସମାବେଶ ହୋଇଥିଲା । ଶ୍ରୀଶ୍ରୀ ଜଗନ୍ନାଥ ନାମ ସଂକୀର୍ତନ ଲୋକ କଳା ପରିଷଦ ଓଡିଶା ଦ୍ୱାରା ଏହି ସମାବେଶ ଆୟୋଜନ କରାଯାଇଥିଲା । ଲୋକକଳା ପରିଷଦର ରାଜ୍ୟ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ସଭାପତି କୃଷ୍ଣ ଚନ୍ଦ୍ର ପାଳ, ଜିଲା ସମ୍ପାଦକ ସୁଜିତ୍ କୁମାର ସାହୁ, ଉପ ସଭାପତି ରତ୍ନାକର ନାରାଜୀ, ବାବୁ ଭାଇ ବଜରଙ୍ଗୀ ପ୍ରମୁଖ ଉପସ୍ଥିତ ଥଲେ ।

# ଜନସାଧାରଣଙ୍କ ଦୁଆର ମୁହଁରେ ପ୍ରଶାସନ: ଜିଲ୍ଲାରେ ପ୍ରତି ସୋମବାର ଅନୁଷ୍ଠିତ ହେବ ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ମାଲକାନଗିରି, ୨୭/୦୪ (ନି.ପ୍ର): ଜନସାଧାରଣଙ୍କ ସମସ୍ୟାର ସମାଧାନକୁ ଅଧିକ ତ୍ୱରାନ୍ୱିତ ଓ ପ୍ରଭାବଶାଳୀ କରିବା ପାଇଁ ଜିଲ୍ଲା ପ୍ରଶାସନ ଏବେ ଏକ ଅଭିନବ ତଥା ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏବେ ପ୍ରତି ସୋମବାର ଦିନ ଜିଲ୍ଲାର ପ୍ରତି ଗ୍ରାମ ପଂଚାୟତ ସ୍ତରରେ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରିବାକୁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଲୋକମାନଙ୍କୁ ନିଜ ସମସ୍ୟା ପାଇଁ ଆଉ ଜିଲ୍ଲା ସଦର ମହକୁମାକୁ ଦୌଡ଼ିବାକୁ ପଡ଼ିବ ନାହିଁ, ବରଂ ପ୍ରଶାସନ ନିଜେ ଲୋକଙ୍କ ନିକଟରେ ପହଂଚିବ। ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ନିଜେ ନିର୍ଦ୍ଧାରିତ ପଂଚାୟତ ଗୁଡ଼ିକରେ ଉପସ୍ଥିତ ରହି ମିଳିତ ଅଭିଯୋଗ ଶୁଣାଣି କରିବେ। ସେହିପରି ସେହି ଦିନ ଏକା ସମୟରେ ଅନ୍ୟାନ୍ୟ ପଂଚାୟତ ଗୁଡିକରେ ଯେଉଁଠାରେ ଜିଲ୍ଲାପାଳ ଓ ଏସପି ନ ଯାଇଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ ଶୁଣାଣିର ନେତୃତ୍ୱ ନେବେ। ସେହିପରି ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ ନିକଟରେ ଜନସାଧାରଣ ନିଜର ଅଭିଯୋଗ ଜଣାଇ ପାରିବେ। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ତହସିଲଦାର, ପୋଲିସ ବିଭାଗ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶିବିରରେ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନର ଏହି ତତ୍ପରତା ଓ ସକ୍ରିୟତା ଦର୍ଶାଉଛି ଯେ, ସାଧାରଣ ଜନତାଙ୍କ ଅଭିଯୋଗର ପ୍ରଭାବଶାଳୀ ଏବଂ ସମୟାନୁବର୍ତୀ ସମାଧାନ ପାଇଁ ପ୍ରଶାସନ ପ୍ରତିବଦ୍ଧ। ଦୁର୍ଗମ ଅଂଚଳର ଲୋକମାନେ ଯେପରି ସହଜରେ ସରକାରୀ ସେବା ପାଇପାରିବେ, ସେଥିପାଇଁ ଏହାକୁ ଏକ ଜରୁରୀକାଳୀନ କାର୍ଯ୍ୟଭାର ଭାବେ ଗ୍ରହଣ କରାଯାଇଛି।

# ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ

ସୁବର୍ଣ୍ଣପୁର, ୨୭/୦୪ (ନି.ପ୍ର): ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡିଶା ଏବଂ ଜୟଦେବ ସଂସ୍କୃତି ବିକାଶ ପରିଷଦ,ଭାରତ ତରଫରୁ ପ୍ରଦତ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ ନୃପରାଜ ସାହୁ। କଟକ କଳା ବିକାଶ କେନ୍ଦ୍ରରେ ଅନୁଷ୍ଠିତ ଏକ ଭବ୍ୟ ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଓଡିଶା ଅପରାଧ ଶାଖା ଆଇ ଜି ଶ୍ରୀ ସାର୍ଥକ ଷଡ଼ଙ୍ଗୀ ମଧ୍ୟ ଆଜି ଏହି ସମ୍ମାନ ରେ ସମ୍ମାନିତ ହୋଇଥିବା ସୂଚନା ମିଳିଛି। ଓଡିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ନ୍ୟାୟମୂର୍ତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ତଥା ବର୍ତମାନ ଜାତୀୟ ମାନବାଧିକାର କମିଶନ ସଦସ୍ୟ,ମାନ୍ୟବର ସାଂସଦ ଯାଜପୁର ଶ୍ରୀ ରବି ନାରାୟଣ ବେହେରା ତଥା ପୂର୍ବତନ ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ଶଶୀଭୁଷଣ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ସମ୍ମାନ ପ୍ରଦାନ ଉତ୍ସବ କୁ ମହିମା ମଣ୍ଡିତ କରିଥିଲେ। ପ୍ରଶାସନିକ ସେବା ଜରିଆରେ ସମାଜରେ ତଳ ସ୍ତରରେ ଥିବା ଲୋକଙ୍କ ପାଖକୁ ପହଂଚି ସମସ୍ୟା ବୁଝି ତୁରନ୍ତ ସମାଧାନ କରିବା ଦିଗରେ ଡ ସାହୁଙ୍କ ଭୂମିକାକୁ ପଶଂସା କରାଯାଇଛି। ଜଣେ ସାରସ୍ୱତ ସାଧକ ଭାବରେ ମଧ୍ୟ ଡ ସାହୁ ବେଶ ପରିଚିତ। ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ବ୍ୟକ୍ତି ବିଶେଷଙ୍କୁ ଏହି ଅନୁଷ୍ଠାନ ୨୦୦୨ ମସିହାରୁ ସମ୍ବର୍ଦ୍ଧିତ ଏବଂ ସମ୍ମାନିତ କରି ଆସୁଛି। ରାଜ୍ୟ କଳା ଗବେଷଣା ଓ ସଂସ୍କୃତି ପରିଷଦ ଇତି ପୂର୍ବରୁ ଓଡିଶାର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କୁ ଉତ୍କଳ ନବରତ୍ନ ସମ୍ମାନରେ ସମ୍ମାନିତ କରି ସାରିଛି। ସେମାନଙ୍କ ମଧ୍ୟରେ ସଚ୍ଚି ରାଉତରାୟ, ରଘୁନାଥ ପାଣିଗ୍ରାହୀ, ଗିରିଧାରୀ ଗମାଙ୍ଗ, ଯାଦୁନାଥ ଦାଶ ମହାପାତ୍ର, ବିଶ୍ୱଭୂଷଣ ହରିଚନ୍ଦନ, ଜାନକୀ ବଲ୍ଲଭ ପଟନାୟକ, ପ୍ରଶାନ୍ତ ନନ୍ଦ, ପ୍ରଫୁଲ୍ଲ କର ପ୍ରମୁଖ ଅଛନ୍ତି।

ଏହି ସମ୍ମାନ ଜନକ ସମ୍ବର୍ଦ୍ଧନା ପାଇଁ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାର କୋଣ ଅନୁକୋଣରୁ ଜିଲ୍ଲାପାଳ ଡ ସାହୁଙ୍କୁ ଶୁଭେଚ୍ଛା ଜଣା ଯାଇଛି।

# କୁନିକୁନି ଶିଶୁମାନେ ଆଙ୍କିଲେ ମହାପ୍ରଭୁଙ୍କ ଜୀବନ୍ତ ଚିତ୍ର: ଭାଗ ନେଲେ ୪ଶହରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ

ପୁରୀ, ୨୭/୦୪ (ନି.ପ୍ର): ଶ୍ରୀଜଗନ୍ନାଥ ଭକ୍ତ ସମାଜ ପୁରୀ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଐତିହ,ପରମ୍ପରା, ନୀତିକାନ୍ତି ଓ ମହାପ୍ରଭୁଙ୍କ ପର୍ବପର୍ବାଣୀ ସମ୍ବନ୍ଧରେ ଶିଶୁମାନଙ୍କୁ ଅବଗତ କରାଇବା ପାଇଁ ଦାମୋଦର ରୋଡ୍ ସ୍ଥିତ ବେଟ୍ରିକ୍ସ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ସଭାପତି ଶଂକର୍ଷଣ ମଂଗରାଜଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତା ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବୈଦିକ ମନ୍ତ୍ର ପାଠ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପୁରୀର ପ୍ରାୟ ପ୍ରତ୍ୟେକ ବିଦ୍ୟାଳୟରୁ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଅଂଶ ଗ୍ରହଣ କରିଥିଲେ। କୁନିକୁନି ହାତରେ ପିଲାମାନେ ମହାପ୍ରଭୁଙ୍କ ଚିତ୍ର ଅଙ୍ଗନ, ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀମନ୍ଦିର ବିଷୟକ ପ୍ରବନ୍ଧ ଲିଖନ, ବକ୍ତୃତା, ସାଧାରଣ ଜ୍ଞାନ ଓ ଯୋଗ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଅନୁଷ୍ଠାନର ମାର୍ଗଦର୍ଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉତ୍କଳ ବିଦ୍ୱତ ପରିଷଦର ସଭାପତି ଡ. ମନୋଜ କୁମାର ରଥ, ସମାଜସେବୀ ଚକ୍ରଧର ମହାପାତ୍ର, ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ଫାଦର ବାପ୍ଟିଷ୍ଟ ଡିସୋଜା,ଫାଦର ବୁଲୁ ବୀରେନ୍ଦ୍ର କୁଜୁର, ବିଜୟ କୁମାର ବ୍ରହ୍ମା, କୃଷ୍ଣପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଚାରକ ଭାବେ ସାହିତ୍ୟିକ ଶ୍ରୀଯୁକ୍ତ ଶିବ ସୁନ୍ଦର ମିଶ୍ର, ଶିକ୍ଷାବିତ୍ ରେଣୁକା ମିଶ୍ର, ବିଜୟ କୁମାର ପଣ୍ଡା, ସଂଘମିତ୍ରା ଦାଶ, ଶିବପ୍ରସାଦ ମହାରଣା, ଧନଞ୍ଜୟ ଦାସ, ଯୋଗଗୁରୁ ରମାବଲ୍ଲଭ ମହାପାତ୍ର, ଡ. ଆଲୋକ କୁମାର ସ୍ୱାଇଁ ଏବଂ ବିଥିକା ମହାନ୍ତି ଯୋଗ ଦେଇଥିଲେ। ଶିଶୁ ସମାଚାରର ସଂପାଦକ ସୁକାନ୍ତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲା ବେଳେ, ଡ. ପ୍ରଦୀପ ଆଚାର୍ଯ୍ୟ, ସଂଯୁକ୍ତା ମହାପାତ୍ର, ଡ. ସ୍ନେହଲତା ମହାପାତ୍ର,ରଶ୍ମି ରଞ୍ଜନ ଶତପଥି , ଓମ୍ ପ୍ରଧାନ, ରଶ୍ମିତା ସାହୁ କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ସଂପାଦକ ଡ. ଶଶିକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋଁଡ଼ ସାଂସ୍କୃତିକ ସମାଜ ତରଫରୁ ଏକ ବନ୍ଧୁ ମିଳନ ସଭା ଅନୁଷ୍ଠିତ

କେନ୍ଦୁଝର, ୨୭/୦୪ (ନି.ପ୍ର): ରାଇପାଳ ପଲ୍ଲୀ ଅନ୍ତର୍ଗତ ରାଇପାଳ ଗ୍ରାମରେ ଗୋଁଡ଼ ସାଂସ୍କୃତିକ ସମାଜ କେନ୍ଦୁଝର ଓଡ଼ିଶା (ରାଜ୍ୟ ଗୌଡ଼ ସାଂସ୍କୃତିକ ସମାଜ ଦ୍ୱାରା ଅନୁବନ୍ଧିତ) ତରଫରୁ ଏକ ବନ୍ଧୁ ମିଳନ ସଭା ଅନୁଷ୍ଠିତ ହୋଇ ଥିଲା। ଉକ୍ତ ସଭାକୁ ରାଇପାଳ ପଲ୍ଲୀ, ବାଂଶଗଡ ପଲ୍ଲୀ, ମଧୁବନ ପଲ୍ଲୀ ଓ ଓସୁପୁରା ପଲ୍ଲୀର କର୍ମକର୍ତାମାନେ ଆୟୋଜନ କରିଥିଲେ। ନୂତନ ଜିଲ୍ଲା କମିଟି ସଭାପତି ପ୍ରଫୁଲ କୁମାର ସିଂହଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭହୋଇଥିଲା। ବାଂଶଗଡ ପଲ୍ଲୀର ବିଦ୍ୟାଧର ନାଏକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଲିନା ନାଏକ ଫୁଲ ତୋଡା ଓ ଉପଢୌକନ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପାଟଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ବର୍ତମାନ ନୂତନ ଜିଲ୍ଲା କମିଟିର ମୁଖ୍ୟ ଉପଦେଷ୍ଟା ଜଗନ୍ନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ସଭାରେ ବକ୍ତାଗଣ ନିଜ ନିଜ ମତାମତ ଉପସ୍ଥାପନା କରିଥିଲେ। କୁନି ଝିଅ ମାନେ ନୃତ୍ୟ ପରିବେଷଣ କରି ଅତିଥି ମାନଙ୍କୁ ଆପ୍ୟାୟିତ କରିଥିଲେ। ଆନନ୍ଦପୁର ବ୍ଲକ୍ ସଭାପତି ଭାବେ ବାଂଶଗଡର ଅଜୟ କୁମାର ନାଏକ ଙ୍କୁ ନିର୍ବାଚିତ କରା ଗଲ ଗଲା। ଆନନ୍ଦପୁର ବ୍ଲକର ଯୁବ ସଂଗଠନ ସଭାପତି ଭାବେ ରାଇପାଳ ଗ୍ରାମର ଶଶୀଭୂଷଣ ନାଏକ (ମୁନା)ଓ ନାରୀ ସଶକ୍ତିକରଣ ସଭାପତି ଭାବେ ଶଙ୍କରୀ ନାଏକଙ୍କୁ ନିର୍ବାଚିତ କରାଗଲା ।

# ପ୍ରଥମଥର ପାଇଁ ବାଲିଗୁଡ଼ା ବନଖଣ୍ଡରୁ ପୁରୀ ଗଲା ରଥ କାଠ

କନ୍ଧମାଳ, ୨୭/୦୪ (ନି.ପ୍ର): ଲାଗିଲା କାଳିଆର ଡୋରୀ । ଘୋଷ ଯାତ୍ରା ପାଇଁ ବାହାରିଲା କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡରୁ ରଥକାଠ । ପ୍ରଥମଥର ପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡର କୋଟଗଡ଼ ବନାଚଂଳରୁ ପୁରୀ ଅଭିମୁଖେ ବାହାରିଛି ରଥ ନିର୍ମାଣ ପାଇଁ ୪୦ ଫୁଟ ଲମ୍ବର ୨୩ ଖଣ୍ଡ ଧଉରା କାଠ । ଏହି ଅବସରରେ ଗତକାଲି କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରଣିତା ଦାସ, ଏସଡିପିଓ ସୁଭମ୍ ଭୋଷଲେ, ଡିଏଫ୍‌ଓ ଘନଶ୍ୟାମ ମହାନ୍ତଙ୍କ ସମେତ ସମସ୍ତ ବନ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ବାଲିଗୁଡ଼ା ଜଗନ୍ନାଥ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା କରି କାଠ ବୋଝେଇ ଟ୍ରଲରକୁ ସଂକୀର୍ତନ ଶୋଭାଯାତ୍ରାରେ ପାଛୋଟି ନେଇ ବିଦାୟ ଦେଇଛନ୍ତି ଅଂଚଳବାସୀ । ପ୍ରଥମଥର ପାଇଁ କନ୍ଧମାଳର ବାଲିଗୁଡ଼ା ବନଖଣ୍ଡରୁ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥ କାଠ ପ୍ରେରଣ କରିବାର ସୁଯୋଗ ମିଳିଥିବାରୁ ଆମେ ଧନ୍ୟ । ଜଗତର ନାଥ ଜଗନ୍ନାଥଙ୍କ କୃପାରୁ ଆମକୁ ଏହି ସୌଭାଗ୍ୟ ମିଳିଥିବାରୁ ଆମ ଜୀବନ ଧନ୍ୟ ହୋଇଗଲା ବୋଲି କହିଛନ୍ତି ଜିଲ୍ଲାପାଳ, ଡିଏଫଓଙ୍କ ସମେତ ଅଂଚଳବାସୀ । ସେପଟେ ପ୍ରଥମ ଥର ପାଇଁ ବାଲିଗୁଡ଼ା ଅଂଚଳରୁ ପୁରୀ ଘୋଷ ଯାତ୍ରା ନିମନ୍ତେ କାଠ ଯାଉଥିବାରୁ ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ଏବଂ ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା ।

# ଡିପିପୁର ସମବାୟ ସମିତିର ଧାନକ୍ରୟ କେନ୍ଦ୍ର ନିର୍ମାଣ ପାଇଁ ୬୭.୦୦ ଲକ୍ଷ ଟଙ୍କା ମଂଜୁର କଲେ ରାଜ୍ୟ ସରକାର

ଜଳେଶ୍ୱର, ୨୭/୪ (ନି.ପ୍ର): ରାଜ୍ୟ ସରକାର ଆର୍ଥିକ ବର୍ଷ ୨୦୫-୨୬ ରେ , ଜଳେଶ୍ୱର ବ୍ଲକ ରେ ଥିବା ଡି ପି ପୁର ସମବାୟ ସମିତିର ଧାନ କ୍ରୟ କେନ୍ଦ୍ର ନିର୍ମାଣ ପାଇଁ ୬୭ .୦୦ ଲକ୍ଷ ଟଙ୍କା ମଂଜୁର କରିଛନ୍ତି । ଉକ୍ତ କାର୍ଯ୍ୟ ସଂପାଦନ କରିବା ପାଇଁ ରାଜ୍ୟ ସରକାରଙ୍କ ରାସ୍ତା ଏବଂ ଗୃହ ବିଭାଗ ଡିଭିଜନ -୨ ବାଲେଶ୍ୱରଙ୍କୁ ଦାୟିତ୍ୱ ଦେଇଛନ୍ତି । ବିଭାଗ ଦ୍ୱାରା ଟେଣ୍ଡର ପ୍ରକ୍ରିୟା ମଧ ସମାପ୍ତ ହୋଇସାରିଛି , ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ , ଡି ପି ପୁର ସମବାୟ ସମିତିର ପରିଚାଳନା ପରିଷଦ ତରଫରୁ ବିଡ଼ିଓ ଜଳେଶ୍ୱର ମାଧ୍ୟମରେ ଜିଲ୍ଲାପାଳଙ୍କୁ ଅନୁରୋଧ ପତ୍ର ପ୍ରଦାନ କରାଯାଇଛି । ସମବାୟ ସମିତି ରେ ଏହି ଧାନ କ୍ରୟ କେନ୍ଦ୍ର ନିର୍ମାଣ ହେଲେ , ଚାଷୀ ଭାଇ ଭଉଣୀ ମାନେ ଅନେକ ସୁବିଧା ପାଇବେ, ଯେପରି ବସିବା ପାଇଁ ଜାଗା, ପାନୀୟ ଜଳ, ଶୌଚାଳୟ , କଂକ୍ରିଟ ଧାନ ଖୋଲା, ଗୋଦାମ ଗୃହ, କଂକ୍ରିଟ ଧାନ ମଣ୍ଡି, ଚାରିପାଖରେ ପାଚେରୀ ଓ ଅନନ୍ୟ ସୁବିଧା ସୁଯୋଗ ରହିଛି । ଡି ପି ପୁର ସମବାୟ ସମିତି ମାଧ୍ୟମରେ ସ୍ୱଳ୍ପ କାଳୀନ କୃଷି ଋଣ ପ୍ରଦାନ , ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ରେ ପଂଜିକୃତ ଚାଷୀଙ୍କ ଠାରୁ ଧାନ କ୍ରୟ , ମେମ୍ବର ଙ୍କ ଠାରୁ ଜମା ସଂଗ୍ରହ , ସାର ଓ କୀଟନାଶକ ଔଷଧ ବଣ୍ଟନ ଆଦି ସେବା ମେମ୍ବର ଙ୍କୁ ପ୍ରଦାନ କରାଯାଉଅଛି । ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବହୁତ ଜନ - କଲ୍ୟାଣକାରି ଯୋଜନା ସମିତି ମାଧ୍ୟମରେ ସଫଳ ରୂପାୟନ କରାଯିବ । ରାଜ୍ୟ ସରକାର ଡି .ପି ପୁର ସମବାୟ ସମିତିକୁ ଏହି ଅର୍ଥ ରାଶି ମଂଜୁର କରିଥିବାରୁ ସମବାୟ ସମିତିର ପରିଚାଳନା ପରିଷଦ ତରଫରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରାଯିବ ସହିତ , ଜିଲ୍ଲାପାଳ , ବିଭାଗୀୟ ଅଧିକାରୀ , ସମିତି ଅଧୀନରେ ଥିବା ପଂଚାୟତ ପ୍ରତିନିଧି , ସମିତିର ମେମ୍ବର , ଜମାକାରୀ , ଓ ସମସ୍ତ ଚାଷୀ ଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି ।

## ପ୍ରଫେସର ଶରତ ଚନ୍ଦ୍ର ଦାସ ଓ ରଜନୀକାନ୍ତ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଉଦଳା, ୨୭/୪ (ନି.ପ୍ର): କପ୍ତିପଦା ଉପଖଣ୍ଡ ମଧ୍ୟରେ ଥିବା ବିଭିନ୍ନ ମହାବିଦ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଇଂରାଜୀ ବିଭାଗର ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ମାନଙ୍କୁ ନେଇ ଗଢ଼ିଉଠିଥିବା ସଂଘ ତରଫରୁ ପ୍ରଫେସର ଶରତ ଚନ୍ଦ୍ର ଦାସ ଓ ରଜନୀକାନ୍ତ ଦାସଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉଦଳା ମହାବିଦ୍ୟାଳୟ ପରିସରରେ ଇଂରାଜୀ ବିଭାଗ ଆନୁକୁଲ୍ୟରେ ଏହି ଅବସରରେ ଆୟୋଜିତ ସମାରୋହରେ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଅଧ୍ୟକ୍ଷତା କରି ଇଂରାଜୀ ଭାଷା ସାହିତ୍ୟ ପ୍ରତି କିପରି ଦିନକୁ ଦିନ ଜନାଦୃତ ହେବାରେ ଲାଗିଛି ବ୍ୟକ୍ତ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ମେଘାସନ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଫନିଭୂଷଣ ପୁଥାଳ ଓ ପଣ୍ଡିତ ରଘୁନାଥ ମୁର୍ମୁ କନିଷ୍ଠ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ମନୋରଂଜନ ବିହାରି ଅବସର ନେଉଥିବା ଦୁଇ ପ୍ରଫେସର ବନ୍ଧୁଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ଉଦଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ରେହେନା ସୁଲତାନା ମଂଚ ପରିଚାଳନା ଦାୟିତ୍ୱ ତୁଲାଇବା ସହ ଇଂରାଜୀ ଭାଷା ସାହିତ୍ୟକୁ ନେଇ ଗଢ଼ିଉଠିଥିବା ଏହି ସଂଘର ଶକ୍ତିକୁ ସୁଦୃଢ଼ କରିବାରେ ଶରତ ଚନ୍ଦ୍ର ଓ ରଜନୀକାନ୍ତଙ୍କ ଭୂମିକା କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଅଧ୍ୟାପକ ରବିନାରାୟଣ ମହାପାତ୍ର, ଜୟନ୍ତ କୁମାର ଜେନା, ଡ଼. ପ୍ରଫୁଲ କୁମାର ପଣ୍ଡା, ଅଧ୍ୟାପିକା ଗୀତାରାଣି ପାତ୍ର ଓ ଦେବି ନାୟକ ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଶେଷରେ ଅବସର ନେଉଥିବା ଦୁଇ ପ୍ରଫେସର ବନ୍ଧୁ ନିଜ କର୍ମମୟ ଜୀବନର ଅନୁଭବ ବ୍ୟକ୍ତ କରିବା ସହ ସଂଘ ତରଫରୁ ସମ୍ବର୍ଦ୍ଧନା ସ୍ୱରୂପ ପ୍ରଦାନ କରାଯାଉଥିବା ଉତରୀୟ, ଉପହାର ଓ ପୁଷ୍ପଗୁଚ୍ଛକୁ ଗ୍ରହଣ କରିଥିଲେ । ଡ଼. ଶତ୍ୟଜିତ ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ଶେଷର ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକୃତିକ ଚିକିତ୍ସା ସଚେତନତା ଶିବିର ଅନୁଷ୍ଠିତ




ନୀଳଗିରି , ୨୭/୪ (ନି.ପ୍ର): ଗତ ଶନିବାର ୨୫ ତାରିଖ ସାରୁପାଳ ସ୍ଥିତ ଅମୃତବାଣୀ ଗୁରୁକୁଳ ଶିକ୍ଷାକେନ୍ଦ୍ର ରେ ଏକ ପ୍ରକୃତିକ ଚିକିତ୍ସା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନେଚରପାଥିର ବିଶେଷଜ୍ଞ ଡାକ୍ତର ଚିତ୍ତରଞ୍ଜନ ସାହୁ ପ୍ରଶିକ୍ଷକ ଭାବେ ଯୋଗଦେଇ ଆଜିର ବ୍ୟୟବହୁଳ ଚିକିତ୍ସା କ୍ଷେତ୍ରରେ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ କିଭଳିଭାବେ ବିଭିନ୍ନ ରୋଗର ବିନା ମୂଲ୍ୟ ଅବା ସ୍ୱଳ୍ପଖର୍ଚ୍ଚରେ କିଭଳି ଭାବରେ ଆରୋଗ୍ୟ କରାଯାଇ ପାରିବ ଏନେଇ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ମନାରାଣୀ ପାଲିତ ସ୍ୱାଗତ ଅଭିଭାଷଣ ରଖିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମନୋରଞ୍ଜନ ସାହୁ, କେନ୍ଦ୍ରୀୟ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ୍ୟା ଶ୍ରୀମତୀ ବିନ୍ଦୁ ସେନ, ସାରଦା ନନ୍ଦନ ପାଲିତ, ଡକ୍ଟର କୁମାର ଚନ୍ଦ୍ର ମିଶ୍ର, ସମ୍ପାଦକ ଗୌରୀଶଙ୍କର ଦେ, ନରେନ୍ଦ୍ର ବାରିକ, ଅଜୟ କୁମାର ମହାପାତ୍ର, ଅମର କୁମାର ମହାପାତ୍ର, ସୁବର୍ଣ୍ଣକ୍ଷ ନନ୍ଦ, ଗତିକୃଷ୍ଣ ସିଂ ପ୍ରମୁଖ ଯୋଗଦାନ କରିଥିଲା ବେଳେ ଉକ୍ତ ଶିବିରରେ ଶିକ୍ଷାକେନ୍ଦ୍ର ସମସ୍ତ ଗୁରୁଜୀ ଗୁରୁମା ମାନେ ସହଯୋଗ କରିଥିଲେ।

## କୁଳଡିହା ଅଭୟାରଣ୍ୟରୁ ପକ୍ଷୀ ଶିକାରକରି ୪ଶିକାରୀ ଗିରଫ

ନୀଳଗିରି , ୨୭/୪ (ନି.ପ୍ର): ରାଜ୍ୟସରକାର କୁଳଡିହା ଅଭୟାରଣ୍ୟ ପାଇଁ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରାଯାଇ ଏଥିପାଇଁ ଅଧିକାରୀ ଏବଂ କର୍ମଚାରୀ ନିଯୁକ୍ତି କରାଯାଇଛି। ମାତ୍ର କୋଟିକୋଟି ଟଙ୍କା ବ୍ୟୟହେଉଥିଲେ ହେଁ ଉଦ୍ଦେଶ୍ୟ ଫଳପ୍ରଦ ହେଉନଥିବା ଦେଖାଯାଇଛି। ଶିକାରୀ ବାରମ୍ବାର ହାତୀ ସହିତ ଅନ୍ୟ ପଶୁପକ୍ଷୀ ଶିକାର ହେଉଥିଲେ ହେଁ କାଂ ଭାଂ ଶିକାରୀ ଧରାପଡୁଛନ୍ତି। ତେବେ ବିଗତ କିଛିଦିନଧରି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଫଳରେ ଅଧିକାଂଶ ଶିକାରୀ ଧରାହେଉଥିବା ପରିଲକ୍ଷିତ ହେଉଛି। ଆଜି ଔପଦା ବ୍ଲକ୍ ନୀଳଗିରି ଥାନା କାଣ୍ଡଗରଡି ଗ୍ରାମର ୪ଜଣ ଶିକାରୀ ଅଭୟାରଣ୍ୟରୁ ଶିକାରକରି ଫେରୁଥିବା ବେଳେ ବନବିଭାଗ ସେମାନଙ୍କୁ ଗିରଫ କରିଥିବା ରେଞ୍ଜର ସୁବ୍ରତ କୁମାର ବେହେରା ସୂଚନା ଦେଇଛନ୍ତି। ଗିରଫ ଶିକାରୀ ହେଲେ ମାୟାଧର ସିଂ(୩୯), ବୁଦ୍ଧିଆ ସିଂ (୫୭), ସୋହନ ସିଂ (୨୬), ମଙ୍ଗୁଳି ସିଂ(୩୬)। ସମସ୍ତ ଅଭିଯୁକ୍ତ କାଣ୍ଡଗରଡି ଗ୍ରାମର ହୋଇଥିବା ବେଳେ ସେମାନଙ୍କ ନିକଟରୁ ୬ଟି ମୃତପକ୍ଷୀ ଏବଂ ୨ଟିବାଟୁଳି, ଦୁଇଟି ଟର୍ଚ୍ଚ, ଦୁଇଟି ମୋବାଇଲ ସମେତ ପଥରଗୋଲା ଜବତ କରାଯାଇଥିବା ସୂଚନା ମିଳିଛି।

## ଜୀ ସାର୍ଥକରେ ମେ ୩ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ ପ୍ରଥମ ଥର ପାଇଁ ସୁପରହିଟ ଚଳଚିତ୍ର ଦେଖନ୍ତୁ 'ଚକ୍ରାନ୍ତ'




ଭୁବନେଶ୍ୱର, ୨୭/୪ (ନି.ପ୍ର): ଓଡ଼ିଶାର ପ୍ରତିଟି ଘରର ପ୍ରିୟ ମନୋରଞ୍ଜନ ଚ୍ୟାନେଲ 'ଜୀ-ସାର୍ଥକ' ସବୁବେଳେ ଦର୍ଶକଙ୍କ ପସନ୍ଦକୁ ଆଧାର କରି ନୂଆ ନୂଆ ଚଳଚ୍ଚିତ୍ର ଭେଟିଦେଇଛି । ସେହିପରି ଆସନ୍ତା ମେ ୩ ତାରିଖ ସନ୍ଧ୍ୟା ୬:୩୦ ମିନିଟରେ ଜୀ ସାର୍ଥକ ପରଦାରେ ପ୍ରଥମ ଥର ପାଇଁ ପ୍ରସାରିତ ହେବାକୁ ଯାଉଛି ନୂଆ ଓଡ଼ିଆ କ୍ରାଇମ୍-ଥ୍ରୀଲର ଚଳଚ୍ଚିତ୍ର 'ଚକ୍ରାନ୍ତ'। ଏହା ଏକ ସରଳ ନିରୀହ ଝିଅ ନୈନାର ସଂଘର୍ଷ, ସାହସ ଓ ନାରୀ ସଶକ୍ତିକରଣର ଏକ ପ୍ରେରଣାଦାୟକ କାହାଣୀ।
ନିଜର ସ୍ୱପ୍ନ ପୂରଣ କରିବାକୁ ଭୁବନେଶ୍ୱର ଆସିଥିବା ଏକ ନିରୀହ ଗାଁ ଝିଅ କିପରି ଏକ ହତ୍ୟା ମାମଲାରେ ଫସିଯାଏ ଏବଂ ନିଜ ପ୍ରେମିକ ଦ୍ୱାରା ପ୍ରତାରିତ ହୋଇ ଏକୁଟିଆ ହୋଇଯାଏ, ତାହା ଏହି ଫିଲ୍ମରେ ଦର୍ଶାଯାଇଛି। ହେଲେ ନୈନା ହାରିଯାଏ ନାହିଁ, ତେବେ କଣ ସେ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିପାରିବ ? ପ୍ରେମ, ପ୍ରତାରଣା, ଅପରାଧ ଏବଂ ମାନସିକ ଷଡ଼ଯନ୍ତ୍ରର ଏହି ରହସ୍ୟମୟ ତଥା ରୋମାଞ୍ଚକର କାହାଣୀ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିବ ଯେପରି ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିଲା ।
ଦିଶା ପାଢ଼ୀଙ୍କ କାହାଣୀ, ସୌରଭ ପାଢ଼ୀଙ୍କ ପ୍ରଯୋଜନା ଏବଂ ପିନୁ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ଶୁଭାଶିଷ ଶର୍ମା ଏବଂ ଭୂମିକା ଦାଶ। ଶୁଭାଶିଷଙ୍କ ଦମଦାର ଅଭିନୟ ଏବଂ ଭୂମିକାଙ୍କ ଭାବପୂର୍ଣ୍ଣ ପ୍ରଦର୍ଶନ ଫିଲ୍ମର ମୁଖ୍ୟ ଆକର୍ଷଣ। ଅନ୍ୟ ପ୍ରମୁଖ ଭୂମିକାରେ ହରିହର ମହାପାତ୍ର, ଜୟପ୍ରକାଶ ଚୌଧୁରୀ, ଶୁଭମ୍ ପାଢ଼ୀ ଓ ପ୍ରଦ୍ୟୁମ୍ନ ଲେଙ୍କା ନଜର ଆସିଛନ୍ତି ।
ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ସ୍ୱର୍ଗତଃ ଅଭିଜିତ ମଜୁମଦାର। ଏହି ଅବସରରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର୍ ଶ୍ରୀ ରାହୁଲ ରାଓ ଏକ ଭାବପ୍ରବଣ ବାର୍ତ୍ତା ଦେଇ କହିଛନ୍ତି, 'ସ୍ୱର୍ଗତଃ ଅଭିଜିତ ମଜୁମଦାରଙ୍କ ସଙ୍ଗୀତ ଏହି ଚଳଚ୍ଚିତ୍ରର ହୃଦୟ। ଏଥିରେ ତାଙ୍କର ସ୍ୱରବଦ୍ଧ ସଙ୍ଗୀତ ଦର୍ଶକଙ୍କ ମନକୁ ଛୁଇଁବ ଏବଂ ଆଖିରେ ଲୁହ ଆଣିଦେବ। ତାଙ୍କର ଅନୁପସ୍ଥିତିକୁ ଆମେ ଗଭୀର ଭାବେ ଅନୁଭବ କରୁଛୁ। ଓଡ଼ିଆ ସଙ୍ଗୀତ ଜଗତକୁ ତାଙ୍କର ଅମୂଲ୍ୟ ଅବଦାନ ପାଇଁ 'ଚକ୍ରାନ୍ତ' ଆମ ତରଫରୁ ତାଙ୍କ ପ୍ରତି ଏକ ଛୋଟ ଶ୍ରଦ୍ଧାଞ୍ଜଳି।'

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାହାନଗା, ୨୭/୪ (ନି.ପ୍ର): ଆଜି ସକାଳ ଘ: ୭ ଟିକା ସମୟରେ ବାଲେଶ୍ୱର ଜିଲ୍ଲାର ବାହାନଗା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବାହାନଗା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୫୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୯ ଗୋଟି ବ୍ୟକ୍ତିଗତ ଓ ୧୩ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୧ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ତଥା ଭାରପ୍ରାପ୍ତ ଉପ ଜିଲ୍ଲାପାଳ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସବୁ ଥାନାରେ...

ଏହି ସମ୍ବେଦନଶୀଳ ତଥା ଅତି ଗୁରୁତ୍ୱପୂର୍ଣ୍ଣ ଥାନାକୁ ନିଜ ହାରି ଗୁହାରି ନେଇ ଦୌଡ଼ି ଆସନ୍ତି ନିର୍ଯାତିତା, ପୀଡ଼ିତା । ହେଲେ ବିଡ଼ମ୍ବନା, ସେମାନଙ୍କ ଅଭିଯୋଗ ଶୁଣିବାକୁ ମହିଳା ଥାନାରେ ନାହାନ୍ତି ଜଣେ ବି ସବ୍‌ଇନ୍ସପେକ୍ଟର । କାଉନସେଲିଂ ଓ ତଦନ୍ତ ପାଇଁ ୮ ଜଣ ଏସ୍‌ଆଇଙ୍କ ଆବଶ୍ୟକତା ରହିଛି । କିନ୍ତୁ ଥାନାରେ ଅଛନ୍ତି କେବଳ ଜଣେ ଟ୍ରେନି ଏସ୍‌ଆଇ ଓ ଜଣେ ଏଏସ୍‌ଆଇ । ନିୟମ କହୁଛି, ଏଏସ୍‌ଆଇ ଦୁଷ୍କର୍ମ ଭଳି ମାମଲାର ତଦନ୍ତ ଦାୟିତ୍ୱ ନେଇପାରିବେ ନାହିଁ । ତେଣୁ ଗୋଟିଏ ପଟେ ନାରୀ ବିରୋଧୀ ଅପରାଧ ବଢ଼ିଚାଲିଥିବା ବେଳେ, ଅନ୍ୟପଟେ ମହିଳା ଥାନାରୁ ମହିଳାଙ୍କୁ କେମିତି ତ୍ୱରିତ ନ୍ୟାୟ ମିଳିବ, ତାହା ବଡ଼ ପ୍ରଶ୍ନ ହୋଇ ରହିଛି । କେବଳ ମହିଳା ଥାନା ନୁହେଁ, ପୂରା ରାଜ୍ୟରେ ଗତବର୍ଷ ଡିସେମ୍ବର ସୁଦ୍ଧା ଖାଲି ପଡ଼ିଛି ୧୭ ଶହ ୮୪ ସବ୍‌ଇନ୍ସପେକ୍ଟର ପଦ । କେବଳ କମିସନରେଟ୍ ପୁଲିସ ଅନ୍ତର୍ଗତ ଥାନାଗୁଡ଼ିକରେ ୨୩୭ ଏସ୍‌ଆଇ ପଦ ପୂରଣ ହୋଇନାହିଁ । କ୍ୟାପିଟାଲ ଥାନାରେ ୧୫ ଏସ୍‌ଆଇଙ୍କ ବଦଳରେ ଅଛନ୍ତି ମାତ୍ର ୬ ଜଣ । ପୁରୀ ଜିଲ୍ଲାରେ ୮୨, ରାଉରକେଲାରେ ୮୩, ମୟୂରଭଞ୍ଜ ଜିଲ୍ଲାରେ ୭୫, ଅନୁଗୁଳ ଜିଲ୍ଲାରେ ୭୦ ଏସ୍‌ଆଇ ପଦବୀ ଖାଲି ରହିଛି ।

### ନୂଆ ପୁଲିସ...

୧୯୯୩ ବ୍ୟାଚର ଆଇପିଏସ ଆର.ପି.କୋଚେ ଏବେ ଓଡ଼ିଶା ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି । ପୂର୍ବରୁ ସେ ଆଇନଶୃଙ୍ଖଳା, ଏଡିଜି ଭାବେ ନିଜ ଦକ୍ଷତା ଦେଖାଇଛନ୍ତି । ଏହାସହ ଏକାଧିକ ଜିଲ୍ଲାରେ ସଫଳତାର ସହ କାର୍ଯ୍ୟ କରିଛନ୍ତି ଏହି ବରିଷ୍ଠ ଅଧିକାରୀ । ତେଣୁ ନୂଆ ଡିଜି ଦାୟିତ୍ୱରେ ବରିଷ୍ଠତା, ଅଭିଜ୍ଞତା, ଦକ୍ଷତା ଓ ଅନୁଭବକୁ ଗୁରୁତ୍ୱ ଦେଇ ଜଣକୁ ବାଛିବେ ସରକାର । ଯିଏ ସରକାରଙ୍କ ଭାବମୂର୍ତ୍ତି ସଜାଡିବା ସହ ରାଜ୍ୟର ଆଇନଶୃଙ୍ଖଳା ନିୟନ୍ତ୍ରଣ ସଠିକ୍ ଢଙ୍ଗରେ କରିପାରିବେ ।

### ୮ ନିଲମ୍ବିତ ବିଧାୟକଙ୍କ ସଭ୍ୟପଦ ...

ଚାବୁକ୍ ମାରି ଡରେଇବା ପାଇଁ ଏହା ପ୍ରୟାସ। ଯେମିତି ପାଣ୍ଡିଆନ୍‌ଙ୍କ ନେତୃତ୍ୱକୁ ସମସ୍ତେ ସ୍ୱୀକାର କରିବେ। ସୌଭିକ ମଧ୍ୟ ଜବାବ ରଖି ବର୍ଷିଛନ୍ତି। ସବୁଠାରୁ ବଡ ପ୍ରଶ୍ନ, ଏତେଦିନ ପରେ ବିଜେଡି କାହିଁକି ହଠାତ ଏଭଳି ଆକ୍ସନକୁ ଆସିଲା ? ରାଜ୍ୟ ସଭା ନିର୍ବାଚନରେ ଏକାଠି ହୋଇଥିଲେ ବିଜେଡି ଓ କଂଗ୍ରେସ। କଂଗ୍ରେସ କ୍ରସ୍ ଭୋଟିଂ କରିଥିବା ବିଧାୟକ ସୋଫିଆ ଫିର୍ଦ୍ଦୋସ, ରମେଶ ଜେନା ଓ ଦାଶରଥି ଗମାଙ୍ଗଙ୍କ ସଭ୍ୟ ପଦ ରଦ୍ଦ ପାଇଁ ବାଚସ୍ପତିଙ୍କ ନିକଟରେ ନିର୍ବାଚନ ପରେ ପରେ ଅଭିଯୋଗ କରିସାରିଛି। ଏବେ ବିଜେଡି ଏଭଳି ହାଇପ୍ କରି ସଭ୍ୟ ପଦ ରଦ୍ଦ ପାଇଁ ଆବେଦନ କରିବା ପଛର ଅସଲ ଉଦ୍ଦେଶ୍ୟ ଆଉ କିଛି ଭିନ୍ନ ନୁହେଁ ତ ? ଅପରପକ୍ଷେ ସମ୍ବିଧାନ ବିଶାରଦଙ୍କ ମତ ହେଲା, ରାଜ୍ୟସଭା ଭୋଟ୍ ବେଳେ ହ୍ୱିପ୍ କାମ କରି ନଥାଏ। ସଭ୍ୟ ପଦ ରଦ୍ଦ ନେଇ ବାଚସ୍ପତିଙ୍କ ପାଖରୁ ବିରୋଧୀ ସେଭଳି କିଛି ଆଶ୍ୱାସନା ନ ମିଳିପାରେ। ଏବେ ଦେଖିବାର କଥା ବିଜେଡିର ଏହି ସଭ୍ୟପଦ ରଦ୍ଦ ପଲିଟିକ୍ସ ଆଗକୁ କି ରୂପ ନେଉଛି।

### ଭାରତ-ନ୍ୟୁଜିଲାଣ୍ଡ...

ଯାହା ଫଳରେ ପଶମ, କାଠ, ମଦ, କିୱି, ସେଓ, ଚେରି, ଆଭୋକାଡୋ ଏବଂ ମଣୁକା ମହୁ ଭଳି ଉତ୍ପାଦ ଭାରତୀୟ ବଜାରରେ ଶସ୍ତା ହୋଇଛି । କୃଷକମାନଙ୍କ ଜୀବିକା ସୁରକ୍ଷା ପାଇଁ, ଭାରତ ଦୁଗ୍ଧ, ଚିନି, ପିଆଜ, ଡାଲି, ମସଲା, ଖାଦ୍ୟ ତେଲ ଏବଂ ରବର ଭଳି ସମ୍ବେଦନଶୀଳ କୃଷି କ୍ଷେତ୍ରଗୁଡ଼ିକୁ ଚୁକ୍ତିର ପରିସରରୁ ବାଦ୍ ଦେଇଛି କିମ୍ବା ସେମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ରିହାତି ପ୍ରଦାନ କରିନାହିଁ। ସ୍ଥାନୀୟ ଉତ୍ପାଦକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ କ୍ଷତି ଏଡାଇବା ପାଇଁ ସୀମିତ କୋଟା ମଧ୍ୟରେ କିୱି ଏବଂ ସେଓ ଭଳି କିଛି ଫଳ ଉପରେ ଶୁଳ୍କ ରିହାତି ମଧ୍ୟ ପ୍ରଦାନ କରାଯାଇଛି । ଏହି ଚୁକ୍ତିନାମାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଭାରତର ପାରମ୍ପରିକ ଚିକିତ୍ସା ପ୍ରଣାଳୀ, ଆୟୁଷ ଏବଂ ଯୋଗକୁ ସ୍ୱୀକୃତି। ଏହି ଚୁକ୍ତିନାମା ଅନୁଯାୟୀ, ଭାରତୀୟ ପାରମ୍ପରିକ ଔଷଧ ଏବଂ ସମ୍ପର୍କିତ ଔଷଧଗୁଡ଼ିକ ନ୍ୟୁଜିଲାଣ୍ଡ ବଜାରରେ ସରକାରୀ ସ୍ୱୀକୃତି ଏବଂ ପ୍ରବେଶ ପାଇବ। ଏହା ଭାରତୀୟ ଔଷଧ ଏବଂ ୱେଲନେସ୍ କମ୍ପାନିଗୁଡ଼ିକ ପାଇଁ ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି କରିବା ସହ ଭାରତୀୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବ । ଆକଳନ କରାଯାଉଛି ଯେ, ଏହି ଚୁକ୍ତିନାମା ଆଗାମୀ ୧୫ ବର୍ଷ ମଧ୍ୟରେ ଭାରତରେ ପ୍ରାୟ ୨୦ ବିଲିୟନ ଡଲାରର ବିଦେଶୀ ନିବେଶକୁ ଆକର୍ଷିତ କରିବ। ଏହି ନିବେଶ ଭିତ୍ତିଭୂମିକୁ ଉନ୍ନତ କରିବା ସହ ପ୍ରଯୁକ୍ତିବିଦ୍ୟା ଏବଂ ଗୁଣବତ୍ତା ମାନଦଣ୍ଡକୁ ବିଶ୍ୱ ସ୍ତରୀୟ କରିବାରେ ମଧ୍ୟ ସାହାଯ୍ୟ କରିବ। ସରକାରଙ୍କ ଅନୁସାରେ ଏହି ଚୁକ୍ତିନାମା ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଏକ ସୁରକ୍ଷିତ ଏବଂ ନିର୍ଭରଯୋଗ୍ୟ ବଜାର ପ୍ରଦାନ କରିବ । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତିନାମା ଉଭୟ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଭାରତ ଏହାର କୃଷି ଏବଂ ସମ୍ବେଦନଶୀଳ କ୍ଷେତ୍ରର ସୁରକ୍ଷା ସୁନିଶ୍ଚିତ କରିଥିବା ବେଳେ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ଏବଂ ଶିକ୍ଷାଗତ ସୁଯୋଗକୁ ବିସ୍ତାର କରି ଭବିଷ୍ୟତ ପାଇଁ ଏକ ଦୃଢ଼ ମୂଳଦୁଆ ମଧ୍ୟ ସ୍ଥାପନ କରିଛି। ଏହି ଚୁକ୍ତିନାମା କେବଳ ଡଲାର ବାଣିଜ୍ୟ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହା ଦୁଇ ଦେଶ ମଧ୍ୟରେ ବିଶ୍ୱାସ, ସହଯୋଗ ଏବଂ ସହଭାଗୀ ବିକାଶ ପାଇଁ ଏକ ରୋଡମ୍ୟାପ୍ । ସୂଚନାଯୋଗ୍ୟ,ଗତ କିଛି ବର୍ଷ ମଧ୍ୟରେ, ଭାରତ ଏହାର ବଜାର ବିବିଧତା ନୀତିର ଅଂଶ ସ୍ୱରୂପ ଅଷ୍ଟ୍ରେଲିଆ, ୟୁଏଇ, ୟୁକେ ଏବଂ ୟୁରୋପୀୟ ସଂଘ ସହିତ ଅନେକ ଚୁକ୍ତି ସ୍ୱାକ୍ଷର କରିଛି। ନ୍ୟୁଜିଲାଣ୍ଡ ସହିତ ଏହି ଚୁକ୍ତି ସେହି ରଣନୀତିର ଏକ ବିସ୍ତାର। ଏହା କେବଳ ଦ୍ୱିପାକ୍ଷିକ ବାଣିଜ୍ୟକୁ ତ୍ୱରାନ୍ୱିତ କରିବ ନାହିଁ ବରଂ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବରେ ଅଧିକ ଦୃଢ଼ ଭାବରେ ସ୍ଥାନିତ କରିବାକୁ ସକ୍ଷମ ହେବ ବୋଲି କୁହାଯାଉଛି ।

### ୧୯ଟି ଡିଭିଜନରେ ନିଆଁ ...

ହେଲେ ଗତ ବର୍ଷ ଅପେକ୍ଷା ଏଥର ଜଙ୍ଗଲ ନିଆଁ ନିୟନ୍ତ୍ରଣରେ ରହିଛି। ଗତ ବର୍ଷ ପ୍ରାୟ ୩୦ ହଜାର ପଏଣ୍ଟରେ ନିଆଁ ଲାଗିଥିବା ବେଳେ ଏଥର ଏହା ୨୦ ହଜାର ପଏଣ୍ଟରେ ପହଂଚିଛି। ଜଙ୍ଗଲ ନିଆଁ ଖବର ମିଳିବା ମାତ୍ରେ ୧୫ ମିନିଟରୁ ଅଧ ଘଣ୍ଟାଏ ଭିତରେ ନିଆଁ ଲିଭାଇବା ପାଇଁ ଉଦ୍ୟମ ହେଉଛି। ରେସ୍ପୋନ୍ସ ହାର ୯୯ ପ୍ରତିଶତ ରହିଛି। ବନ ବିଭାଗ କର୍ମଚାରୀଙ୍କ ଆନ୍ତରିକ ଉଦ୍ୟମ ଓ ବନ ସୁରକ୍ଷା ସମିତିର ସଜାଗ ଯୋଗୁଁ ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇପାରୁଛି ବୋଲି ସେ କହିଛନ୍ତି ।

## ପଞ୍ଚାୟତଠାରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଓ ଆମ ଅଙ୍ଗନୱାଡ଼ି କେନ୍ଦ୍ରକୁ ଫିତା କାଟି ଉଦ୍ଘାଟନ କଲେ ସରପଞ୍ଚ



ଖଇରା , ୨୭/୪ (ନି.ପ୍ର): ଖଇରା ବ୍ଲକ ଜନ ସାଧାରଣ ଓ ଦୁକାନ ଭାଇ ମାନଙ୍କ ଶ୍ୟାମ ସୁନ୍ଦରପୁର ଗ୍ରାମ ପଞ୍ଚାୟତଠାରେ ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ଜନସାଧାରଣଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଓ ପ୍ରଧାନ ମନ୍ତ୍ରୀ ଆଦର୍ଶ ଗ୍ରାମ କୃଷ୍ଣ ଦାସପୁରର ନୂତନ ଆମ ଅଙ୍ଗନ୍ୱ।ଡ଼ି କେନ୍ଦ୍ର କୁ ଶ୍ୟାମ ସୁନ୍ଦର ପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ବନିତା ପ୍ରଧାନ ଉଦଘାଟନ କରିଛନ୍ତି । ଏଥିରେ ନାଏବ ସରପଞ୍ଚ ସଂଜ୍ଞିତା ପାଳ, ପଞ୍ଚାୟତ ପିଇଓ ଅଶୋକ ପାତ୍ର, ଅଙ୍ଗନୱାଡ଼ି କର୍ମୀ ନଳିନୀ ପ୍ରଭା ପତି ଓ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ସଭ୍ୟ ଉପସ୍ଥିତ ଥିଲେ। ପଞ୍ଚାୟତ ବାସିଙ୍କ ଖୁସିର ଲହରି ଦେଖିବାକୁ ମିଳିଥିଲା।

## ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିବାପରେ ପ୍ରତାରଣା କଲେ ଯୁବକ

ବେତନଟୀ, ୨୭/୪ (ନି.ପ୍ର): ବେତନଟୀ ଥାନା ଇଲାକାର ଜନୈକା ୨୧ବର୍ଷିୟା ଯୁବତୀଙ୍କୁ ଯୁକ୍ତଦୁଇ ପାଠପଢିବା ସମୟରୁ ବିବାହର ପ୍ରତିଶୃତି ଦେଇ ବାରମ୍ବାର ଦୁଷ୍କର୍ମ କରିବାପରେ ପ୍ରତାରଣା ଦେବା ଅଭିଯୋଗରେ ସୋମବାର ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ଏତଲାକରିଣୀ ପୀଡିତାଙ୍କ ଅଭିଯୋଗ ଭୁବନେଶ୍ୱରରେ ଯୁକ୍ତଦୁଇ ପଢିବା ସମୟରୁ ଉଭୟଙ୍କ ମଧ୍ୟରେ ପରିଚୟ ସୃଷ୍ଟି ହୋଇଥିବା ବେଳେ ଧରେଧରେ ପ୍ରେମ ସମ୍ପର୍କ ଗଢିଉଠିଥିଲା । ସେବେଠାରୁ ବିବାହର ପ୍ରତିଶୃତିଦେଇ ଅଭିଯୁକ୍ତ ଯୁବକ ଜଣକ ବିଭିନ୍ନ ବାହାନାରେ ପୀଡିତାଙ୍କ ଗାଁକୁ ଆସି ଦୁଷ୍କର୍ମ କରୁଥିବା ବେଳେ ବିଭିନ୍ନ ହୋଟେଲକୁ ନେଇ ମଧ୍ୟ ଦୁଷ୍କର୍ମ କରିଥିବା ନେଇ ଏତଲାରେ ଦର୍ଶାଇଛନ୍ତି । ଏନେଇ ବେତନଟୀ ଥାନାରେ ୧୮୩ ନମ୍ବରରେ ଏକ ଦୁଷ୍କର୍ମଜନିତ ମାମଲା ରୁଜୁକରିବା ସହିତ ଏସଆଇ ମଦନମୋହନ ପରିଡା ତଦନ୍ତଭାର ଗ୍ରହଣ କରିଛନ୍ତି ।

# ଜଳେଶ୍ୱର ରେଳ ଷ୍ଟେସନରେ ୬ ଦଫା ଦାବି ନେଇ ପ୍ରତୀକ ଧାରଣା

ଜଳେଶ୍ୱର ୨୭/୦୪ (ନି.ପ୍ର) ଡଃ ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ସମାଜ କଲ୍ୟାଣ ବିକାଶ ପରିଷଦ ଜଳେଶ୍ୱର ର କର୍ମକର୍ତ୍ତା ଓ ବିଭିନ୍ନ ସଂଗଠନ ର ସଭାପତି ସମ୍ପାଦକ ଓ ଜନସାଧାରଣ ଯୋଗଦାନ କରି ଦାବି ଗୁଡିକ ସମ୍ପର୍କରେ ଆଲୋଚନା କରି ଡି ଆର ଏମ, ଖଡ଼ଗପୁର ଉଦ୍ଦେଶ୍ୟରେ ଖଡ଼ଗପୁର ରୁ ଆସିଥିବା ଡି ଆର ଏମ ଙ୍କ ରିପ୍ରେଜେଣ୍ଟେଟିଭ କମର୍ସିଆଲ ମ୍ୟାନେଜର ଓ ଷ୍ଟେସନ ମ୍ୟାନେଜର ଙ୍କ ହସ୍ତରେ ଦାବିପତ୍ର ପ୍ରଦାନ କରାଯାଇ ଥିଲା। ଦାବି ଗୁଡ଼ିକ ଯଥା: ଜଳେଶ୍ୱର ଷ୍ଟେସନ ଅମୃତ ଭାରତ ଯୋଜନା ରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ବ୍ୟବସ୍ଥା ମୁତାବକ କାର୍ଯ୍ୟ ନହେବାରୁ ଠିକ୍ ଭାବରେ କାର୍ଯ୍ୟ ପାଇଁ ଦାବି। ୪୬ ନମ୍ବର ଲେବୁଲକ୍ରସିଙ୍ଗ (ଜଳେଶ୍ୱର ପଶ୍ଚିମ ବାଡ ରାସ୍ତା) ନିକଟରେ ଓଭରବ୍ରିଜ୍ କିମ୍ବା ଅଣ୍ଡର ପାସ ତୁରନ୍ତ ନିର୍ମାଣ କାର୍ଯ୍ୟ ପାଇଁ ଦାବି। ଷ୍ଟେସନ ମଧ୍ୟରେ ୧୨ ମିଟର ଫୁଟ ଓଭରବ୍ରିଜ୍ କାର୍ଯ୍ୟ ଆରମ୍ଭ ହୋଇ ବନ୍ଦ ହୋଇ ଯାଇ ଥିବାରୁ ରେଳ ଯାତ୍ରୀ ମାନେ ୧ ନମ୍ବର ପ୍ଲାଟଫର୍ମ ରୁ ୨,୩ ଓ ୪ ନମ୍ବର ପ୍ଲାଟଫର୍ମକୁ ରେଳ ଟ୍ରାକ ମଧ୍ୟଦେଇ ଯାତାୟତ କରି ଦୁର୍ଘଟଣା ର ଶିକାର ହେଉଛନ୍ତି। ତେଣୁ ଫୁଟ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତ ଅତିଶୀଘ୍ର ବିକଳ୍ପ ବ୍ୟବସ୍ଥା ଗ୍ରହଣ ପାଇଁ ଦାବି। ଜଳେଶ୍ୱର ଷ୍ଟେସନ ମଧ୍ୟରେ ଦେୟମୁକ୍ତ ଶୌଚାଳୟ ନଥିବାରୁ ଯାତ୍ରୀ ମାନେ ଶୌଚ ହେବା ପାଇଁ ଅସୁବିଧା କୁ ଦୃଷ୍ଟିରେ ରଖି ପ୍ରତି ପ୍ଲାଟଫର୍ମ (୧,୨,୩,୪ ନମ୍ବର)ରେ ଦେୟମୁକ୍ତ ଶୌଚାଳୟ ନିର୍ମାଣ ନିମନ୍ତେ ଦାବି। ଜଳେଶ୍ୱର ରେଲୱେ ଷ୍ଟେସନ ବାଲେଶ୍ୱର ପରେ ସର୍ବବୃହତ ଷ୍ଟେସନ ହୋଇଥିବାରୁ ପଶ୍ଚିମବଙ୍ଗ, ମୟୂରଭଞ୍ଜ, ବାଲିଆପାଳ, ଭୋଗରାଇ ରୁ ପ୍ରତିଦିନ ୭ ରୁ ୮ ହଜାର ଲୋକ ଯାତାୟତ କରୁଥିବାରୁ ଏହି ଷ୍ଟେସନ ରେ ସମସ୍ତ ସୁପର ଫାଷ୍ଟ ଟ୍ରେନ ସହିତ ଏକ୍ସପ୍ରେସ ଟ୍ରେନ ରହଣୀ ପାଇଁ ଦାବି। ଲକ୍ଷ୍ମଣ ନାଥ ଠାରୁ ଭଦ୍ରକ ପର୍ଯ୍ୟନ୍ତ ସମସ୍ତ ଷ୍ଟେସନ କୁ ଏସ ସି ରେଲୱେ ଡିଭିଜନ ରୁ ଅଲଗା କରି , ଇଷ୍ଟ କୋଷ୍ଟ ରେଲୱେ ଡିଭିଜନ ରେ ମିଶାଇବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ।

# ନୀଳଗିରିରେ ଗୋ-ସମ୍ମାନ ଆହ୍ୱାନ ଅଭିଯାନ



ନୀଳଗିରି, ୨୭/୪ (ନି.ପ୍ର): ସାରା ରାଜ୍ୟରେ ଅପ୍ରେଲ ୨୭ ଓ ଜୁଲାଇ ୨୭ ତାରିଖକୁ ଗୋ ସମ୍ମାନ ଦିବସ ରୂପେ ପାଳନକରିବାକୁ ଗୋରକ୍ଷକ ସଦସ୍ୟ ସଦସ୍ୟା ମାନେ ଜନସାଧାରଣଙ୍କୁ ସଚେତନ କରିବାସହ ମହାମହିମ ରାଷ୍ଟ୍ରପତି, ମହାମହିମ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ତହସିଲଦାରଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗୋ ସମ୍ପଦ ଦିନକୁଦିନ ଲୋପପାଇବାକୁ ବସିଲାଣି। ଗୋ ସୁରକ୍ଷାପାଇଁ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଆଜି ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରୁ ସୁସଜ୍ଜିତ ବଳଦ ଓ କୁନିକୁନି ପିଲାଙ୍କୁ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ରଥରେ ବସାଇ ବିଭିନ୍ନ ସଂଗଠନର ଶତାଧିକ ସଦସ୍ୟ/ସଦସ୍ୟା ମାନେ ଗୋ ସମ୍ପଦ ସୁରକ୍ଷା ଓ ଗୋହତ୍ୟା ବନ୍ଦ କରିବାପାଇଁ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୋ ସମ୍ପଦ ସୁରକ୍ଷା ଓ ଗୋହତ୍ୟା ବନ୍ଦ କରିବାପାଇଁ ନୀଳଗିରି ତହସିଲଦାରଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ମହାମହିମ ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପଞ୍ଚାୟତରୁ ଦସ୍ତଖତ ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଏହି ଯାତ୍ରାରେ ଉତ୍ତମ କୁମାର ବିଶ୍ୱାଳ, ପ୍ରଶାନ୍ତ ବେହେରା ,ସ୍ୱାସିନୀ ଜି ,ସୁଧୀର ରଞ୍ଜନ ନାୟକ, ସୁକୁମାର ନାୟକ, ପୂର୍ଣ୍ଣ ଚନ୍ଦ୍ର ରାଉତ, ଶରତ କୁମାର ମହାପାତ୍ର , ଜୟନ୍ତୀ ପ୍ରଧାନ, ଶାନ୍ତି ମିଶ୍ର, ଉଦୟଦେବ ବେହେରା, ଜୟନ୍ତ ବାରିକ, କାର୍ତ୍ତିକ ଜେନା, ବ୍ରହ୍ମାନନ୍ଦ ଦାସ, ହୃଦୟାନନ୍ଦ ସରସ୍ୱତୀ, ଗୁରୁ ମହାରାଜ ଶ୍ରୀମନ୍ତ ଶିବାନନ୍ଦ ସରସ୍ୱତୀ, ତ୍ୟାଗୀ ସନ୍ତୋଷ ଗୁରୁ ମହାରାଜ ଶ୍ରୀମଦ୍ ନୃସିଂହ ବାବା ସମେତ ବହୁ ଗୋ ସମ୍ପଦ ରକ୍ଷକ ସାମିଲ ହୋଇଥିଲେ।

# ଶହୀଦ ସ୍ମୃତି ଭବନରେ 'ସାରିପୁଓ' ନାଟକ ମଂଚସ୍ଥ



ଭଦ୍ରକ, ୨୭/୪ (ନି.ପ୍ର): ଶହୀଦ୍ ସ୍ମୃତି ଭବନ ଭଦ୍ରକ (ଟାଉନ ହଲ୍) ଠାରେ ମଞ୍ଚସ୍ଥ ହୋଇଯାଇଛି ନାଟକ "ସାରିପୁଓ" । ନାଟ୍ୟ ଗୌରବ ପ୍ର. ଡ. ଅଟଳ ବିହାରୀ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକକୁ ଉଦ୍ଘାଟନ କରିଥିଲେ ମଂଚନାଟକ ଜଗତର ପିତାମହ ଭୀଷ୍ମ, ଉଭୟ ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ଏକାଡେମୀ ପୁରସ୍କୃତ ବରିଷ୍ଠ ନାଟ୍ୟକାର ସୁଧାକର ନନ୍ଦ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସଂଗୀତ ଏକାଡେମୀ ପୁରସ୍କୃତ ଷାଠିଏ ରାତିର ମୋଗଲ ସମ୍ରାଟ ଶଙ୍କର ବସୁ ମଲ୍ଲିକ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କା ମହୋଦୟା ଯୋଗ ଦେଇଥିଲେ । ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଭୂ ଚନ୍ଦନ ଜେନା, ପରିଚାଳନା ନିର୍ଦ୍ଦେଶକ, କଲ୍ୟାଣୀ ଗ୍ରୁପ୍ ଏବଂ କମ୍ପାନୀଜ୍ । ନିର୍ଦ୍ଧାରିତ ସମୟ ସୀମା ଭିତରେ ସଭା ଶେଷ ହେବା ପରେ ନାଟକ "ସାରିପୁଓ" ଆରମ୍ଭ ହୋଇଥିଲା ୭: ୩୦ ମିନିଟରେ ଏବଂ ଶେଷ ହୋଇଥିଲା ୯ଟାରେ । ଭରପୁର ପ୍ରେକ୍ଷାଳୟରେ ମନୋରଞ୍ଜନର ମଜା ନେଇଥିଲେ ପ୍ରିୟ ଦର୍ଶକଦର୍ଶିକା ବୃନ୍ଦ । ପୁରୁଷ ଭୂମିକାରେ ଅଭିନୟ କରିଥିଲେ ସନ୍ତୋଷ, ଶଶାଙ୍କ, ଅରବିନ୍ଦ, ଜିତୁ, ନିର୍ମଳ, ଭବେଶ । ନାରୀ ଭୂମିକାରେ ରୁବି, ରେବା ଓ ଆରାଧ୍ୟା ଅତିଥି କଳାକାର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସଂଗୀତ ଓ ନାଟକ ଏକାଡେମୀ ପୁରସ୍କୃତ ଅଭିନେତା ବିଜୟ କୁମାର ବହଳୀ, ଗୌରାଙ୍ଗ ବାରିକ, ଡ. ସୁଦର୍ଶନ ବାରିକ, ଋତୁରାଜ ଅକ୍ଷୟ, ସୁନନ୍ଦ ଦାସ । ଅଧ୍ୟାପିକା ଦେବସ୍ମିତା ମିଶ୍ର ପାଣିଗ୍ରାହୀଙ୍କ ସଙ୍ଗୀ ଓ କୁନି ନୃତ୍ୟଶିଳ୍ପୀ ଆଦ୍ୟାଶାଙ୍କ ନୃତ୍ୟରେ ଦର୍ଶକମାନେ ଝୁମି ଯାଇଥିଲେ । ସଂଯୁକ୍ତା ବଳ ନାୟକ, ଶ୍ରଦ୍ଧାଞ୍ଜଳୀ ମିଶ୍ର, ଅରୂପାନନ୍ଦ ଓ ଋତୁରାଜ ଅକ୍ଷୟ ମଂଚ ପରିଚାଳନା ଓ ସହାୟତା କରିଥିଲେ । ସ୍ୱାଗତ ଭାଷଣ ରଖିଥିଲେ ସଂଯୁକ୍ତା ବଳ ନାୟକ, କଳା ନିର୍ଦ୍ଦେଶନା ବାବୁ ନିରନ ଓ ବୈଷୟିକ ପରାମର୍ଶ ଦାତା ଭାବେ କାର୍ଯ୍ୟ କରିଥିଲେ ସଙ୍ଗୀତ ଓ ନାଟକ ପୁରସ୍କୃତ ନାଟ୍ୟଶ୍ରୀ ନିର୍ମଳ ରାଉତ । ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଯୁବ ଗୀତିକାର ଅରୂପାନନ୍ଦ । ଶେଷରେ ଶେଷ ସ୍ୱର୍ଶ ଦେଇଥିଲେ ଶ୍ରଦ୍ଧାଞ୍ଜଳୀ ମିଶ୍ର ।

## ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖୋର୍ଦ୍ଧା, ୨୭/୪ (ନି.ପ୍ର): ହିନ୍ଦୁ ସଂସ୍କୃତିର ଆରାଧ୍ୟା ଗୋମାତା ଙ୍କୁ ରାଷ୍ଟ୍ରୀୟ ସ୍ତରରେ ସମ୍ମାନ, ଗୋହତ୍ୟା ବନ୍ଦ ଦାବିରେ ଆଜି ସର୍ବ ଭାରତୀୟ ସ୍ତରରେ ସାଧୁସନ୍ଥ ମାନଙ୍କ ଡାକରା ଗୋ ସମ୍ମାନ ଅଭିଯାନ ଆୟୋଜନ କରାଯାଇଛି। ଏହି କ୍ରମରେ ଏହି ଅଭିଯାନ, ଖୋର୍ଦ୍ଧା ଶାଖା ପକ୍ଷରୁ ଏକାଧିକ ଗୋ ସେବକ ନୂଆ ବସଷ୍ଟାଣ୍ଡ ଠାରୁ ଗୋମାତାଙ୍କୁ ସାଥିରେ ଧରି ବିଶାଳ ଶୋଭାଯାତ୍ରାରେ ବାହାରି ତହସିଲଦାର ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟ ରେ ୫ହଜାର ରୁ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ଦାବିପତ୍ର ତହସିଲଦାର ଙ୍କୁ ପ୍ରଦାନ କରିଥିଲେ। ଗୋମାତାଙ୍କୁ ରାଷ୍ଟ୍ରୀୟ ସମ୍ମାନ, ଗୋହତ୍ୟା ବନ୍ଦ ଆଇନ କଡାକଡି କରିବାକୁ ସ୍ଲୋଗାନ ଦେଇଥିଲେ। ଏହି ଅଭିଯାନ ଖୋର୍ଦ୍ଧା ଆବାହକ ଗୋସେବକ ରାଧାମୋହନ ପ୍ରଧାନ ଙ୍କ ନେତୃତ୍ୱ ରେ ବିଶ୍ୱମ୍ଭର ଦାସ ମହାରାଜ ଯୋଗଦେଇ ଗୋମାତାର ସୁରକ୍ଷା, ସଂରକ୍ଷଣ, ସମ୍ବର୍ଦ୍ଧନ ହିନ୍ଦୁ ସମାଜ ଆଗକୁ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଭୁ ପ୍ରସାଦ ମଙ୍ଗରାଜ, ଅଜୟ ମାଝି, ଶୁଭଙ୍କର ପାଇକରାୟ, ସତ୍ୟଜିତ ବେହେରା, ଉଦିତ ପ୍ରହରାଜ, ଏସ ଏମ ଦିବ୍ୟ ପ୍ରକାଶ, କୌଶିକ ବରାଳ ଙ୍କ ସମେତ ଏକାଧିକ ଗୋସେବକ ଯୋଗଦେଇଥିଲେ।

# ତିହିଡିରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ



ଭଦ୍ରକ, ୨୭/୪ (ନି.ପ୍ର): ଭଦ୍ରକ ଜିଲ୍ଲାର ତିହିଡି ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୭୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୫୯ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୯ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୧ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୨୧ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା। ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ଜଣେ ଅଭିଯୋଗକାରୀଙ୍କୁ ମୋଟ ୫୦୦୦/- ଟଙ୍କା ମଞ୍ଜୁର କରାଯାଇଛି।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ ଦତ୍ତ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ ଏବଂ ଉପ-ଜିଲ୍ଲାପାଳ ଶ୍ରୀ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ସରପଞ୍ଚଙ୍କ ବାପା ପ୍ରଫୁଲ୍ଲ ଚନ୍ଦ୍ର ଗିରିଙ୍କ ଦେହାନ୍ତ

ଜଳେଶ୍ୱର, ୨୭/୪ (ନି.ପ୍ର): ଜଳେଶ୍ୱର ବ୍ଲକର ଶ୍ରୀରାମପୁର ପଞ୍ଚାୟତ ମାଳିପାଳ ଗ୍ରାମର ସରପଞ୍ଚ ଆଲୋକ କୁମାର ଗିରିଙ୍କ ବାପା ପ୍ରଫୁଲ୍ଲ ଚନ୍ଦ୍ର ଗିରିଙ୍କ ୮୪ ବର୍ଷ ବୟସରେ ଆଜି ମଧ୍ୟାହ୍ନ ୧.୩୦ ମିନିଟ ସମୟରେ ହଠାତ ଦେହାନ୍ତ ଘଟିଛି। ସେ ମାଳିପାଳ ସ୍କୁଲରୁ ୨୦୦୪ ମସିହାରେ ଶିକ୍ଷକତାରୁ ଅବସର ଗ୍ରହଣ କରିଥିଲେ। ଶ୍ରୀଯୁକ୍ତ ଗିରି ଜଣେ ସମାଜସେବୀ, ଆଦର୍ଶ ଶିକ୍ଷକ, ପରୋପକରି, ଧର୍ମ ପରାୟଣ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଅଶୋକ କୁମାର ଗିରି,ଆଲୋକ କୁମାର ଗିରି, ଦୀପକ କୁମାର ଗିରି, ଗୋଲକ ବିହାରୀ ଗିରି, ଝିଅ ଜ୍ୱାଇଁ ବନ୍ଧୁ ବାନ୍ଧବ, ଶ୍ରୀରାମପୁର ପଂଚାୟତ ର ଗଣ୍ୟମାନ୍ୟ ବ୍ୟକ୍ତି ମାନେ ଶେଷ ଦର୍ଶନ କରି ଥିଲେ।

10001/86/2627

## ଅଂଶୁଘାତ ସତର୍କତା

### ଲକ୍ଷଣ

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

### ସତର୍କତା

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



### ପ୍ରତିକାର

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR: 10001/10003/2/26-27/0007

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# ବାରିପଦାରେ ଜନ ଆକ୍ରୋଶ ମହିଳା ପଦଯାତ୍ରା



ବାରିପଦା , ୨୭/୪ (ନି.ପ୍ର): ନିକଟରେ ସଂସଦରେ ନାରୀ ସଂରକ୍ଷଣ ବିଲ (ନାରୀ ଶକ୍ତି ବନ୍ଦନ ଅଧିନିୟମ -୨୦୨୬) କୁ କଂଗ୍ରେସ, ବିଜେଡି, ଟିଏମସି, ଡିଏମକେ.. ପ୍ରଭୃତି ଇଣ୍ଡି-ମେଣ୍ଟ ଭୁକ୍ତ ଦଳଗୁଡିକ କରିଥିବା ବିରୋଧର ପ୍ରତିବାଦରେ ସୋମବାର ଦିନ ଏଠାରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଆୟୋଜିତ ହୋଇଯାଇଛି। ସ୍ଥାନୀୟ ମଧୁବନ ପଡିଆରୁ ବାହାରି ଛଉ ପଡ଼ିଆ ପର୍ଯ୍ୟନ୍ତ ଯାଇଥିବା ଏହି ଜନ ଆକ୍ରୋଶ ସୂଚକ ବିରାଟ ପ୍ରତିବାଦ ଶୋଭାଯାତ୍ରାରେ ବହୁସଂଖ୍ୟକ ମହିଳା ଭାଗ ନେଇଥିବା ଲକ୍ଷ୍ୟ କରାଯାଇଛି। ନାରୀ ଶକ୍ତିର ଜୟଗାନ ଓ ମହିଳା ବିଲର ବିରୋଧ କରିଥିବା ରାଜନୀତିକ ଦଳ ଗୁଡିକର ମୁର୍ଦ୍ଦାବାଦ କରୁଥିବା ଏହି ଶୋଭାଯାତ୍ରାକାରୀ ମାନେ ହାତରେ ଏହି ମର୍ମରେ ଲିଖିତ ପ୍ଲାକାର୍ଡ ମାନ ଧରିଥିବା ଦେଖାଯାଇଥିଲା। ଶୋଭାବତୀ ଓତା, ସୁଜାତା ମୁର୍ମୁ, ସିପ୍ରା ବାଜପେୟୀ, ବିଧାୟିକା ସଞ୍ଜଳି ମୁର୍ମୁ, ସୁମନ ସିଂ, କୌଶଲ୍ୟା ନାଏକ, ମମତା ମଣ୍ଡଳ, ସରୋଜିନୀ କିସ୍କୁ, ମମତା ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହାର ସଫଳତା ଦୃଷ୍ଟିରୁ ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ, ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ନବ ଚାରଣ ମାଝୀ, ବିଧାୟକ ଭାସ୍କର ମଢ଼େଇ, ବିଧାୟକ ପ୍ରକାଶ ସୋରେନ, ବିଧାୟକ ସନାତନ ବିଜୁଳି, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ, ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଡ. ବୁଦ୍ଧାନ ମୁର୍ମୁ, ବିଜେପି ଜିଲ୍ଲା ଉପସଭାପତି ପ୍ରଦୀପ ମହାନ୍ତି, ସାଧାରଣ ସମ୍ପାଦକ ପ୍ରବୀଣ ପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିବା ଦେଖାଯାଇଥିଲା।

# ଉଦଳାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର

## ଗୁହାରି ଜଣାଇଲେ ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଲୋକେ



ଉଦଳା, ୨୭/୪ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଖଡ଼ିଆ, ମାଙ୍କିଡ଼ିଆ ଓ ଲୋଧା ଜନଜାତିର ଭାଇ ଭଉଣୀ ମାନେ ଦୈନନ୍ଦିନ ଜୀବନରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟାକୁ ଆଜି ଏପ୍ରିଲ ୨୭ ତାରିଖ ସୋମବାର ଦିନ ଉଦଳା ଠାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ସମୟରେ ଲିଖିତ ଆକାରରେ ଜଣାଇଛନ୍ତି । ଏହି ଜନଜାତିର ଲୋକେ ବସବାସ କରୁଥିବା କେତେଗୁଡ଼ିଏ ଗ୍ରାମକୁ ସବୁଦିନିଆ ରାସ୍ତା ନଥିବା ବେଳେ କିଛି ଗ୍ରାମକୁ ବିଦ୍ୟୁତ ଲାଇନ ସଂଯୋଗ ହୋଇନାହିଁ । ସେହିପରି ପିଇବା ପାଣିର ସମସ୍ୟା ମଧ୍ୟ ଅନେକ ଗୁଡ଼ିଏ ଗ୍ରାମରେ ପରିଲକ୍ଷିତ ହେଉଛି । ଛାତ୍ର ଛାତ୍ରୀଙ୍କୁ ହଷ୍ଟେଲ ସିଟ ମିଳୁନଥିବା ଯୋଗୁଁ ବହୁ ପିଲା ପାଠପଢ଼ି ପାରୁ ନାହାଁନ୍ତି । ସାମାଜିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷାରୁ ମଧ୍ୟ ବହୁ ଲୋକ ବଂଚିତ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି ବୋଲି ସେମାନେ କହିଛନ୍ତି । କିଛି ଲୋକ ଭୂମିହୀନ ଥିବା ଯୋଗୁଁ ଆବାସ ଯୋଜନାରେ ଘର ପାଇପାରୁ ନାହାଁନ୍ତି । କାମ ମିଳୁନଥିବାରୁ ଲୋକେ ଦାଦନ ଖଟିବା ପାଇଁ ବାହାରକୁ ଯିବାକୁ ବାଧ୍ୟ ହେଉଥିବାର କଥା ଜଣାଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସମସ୍ତ ଅଭିଯୋଗକୁ ଶୁଣିସାରିବା ପରେ ବିଭାଗୀୟ ଅଧିକାରୀଙ୍କୁ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି । ରବି ମଲିକ ଓ ମାନି ସିଂ ଆଜିର ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିବା ବେଳେ ବହୁସଂଖ୍ୟାରେ ଭାଇ ଭଉଣୀ ଉପସ୍ଥିତ ରହି ସହଯୋଗ କରିଥିଲେ । ମୋଟ ୧୪୮ ଗୋଟି ଅଭିଯୋଗର ଶୁଣାଣି ଆଜି ଏହି ଶିବିରରେ ହୋଇଥିବାର ଜଣାଯାଇଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida